

ଯେଉଁ ବ୍ୟକ୍ତି ବା କୌଣସି ପଦାର୍ଥ ପ୍ରତି ଯାହାର ଆସକ୍ତି ଥାଏ, ତାକୁ ତ୍ୟାଗ କରିବା ଦ୍ୱାରା ତା'ର ଆନନ୍ଦ ଆସେ।
- ଈଶୋପନିଷଦ



## ସଂକ୍ଷେପରେ

### ନଭେମ୍ବର ମାସର ଅଭିଯୋଗ ଶୁଣାଣି

**ଯାଜପୁର ଅଫିସ,୩୧।୧୦:** ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ନଭେମ୍ବର ମାସର ଅଭିଯୋଗ ଶୁଣାଣି କାର୍ଯ୍ୟ ସ୍ଥିର ହୋଇଛି। ୨ତାରିଖରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ଠାରେ ସମାଧାନ ଶିବିର, ୫ତାରିଖରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷଠାରେ ମିଳିତ ଅଭିଯୋଗ ଶୁଣାଣି, ୧୨ତାରିଖରେ ବଡ଼ଚଣା ବ୍ଲକ କାର୍ଯ୍ୟାଳୟଠାରେ ମିଳିତ ଅଭିଯୋଗ ଶୁଣାଣି ଓ ମହାସମାଧାନ ଶିବିର, ୧୯ତାରିଖରେ ଧର୍ମଶାଳା ବ୍ଲକଠାରେ ମିଳିତ ଅଭିଯୋଗ ଶୁଣାଣି, ୨୬ତାରିଖରେ ଯାଜପୁର ବ୍ଲକ ବଡ଼ସୁଆର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ମିଳିତ ଅଭିଯୋଗ ଶୁଣାଣି ଓ କୃଷି ସମାଧାନ ଶିବିର ଅନୁଷ୍ଠିତ ହେବ ବୋଲି ଜିଲା ଅଭିଯୋଗ ପ୍ରକୋଷ୍ଠ ପକ୍ଷରୁ ପ୍ରକାଶ ପାଇଛି।

### ରାଷ୍ଟ୍ରୀୟ ଏକତା ଦିବସ ଶପଥ ପାଠ

**ଯାଜପୁର ଅଫିସ,୩୧।୧୦:** ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବୁଧବାର ରାଷ୍ଟ୍ରୀୟ ଏକତା ଦିବସ ଶପଥ ପାଠ ଅନୁଷ୍ଠିତ ହୋଇଛି। ଦେଶର ଏକତା, ଅଖଣ୍ଡତା ଏବଂ ସୁରକ୍ଷାକୁ ବଜାୟ ରଖିବା ପାଇଁ ଯଥାସାଧ୍ୟ ଉଦ୍ୟମ କରିବାକୁ ଉପସ୍ଥିତ ସମସ୍ତ ଅଧିକାରୀ ଓ କର୍ମଚାରୀ ଶପଥ ପାଠ କରିଥିଲେ। ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଦୂରଦର୍ଶିତାପୂର୍ଣ୍ଣ କାର୍ଯ୍ୟକୁ ପୁନଶ୍ଚ ସମ୍ଭବ କରିବାକୁ ତାଙ୍କ ଜନ୍ମ ତିଥିରେ ଏହି ଶପଥ ପାଠ କରାଯାଇଥିଲା। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଏଥିରେ ଅଧକ୍ଷତା କରିବା ସହ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର କାଜଲ ପ୍ରଧାନ, ସହକାରୀ ଜିଲାପାଳ ଅନୁପ ବେହେରା, ତିଲୋତ୍ତମା ପୃଷ୍ଟି, କ୍ରୀଡା ଅଧିକାରୀ ପଂକୀର ମୋହନ ଟୁଡୁ, ସ୍ୱଳ୍ପ ସଞ୍ଚୟ ଅଧିକାରୀ ଜ୍ଞାନ ରଞ୍ଜନ ସେଠୀ, ମୁଖ୍ୟ କିରାଣୀ ରଜନୀକାନ୍ତ ସାହୁ, ଲକ୍ଷ୍ମୀଧର ସଏ, ସୁଧାକର ପ୍ରଧାନ, ନିତ୍ୟାନନ୍ଦ ନାୟକ, ବିନୋଦ ସିଂ ସିଙ୍କୁ, ସତ୍ୟଜିତ୍ ନାୟକ ପ୍ରମୁଖ ଯୋଗଦେଇ ଶପଥ ପାଠ କରିଥିଲେ।

### ଷ୍ଟୋନ କ୍ରଶର ସିଜ୍ କଲା ପୋଲିସ

**କଳିଙ୍ଗନଗର, ୩୧।୧୦(ଡି.ଏନ୍.ଏ.):** କଳିଙ୍ଗନଗର ଅନ୍ତର୍ଗତ ଗୋଲା ଗ୍ରାମ ନିକଟରେ ଥିବା ଏକ ବେଆଇନ କ୍ରଶରକୁ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସିଜ୍ କରାଯାଇଛି। ବୁଧବାର ଦାନଗଦୀ ତହସିଲଦାର ବୁଲବୁଲ ବେହେରା କଳିଙ୍ଗନଗର ପ୍ରଦୂଷଣ ନିୟନ୍ତ୍ରଣ ଅଧିକାରୀ ପ୍ରମୋଦ କୁମାର ବେହେରା, କଳିଙ୍ଗନଗର ଥାନାଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ, ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କ ଉପସ୍ଥିତିରେ କ୍ରସରଟିକୁ ସିଜ୍ କରାଯାଇଥିଲା। ଦୀର୍ଘଦିନ ହେବ ସରକାରୀ ଜାଗାରେ କ୍ରସରଟି ଚାଲୁଥିଲା।

## ■ କାର୍ଯ୍ୟକାରୀ ହେଉନି ହାତୀ ଚଳାପଥ

# ଅବହେଳା ଆଣୁଛି ବିପଦ

**ଯାଜପୁର ଅଫିସ/ ଚଣ୍ଡିଖୋଲ(ଡି.ଏନ.ଏ.),୩୧।୧୦**

ହାତୀ ଚଳାପଥ (ଏଲିଫ୍ୟାଣ୍ଟ କରିଡର) ଏବଂ ହାତୀ ସଂରକ୍ଷିତ ଅଞ୍ଚଳ (ଏଲିଫ୍ୟାଣ୍ଟ ରିଜର୍ଭ) ଯୋଜନା କଟକ ଫରେଷ୍ଟ ଡିଭିଜନ ଅଞ୍ଚଳରେ ଠିକ୍ ଭାବେ କାର୍ଯ୍ୟକାରୀ ହେଉ ନାହିଁ। ଫଳରେ ଗ୍ରାମାଞ୍ଚଳରେ ବଣୁଆ ହାତୀଙ୍କ ଉପଦ୍ରବ ବୃଦ୍ଧି ପାଇବାରେ ଲାଗିଛି। ଏହାସହ ହାତୀ ମୃତ୍ୟୁ ସଂଖ୍ୟା ମଧ ବଢ଼ିବାରେ ଲାଗିଛି। ଯାହାକି ସମ୍ପ୍ରତି ବନବିଭାଗ, ପ୍ରଶାସନ ଓ ଜନସାଧାରଣଙ୍କ ପାଇଁ ମୁଣ୍ଡ ବିନ୍ଧାର କାରଣ ପାଲଟିଛି। ଦିନକୁ ଦିନ ହାତୀ ଉପଦ୍ରବ ବୃଦ୍ଧି ପାଇବା ଯୋଗୁ ଚାଷୀଙ୍କ ଧାନ କ୍ଷେତ ଓ ବାଡ଼ି ବଗିଚା ଉଜୁଡିବାରେ ଲାଗିଛି। କେତେକାଂଶରେ ହାତୀ ଆକ୍ରମଣରେ ଲୋକଙ୍କ ଜୀବନ ମଧ ଯାଉଛି। ବଡ଼ଚଣା ବ୍ଲକ ଅନ୍ତର୍ଗତ ଢେଙ୍କାନାଳ ଜିଲା ସୀମାନ୍ତବର୍ତ୍ତୀ ଅଞ୍ଚଳରେ ମଙ୍ଗଳବାର ୮୦ରୁ ଊର୍ଦ୍ଧ୍ୱ ହାତୀ ପଲ ବୁଲୁଥିବାର ସୂଚନା ମିଳିଛି। ଧାନ ପାଚିଲା ସମୟରେ ହାତୀଙ୍କ ଆଗମନ ଚାଷୀଙ୍କ ଚିନ୍ତାକୁ ବଢାଇ ଦେଇଛି। ଅନ୍ୟପକ୍ଷେ ଜଙ୍ଗଲ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଗତ ୫ବର୍ଷ ମଧ୍ୟରେ କଟକ ଫରେଷ୍ଟ ଡିଭିଜନ ଅଞ୍ଚଳରେ ୩ହାତୀଙ୍କ ମୃତ୍ୟୁ ହୋଇଛି। ଗତ ୨୭ ତାରିଖରେ ଯାଜପୁର ଜିଲା ପଡୋଶୀ ଢେଙ୍କାନାଳ ଜିଲାରେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ୭ ହାତୀଙ୍କ ଜୀବନ ଯାଇଛି। ଜଙ୍ଗଲ ବିଭାଗର ଅବହେଳା ଏବଂ ଆବଶ୍ୟକ ଅନୁସାରେ ଏଲିଫ୍ୟାଣ୍ଟ କରିଡରକୁ ଗୁରୁତ୍ୱ ଦିଆ ନ ଯିବା କାରଣରୁ ହାତୀପଲ ଗ୍ରାମାଭିମୁଖୀ ହେଉଥିବା ପରିବେଶବିତ୍‌ମାନେ ଅଭିଯୋଗ କରିଛନ୍ତି।

ମାତ୍ରାଧିକ କଳାପଥର ଖାଦାନ, ଖଣି କାରଖାନା, ଶିଳ୍ପ ପ୍ରତିଷ୍ଠା ଓ ରାସ୍ତାଘାଟ ନିର୍ମାଣ ଯୋଗୁ ସବୁଜ ବଳୟ ନଷ୍ଟ ହେବା ସହ ବନ୍ୟଜନ୍ତୁଙ୍କ ଆବାସସ୍ଥଳୀ ସଙ୍କୁଚିତ ହେବାରେ ଲାଗିଛି। ଏହିକ୍ରମରେ ୪୯୮୩ ବର୍ଗ କିମି ପରିମିତ କଟକ ଫରେଷ୍ଟ ଡଭିଜନ ଅନ୍ତର୍ଗତ ଜଙ୍ଗଲ ବିପଦରେ ପଡିଛି। ଏହି ଡିଭିଜନ ଅଧିନରେ ସମୁଦାୟ ୩୬୫୨୮.୪୭୮୮ ହେକ୍ଟର ଜଙ୍ଗଲ ମଧ୍ୟରୁ ୨୪୭୪ ହେକ୍ଟର ସଂରକ୍ଷିତ ଜଙ୍ଗଲ ରହିଛି। ଖାଲି ଜଙ୍ଗଲ ନୁହେଁ ଗୋଚର, ଶ୍ମଶାନ, ସିଲିଂଜମି ଓ ଚାଷଜମିକୁ କିସମ ବଦଳାଇ ଶିଳ୍ପପତିମାନେ କବ୍‌ଜା କରି ଚାଲିଛନ୍ତି। ଏହାଦ୍ୱାରା ଜଙ୍ଗଲ ପାଦଦେଶରେ ଥିବା ଜଳାଶୟଗୁଡିକ ଶୁଖିଯାଉଥିବାବେଳେ ଜଳସଙ୍କଟ ଉତ୍କଟ ରୂପ ଧାରଣ କରିବାରେ ଲାଗିଛି। ଏହାଦ୍ୱାରା ବଣୁଆ ହାତୀ ଗାଁ ମୁହାଁ ହୋଇ ଫସଲ ନଷ୍ଟ କରିବା ସାଙ୍ଗକୁ



■ଗ୍ରାମାଭିମୁଖୀ ଯୋଗୁ ବଢୁଛି ହାତୀ ମୃତ୍ୟୁ

■ହାତୀ ସଂରକ୍ଷିତ ଅଞ୍ଚଳକୁ ବି ମିଳୁନି ଗୁରୁତ୍ୱ

ହାତୀ-ମଣିଷ ବିବାଦ ତେଜୁଛି। ହାତୀପଲ କିପରି ଜନବସତି ମଧକୁ ନ ଆସି ଜଙ୍ଗଲ ମଧରେ ସୁରକ୍ଷିତ ଭାବେ ଚଳପ୍ରଚଳ କରିପାରିବେ ସେଥିପାଇଁ ରାଜ୍ୟର ବିଭିନ୍ନ ଜଙ୍ଗଲରେ ହାତୀ ଚଳାପଥ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏଥିପାଇଁ ଲକ୍ଷାଧିକ ଟଙ୍କା ଅନୁଦାନ ଆସୁଛି। ଏହି ଅନୁଦାନରେ ଜଙ୍ଗଲ ମଧରେ ଜଳାଶୟ, ଜଳଉତ୍ସର ପୁନଃରୁଦ୍ଧାର, ବିଦ୍ୟୁତ ତାରର ରକ୍ଷଣାବେକ୍ଷଣ, ହାତୀଙ୍କ ପାଇଁ ଉଦ୍ଦିଷ୍ଟ ଖାଦ୍ୟ ଗଛ ଲଗାଇବା, ହାତୀ କୌଣସି ବିପଦରେ ପଡିଥିଲେ ତାର ସୁରକ୍ଷା, ହାତୀଙ୍କ ସୁରକ୍ଷା ଦୃଷ୍ଟିରୁ ଗାତ ଖୋଳିବା, ଗ୍ରାମରେ ସଚେତନା ସୃଷ୍ଟି ଆଦି କାର୍ଯ୍ୟକ୍ରମ କରିବା ସହ କରିଡରରେ ମାଟି ପକାଯାଇ ବିଭିନ୍ନ ଚାରାଗଛ ଲଗାଇବା ନିୟମ ରହିଛି। ମାତ୍ର ସରକାରଙ୍କ ଆନ୍ତରିକତା ଅଭାବ ଯୋଗୁ କଟକ ଫରେଷ୍ଟ ଡିଭିଜନ(ସମଗ୍ର ଯାଜପୁର ଜିଲା, କେନ୍ଦ୍ରାପଡ଼ା ଜିଲାର କେନ୍ଦ୍ରାପଡା, ମାର୍ଶାଘାଇ, ଗରଦପୁର ଓ ଡେରାବିଶ ବ୍ଲକ, ଜଗତସିଂପୁର ଜିଲାର ଜଗତସିଂପୁର, ତିର୍ତ୍ତୋଲ, ରଘୁନାଥପୁର ଓ ବିରିଡି ବ୍ଲକ)ରେ ଏହି ଯୋଜନା କାର୍ଯ୍ୟକାରୀ ହୋଇ ପାରୁନାହିଁ। ଏହି ଡିଭିଜନରେ ସର୍ବାଧିକ ଯାଜପୁର ଜିଲାର ଜଙ୍ଗଲ ରହିଛି। ୬ଟି ରେଞ୍ଜ ମଧ୍ୟରୁ ଯାଜପୁର ଜିଲାରେ ୪ଟି ଯଥା ଡାଳିଯୋଡା, ସୁକିନ୍ଦା, ଟମକା ଓ ଯାଜପୁରରୋଡ ରେଞ୍ଜ କାର୍ଯ୍ୟାଳୟ ହୋଇଛି। ସେହିପରି ଏଲିଫ୍ୟାଣ୍ଟ ରିଜର୍ଭ କାର୍ଯ୍ୟକାରୀ କରାଯାଉ ନାହିଁ। ଏଭଳିସ୍ଥିତିରେ ହାତୀଙ୍କ ଜୀବନ ବିପଦରେ ରହିଛି। ଗତ ସେପ୍ଟେମ୍ବର ମାସ ୨ତାରିଖରେ ବୈରୀ ରେଞ୍ଜ ଅନ୍ତର୍ଗତ ସଫା ଜଙ୍ଗଲରେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଗୋଟେ ହାତୀର ଜୀବନ ଯାଇଥିଲା। ଅନୁରୂପ ଭାବେ ୨ବର୍ଷ ତଳେ ବୈରୀ ରେଞ୍ଜ ଅଧିନ ଚୌଦ୍ୱାର ସର୍କଲରେ ୨ହାତୀଙ୍କ ମୃତ୍ୟୁ ହୋଇଥିଲା। ତେବେ ଜିଲାରେ ଏପରି ଭାବେ ଜୈବ ବିବିଧତା ଧ୍ୱଂସ ପାଇବାକୁ ଯାଉଥିବାବେଳେ ଏହାର ସୁରକ୍ଷା ନିତାନ୍ତ ଅପରିହାର୍ଯ୍ୟ ହୋଇ ପଡିଛି। ନ ହେଲେ ଅଗାମୀ ଦିନରେ ହାତୀ କେବଳ ପ୍ରତିଛବିରେ ଦେଖିବାକୁ ମିଳିବ ବୋଲି ବୁଦ୍ଧିଜୀବୀ ତଥା ପରିବେଶପ୍ରେମୀମାନେ ମତବ୍ୟକ୍ତ କରୁଛନ୍ତି। ଏ ସଂକ୍ରାନ୍ତରେ ବୈରୀ ରେଞ୍ଜର ମନୋରଞ୍ଜନ ସ୍ୱାଇଁଙ୍କୁ ପଚାରିବାରୁ ଯାଜପୁର ଜିଲା ପାଇଁ ଏହି ଯୋଜନାରେ କୌଣସି ଅନୁଦାନ ଆସିପାରି ନ ଥିବାରୁ ଏଲିଫ୍ୟାଣ୍ଟ କରିଡର କିମ୍ବା ଏଲିଫ୍ୟାଣ୍ଟ ରିଜର୍ଭ ସୃଷ୍ଟି କରାଯାଇ ପାରି ନାହିଁ ବୋଲି କହିଛନ୍ତି।

### ଘରପୋଡ଼ି ପରେ ବି ମିଳୁନି ଆବାସ

**କୋରେଇ,୩୧।୧୦(ସ୍ୱ.ପ୍ର.):** ଅଗ୍ନିକାଣ୍ଡରେ କୋରେଇ ବ୍ଲକ ଅନ୍ତର୍ଗତ ସାଦକପୁର ପଞ୍ଚାୟତ ଫାଜଲପୁର ଗ୍ରାମର ସେଖ୍ ନାୱେଦ ଇକବାଲଙ୍କ ଘର ଗତ ମେ ୧୦ ତାରିଖରେ ପୋଡି ଯାଇଥିଲା। ଏଥିରେ ତାଙ୍କର ଧାନ, ଚାଏଳ ସମେତ ସମସ୍ତ ଆସବାବ ପତ୍ର ପୋଡି ପାଉଁଶ ହୋଇଯାଇଥିଲା। ହେଲେ ତାଙ୍କୁ ଅଦ୍ୟାବଧି ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇନାହିଁ। ଏସଇସିସି ତାଲିକାରେ ନାମ ନ ଥିବାରୁ ତାଙ୍କୁ ବିଜୁ ପକ୍କାଘର ଯୋଜନାରେ ସାମିଲ କରାଯାଇନାହିଁ। ଏ ସମ୍ପର୍କରେ କୋରେଇ ବିଡିଓ ବିହାରୀଙ୍କୁ ପଚାରିବାରେ, ତାଙ୍କର କୋଠା ଘର ଥିବାରୁ ତାଙ୍କୁ ବିଜୁ ପକ୍କା ଘର ଯୋଜନାରେ ସାମିଲ କରାଯାଇପାରିବ ନାହିଁ ବୋଲି କହିଛନ୍ତି।

### ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

**ରସୁଲପୁର,୩୧।୧୦(ଡି.ଏନ୍.ଏ.)–** ରସୁଲପୁର ବ୍ଲକ ଅନ୍ତର୍ଗତ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦୀପକ କୁମାର ଦାସଙ୍କୁ ବୁଧବାର ଡାକ୍ତରଖାନା ପକ୍ଷରୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଡାକ୍ତର ବିଶ୍ୱରଞ୍ଜନ କରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଦାୟୀ ଅଧିକାରୀ ଡାକ୍ତର ଦାସ ତାଙ୍କର ଅନୁଭୂତି ବଖାଣି ଥିଲେ। ଦାସ ଅବସର ନେବା ପରେ ଡାକ୍ତର ବିଶ୍ୱରଞ୍ଜନଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି।

## ■ ଏନ୍‌ସି କଲେଜ ହେବ ନବୀକରଣ

# ୩୪ କୋଟି ମଞ୍ଜୁର, ମାଷ୍ଟର ପ୍ଲାନ ପ୍ରସ୍ତୁତ

**ଯାଜପୁର ଅଫିସ,୩୧।୧୦**

ଯାଜପୁର ଜିଲାର ସର୍ବପୁରାତନ ନରସିଂହ ଚୌଧୁରୀ (ଏନ୍‌ସି କଲେଜର ନବୀକରଣ ହେବ। ଏହି କଲେଜର ମରାମତି ଓ ଉନ୍ନତିକରଣ ପାଇଁ ସରକାର ୩୪ କୋଟି ଟଙ୍କା ମଞ୍ଜୁର କରିଛନ୍ତି ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ଏହାସହ ଏହି ମହତ୍ କାର୍ଯ୍ୟ ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ା ବୋଲି ଯାଜପୁର ବିଧାୟକ ପ୍ରଣବପ୍ରକାଶ ଦାସ ପ୍ରକାଶ କରିଛନ୍ତି। ପୁରାତନ କଲେଜ ଭାବେ ଯେତିକି ପରିଚିତ ତାଠାରୁ ଏଠାରେ ପାଠ ପଢିଥିବା ଛାତ୍ରୀଛାତ୍ରଙ୍କ ଉଲ୍ଲେଖନୀୟ କୃତିତ୍ୱ ପାଇଁ ମଧ ଅଞ୍ଚଳ ଗୌରବାନ୍ୱିତ। ତେଣୁ ଏହାକୁ ଏକ ସୁନ୍ଦର, ଆକର୍ଷଣୀୟ ବିଶ୍ୱସ୍ତରୀୟ ଶିକ୍ଷାନୁଷ୍ଠାନରେ ପରିଣତ କରିବାକୁ ସମସ୍ତ ଉଦ୍ୟମ କରାଯାଉଛି। କଲେଜର କ୍ଲାସରୁମ, ଅଡିଟୋରିୟମ, ଲାବୋରେଟୋରୀ, କମନରୁମ ଇତ୍ୟାଦିକୁ ଅତ୍ୟାଧୁନିକ ଭାବେ ପ୍ରସ୍ତୁତ କରାଯିବ। କଲେଜର ସୌନ୍ଦର୍ଯ୍ୟକରଣ ସହ ଏହାର



ରକ୍ଷଣାବେକ୍ଷଣ, ସୁରକ୍ଷା ଇତ୍ୟାଦି ପାଇଁ ମଧ ବ୍ୟବସ୍ଥା କରାଯାଇଛି ବୋଲି ଜିଲାପାଳ ଦାସ ମତ ଦେଇଛନ୍ତି। ଏଥିପାଇଁ ମାଷ୍ଟରପ୍ଲାନ ପ୍ରସ୍ତୁତ ହୋଇଛି। ଏହା ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ପରିବେଶ ସୃଷ୍ଟି କଲା ଭଳି ପ୍ଲାନ୍ ପ୍ରସ୍ତୁତ ହୋଇଛି। ତେବେ ଏହା ଯେଉଁ ସ୍ତରର ହେଲେ ମଧ ଅଧକ୍ଷ, ଅଧ୍ୟାପକ, ଅଧ୍ୟାପିକା, ଛାତ୍ରୀଛାତ୍ର ଓ ସାଧାରଣ ଲୋକମାନଙ୍କର ସହଯୋଗ ଓ ସଦିଚ୍ଛା କଲେଜର ଗାରିମାକୁ ଅଧିକ ଋଦ୍ଧିମନ୍ତ କରିବ ବୋଲି ଜିଲାପାଳ ଆଶାବ୍ୟକ୍ତ କରିଛନ୍ତି। ଉନ୍ନତ ଶୈକ୍ଷିକ ବାତାବରଣ ସୃଷ୍ଟି ଫଳରେ ନୂତନ ପୀଢ଼ିଙ୍କ ବିକାଶ ହେବାସହ ଜିଲାପାଇଁ ନୂତନ ପ୍ରତିଭାବାନ ସମ୍ବଳ ଉପଲବ୍ଧ ହୋଇପାରିବେ ବୋଲି ଜିଲାପାଳ ଦାସ ମତ ଦେଇଛନ୍ତି। ଅନ୍ୟପକ୍ଷେ ଆବଣ୍ଟିତ ହେବାକୁ ଥିବା ୩୪ କୋଟି ଟଙ୍କା ଅନୁଦାନକୁ ଠିକାଦାରୀ ରାଜନୀତି ନ କରି ସଠିକ ଭାବେ ବିନିଯୋଗ କରି ପାରିଲେ ସରକାରଙ୍କ ମହତ ଉଦ୍ଦେଶ୍ୟ ପ୍ରତିପାଦିତ ହୋଇ ପାରିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

## ■ ଆଇନଜୀବୀଙ୍କ ଆନ୍ଦୋଳନ ତେଜିଲା

# ଆନ୍ଦୋଳନରେ ସାମିଲ ହେଲେ ଅଭିଯୁକ୍ତଙ୍କ ସମ୍ପର୍କୀୟ

**ଯାଜପୁର ଅଫିସ,୩୧।୧୦**

ଆଇନଜୀବୀଙ୍କ ଆନ୍ଦୋଳନ ପରିପ୍ରେକ୍ଷୀରେ ଯାଜପୁର ଜିଲାର ବିଭିନ୍ନ କୋର୍ଟପରିସରରେ ବୁଧବାର ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଏହି ଅବସରରେ ଯାଜପୁରରୋଡ ବାର ଆସୋସିଏଶନ, କଳିଙ୍ଗନଗର ଓ ବ୍ୟାସନଗର ବାର ଆସୋସିଏଶନର କର୍ମକର୍ତ୍ତାମାନେ ଯାଜପୁରରୋଡ କୋର୍ଟ ସମ୍ମୁଖରେ ଆନ୍ଦୋଳନ କରିବା ସହ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଜଣେ ଆଇନଜୀବୀ ରାଜେନ୍ଦ୍ର ବେହୁରାଙ୍କ ସମେତ ଜେଲରେ ବିଚରାଧିନ ଭାବେ ଜେଲଦଣ୍ଡ ଭୋଗୁଥିବା ୩ ଜଣ ଅଭିଯୁକ୍ତଙ୍କ ସମ୍ପର୍କୀୟ ଗୋକୁଳ ଚନ୍ଦ୍ର ପାତ୍ର, ଗିରିଧାରୀ ଦାସ ଓ ବଳରାମ ଦାସ ଲଣ୍ଡା ହେବାର ଦେଖାଯାଇଥିଲା। ଦୀର୍ଘ ଦୁଇମାସ ହେବ ଆଇନଜୀବୀମାନେ ଅନ୍ଦୋଳନ କରୁଥିବାରୁ କୋର୍ଟର ଶତାଧିକ ମାମଲା ବିଚାର ନ ହୋଇ ପଡ଼ି ରହିଛି। ଏପରିକି ସାମାନ୍ୟ ଘଟଣାରେ ଜେଲ୍ ହାଜତରେ ଥିବା ଅଭିଯୁକ୍ତମାନେ ବହୁ ହଇରାଣ ହରକତର ସମ୍ମୁଖୀନ ହେଉଛନ୍ତି। ଏଣୁ ବହୁ ଅଭିଯୁକ୍ତଙ୍କ ସମ୍ପର୍କୟମାନେ ମଧ ଏହି ଆନ୍ଦୋଳରେ ସାମିଲ ହୋଇ ଯାଜପୁରରୋଡ କୋର୍ଟ ସାମ୍ନାରେ ପ୍ରତିବାଦ କରିଥିଲେ। ଏହି ଆନ୍ଦୋଳନରେ ବ୍ୟାସନଗର ବାର ଆସୋସିଏଶନର ସଭାପତି ନାରାୟଣ ପତି, ସମ୍ପାଦକ ରବୀନ୍ଦ୍ର ନାୟକ, ଯାଜପୁରରୋଡ ବାର ଆସୋସିଏଶନର ସଭାପତି ସରୋଜ କର, ସମ୍ପାଦକ ଅଚ୍ୟୁତାନନ୍ଦ ଦାସ, କଳିଙ୍ଗନଗର ବାର ଆସୋସିଏଶନର ସଭାପତି ମନିନ୍ଦ୍ର ଧଳ, ସମ୍ପାଦକ ନବକିଶୋର ସାହୁ, ଜଗନ୍ନାଥ ପ୍ରସାଦ ପତି, ମଙ୍ଗୁଳିଚରଣ ସାହୁ, ନାରାୟଣ ଚନ୍ଦ୍ର ଧୀର, ଦେବକାନ୍ତ ସାହୁ, ଅରୁଣ ସାହୁ, ନୃସିଂହଚରଣ ପୁହାଣ, ଅନନ୍ତଚନ୍ଦ୍ର କର, କାଳନ୍ଦୀ ମିଶ୍ର, ସୁବାସ ନନ୍ଦ, ସୁବାସ ବଳସାମନ୍ତ ସମେତ ଶତାଧିକ ଆଇନଜୀବୀ ଉପସ୍ଥିତ ଥିଲେ।

**ଆଇନଜୀବୀଙ୍କ ସମେତ ୩ ଜଣ ଲଣ୍ଡା ହେଲେ**



ଆନ୍ଦୋଳନକୁ ସମର୍ଥନ କରି ଆଇନଜୀବୀ ଓ ଅଭିଯୁକ୍ତଙ୍କ ସମ୍ପର୍କୀୟ ଲଣ୍ଡା ହେଉଛନ୍ତି।

## ■ ଯାଜପୁର ପୋଲିସର ଅଜବ ନ୍ୟାୟ

# ବଡ଼ବଡ଼ିଆଙ୍କୁ ମାଫ, ତଳିଆଙ୍କୁ ଦଣ୍ଡ

**କୋରେଇ, ୩୧।୧୦(ସ୍ୱ.ପ୍ର.)**

ପୋଲିସ ବିଭାଗରେ ଉପରିସ୍ଥ ଅଧିକାରୀ ଦୋଷ କଲେ ଆଇନ ଅନ୍ଧ ହୋଇଯାଏ। ଏଭଳି ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ପାଣିକୋଇଲି ଥାନା ଅନ୍ତର୍ଗତ ଟୋଲଗେଟରେ କାର୍ଯ୍ୟରତ ଜଣେ ହୋମଗାର୍ଡଙ୍କ କ୍ଷେତ୍ରରେ। ସେ ପାଣିକୋଇଲି ଥାନାର ଦ୍ୱାରସ୍ଥ ହୋଇ ନିରାଶ ହେବା ପରେ ଯାଜପୁର ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅଭିଯୋଗ ପତ୍ରରେ ଦର୍ଶାଯାଇଥିଲା ଯେ, ପାଣିକୋଇଲି ଥାନା ପକ୍ଷରୁ ଗତ ୨୪ତାରିଖ ରାତ୍ରିରେ ରବି ପୂର୍ତ୍ତିଙ୍କୁ ଟୋଲ୍ ଗେଟରେ ନିୟୋଜିତ କରାଯାଇଥିଲା। ଏହି ସମୟରେ ଏକ ଆମ୍ବୁଲାନ୍ସ ଆଗରେ ଯାଜପୁରରୋଡ ଥାନାଧିକାରୀ ଅମିତାଭ ମହାପାତ୍ର ସାଦା ପୋଷାକରେ ଏକ ଘରୋଇ ଗାଡିରେ ଆସୁଥିଲେ। ରବି ତାଙ୍କୁ ଅଟକାଇ ଅନ୍ୟ ଲେନରେ ଯିବା ସହ ଆମ୍ବୁଲାନ୍ସକୁ ଛାଡିବାକୁ କହିଥିଲେ। ଏତିକିରେ ଥାନାଧିକାରୀ ମହାପାତ୍ର ଉତ୍‌କ୍ଷିପ୍ତ ହୋଇ ରବିଙ୍କୁ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିବା ସହ ମାଡ଼ ମାରିବାକୁ ଉଦ୍ୟମ କରିଥିଲେ। ଏସମ୍ପର୍କରେ ରବି ପାଣିକୋଇଲି ଥାନାଧିକାରୀଙ୍କଠାରୁ ଅନୁମତି ନେଇ ଏସ୍‌ପିଙ୍କୁ ଭେଟିବାକୁ ଅନୁରୋଧ କରିଥିଲେ। ହେଲେ ଜିଲା ପୋଲିସ କାର୍ଯ୍ୟାଳୟରେ ଏସ୍‌ପିଙ୍କୁ ଦେଖା କରିବାର ସୁଯୋଗ ମିଳି ନ ଥିଲା। ଘଟଣା ଦିନକୁ ଦିନ ଗଡ଼ି ଚାଲିବାରୁ ଏହା ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏପରି କି ଏହି ଘଟଣାକୁ ଭାଇରାଲ କରିଥିବା ଜଣେ ଯୁବକଙ୍କ ବିରୋଧରେ ମଙ୍ଗଳବାର ପାଣିକୋଇଲି ଥାନାରେ ଥାନାଧିକାରୀ ମହାପାତ୍ର ଅଭିଯୋଗ କରିଛନ୍ତି। ଏନେଇ ପାଣିକୋଇଲି ଥାନାରେ ଏକ ମାମଲା (ନମ୍ବର ୧୭୨/୨୦୧୮)ରୁଜୁ କରାଯାଇ ତଦନ୍ତାଧିନ ରହିଛି। କିନ୍ତୁ ରବି କରିଥିବା ଅଭିଯୋଗ ଉପରେ ଏଯାବତ୍ କୌଣସି ମାମଲା ରୁଜୁ ହୋଇପାରି ନାହିଁ। ବରଂ ଘଟଣାକୁ ଆପୋଷ ସମାଧାନ କରିବାକୁ ଜୋରଦାର ଚେଷ୍ଟା କରାଯାଇଛି। ଏହି ଘଟଣାକୁ ନେଇ ସାରା ଜିଲାରେ ଏବେ ଚର୍ଚ୍ଚାର ବିଷୟ ହୋଇଛି। ଜଣେ ନୀରିହ ତଳିଆ କର୍ମଚାରୀଙ୍କ ଅଭିଯୋଗକୁ ଗୁରୁତ୍ୱ ନ ଦେଇ ଥାନାଧିକାରୀଙ୍କୁ ଘଣ୍ଟଘୋଡା ଚାଲିଥିବା କୁହାଯାଉଛି। ତେବେ ବୁଧବାର ସନ୍ଧ୍ୟାରେ ଏସପି ଚରଣସିଂ ମୀନା ଏହି ଘଟଣା ଉପରେ ହସ୍ତକ୍ଷେପ କରିଥିବା ଜଣାପଡିଛି। ଉଭୟ ପକ୍ଷଙ୍କୁ ଏସପି ଅଫିସକୁ ଡାକି ମାମଲାର ତଦନ୍ତ କରିଥିବା ସୂଚନା ମିଳିଛି। ଏ ସଂକ୍ରାନ୍ତରେ ଯାଜପୁର ରୋଡ୍ ଥାନା ଅଧିକାରୀ ଅମିତାଭ ମହାପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି ଭୁଲ ବୁଝାମଣାରୁ ଏପରି ଘଟିଛି। ଯାହାକି ଅପୋଷ ସମାଧାନ ହୋଇ ସାରିଛି। ତାଙ୍କ ନାମରେ ସୋସିଆଲ ମିଡ଼ିଆରେ ଅସଭ୍ୟ ଭାଷାରେ ପୋଷ୍ଟ କରି ସମ୍ମାନହାନୀ ଘଟାଇ ଥିବା ସୁକିନ୍ଦା ଅଞ୍ଚଳର ଜଣେ ଯୁବକଙ୍କ ନାମରେ ଅଭିଯୋଗ କରାଯାଇଛି ବୋଲି ମହାପାତ୍ର କହିଛନ୍ତି।

### ଦୋକାନରୁ ଚୋରି, ଚୋର ଗିରଫ

**ରସୁଲପୁର,୩୧।୧୦(ଡି.ଏନ୍.ଏ.):** ରସୁଲପୁର ବ୍ଲକ ଅନ୍ତର୍ଗତ ମୂଳାପାଳ-ହରିପୁର ରାସ୍ତାର ମୁଗୁପାଳ ଛକ ନିକଟରେ ଥିବା ଭୂଷାମାଲ ଦୋକାନରୁ ମଙ୍ଗଳବାର ରାତିରେ ଚୋରି ହୋଇଯାଇଛି। ଦୋକାନୀଙ୍କ ସମେତ ଗାଁ ଲୋକେ ଦୋକାନ ନିକଟରେ ପହଁଚି ଦୁଇଜଣ ଚୋରକୁ କାବୁ କରିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଖସି ପଳାଇବାକୁ ସକ୍ଷମ ହୋଇଥିଲା। ରାଜେନ୍ଦ୍ରପୁର ପଞ୍ଚାୟତ ହାଟସାହି ଗ୍ରାମର ବାୟା ଓରଫ ରଞ୍ଜନ ପାତ୍ର(୩୯)ଙ୍କୁ ଅଟକ ରଖି ପୋଲିସକୁ ହସ୍ତାନ୍ତର କରାଯାଇଛି। ଅଭିଯୁକ୍ତଙ୍କ ନିକଟରୁ ପୋଲିସ ଏକ କମ୍ପ୍ୟୁଟର ଓଜନ କଣ୍ଟା ଜବତ କରିଛି।

# ମହାପ୍ରୟାଣ ଯୋଜନାକୁ ନେଇ ଦ୍ୱନ୍ଦ୍ୱ, ଶବକୁ ମିଳୁନି ସମ୍ମାନ

**ରସୁଲପୁର,୩୧।୧୦(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ମଧୁବନ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଦୁଇ ଦିନର ଦୁଇଟି ଘଟଣା ସରକାରଙ୍କ ମହାପ୍ରୟାଣ ଯୋଜନାକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛି। ମହାପ୍ରୟାଣ ଯୋଜନାରେ ଶବକୁ ମାଗଣାରେ ବୁହାଯିବା ବୋଲି ସାଧରଣରେ ବାର୍ତ୍ତା ଦିଆଯାଉଛି। ହେଲେ ବାସ୍ତବକ୍ଷେତ୍ରରେ ତାହା ଘଟୁନାହିଁ। ଶବକୁ ନେଇ ସରକାର ଧନୀ ଗରୀବର ସୀମାରେଖା ଟାଣିଛନ୍ତି। ଏହାକୁ ନେଇ ବହୁ ବିତର୍କ ହୋଇଛି। ମାତ୍ର ନୀୟମାବଳୀରେ ପରିବର୍ତ୍ତନ ହୋଇନାହିଁ। ଫଳରେ ଦୈନିକ ଅନେକ ଶବ ପ୍ରତି ଅସମ୍ମାନ ହେଉଛି। ପ୍ରକାଶ ଯେ, ମଧୁବନ ଗୋଷ୍ଠୀସ୍ୱାସ୍ଥ୍ୟକୁ ସୋମବାର ସକାଳୁ ରସୁଲପୁର ପଞ୍ଚାୟତ ସୁଆଁସାହି ଗାଁର ନାରାୟଣ ମଲିକ ଚିକିତ୍ସା ପାଇଁ ଆସି ମୃତ୍ୟୁବରଣ କରିଥିଲେ। ଶବକୁ ଘରେ ପହଁଚାଇବା ପାଇଁ ମୃତ ନାରାୟଣ ପରିବାର ଲୋକଙ୍କଠାରୁ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ଅର୍ଥ ଦାବି କରିଥିଲେ। ମାତ୍ର ଗରୀବ ପରିବାର ଅର୍ଥ ପୈଠ କରି ନ ପାରି ମୃତଦେହକୁ ବାଇକ୍‌ରେ ବୋହିନେଇଥିଲେ। ଏହାର ଦିନକ ପରେ ମଙ୍ଗଳବାର ଏହି ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତର ଗୌରାଙ୍ଗ ଓଝା ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆସି ମୃତ୍ୟୁବରଣ କରିଥିଲେ। ଏକମାତ୍ର ପୁଅ ବାହାରେ ରହୁଥିବାରୁ ଅସୁସ୍ଥ ଗୌରାଙ୍ଗଙ୍କୁ ପଡ଼ିଶା ଲୋକେ ଚିକିତ୍ସା ପାଇଁ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ତାଙ୍କର ଡାକ୍ତରଖାନରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଗୌରାଙ୍ଗଙ୍କ ମୃତଦେହକୁ ଘରେ ପହଁଚାଇବା ପାଇଁ ଡାକ୍ତରଖାନା କର୍ତ୍ତୃପକ୍ଷ ଓ ମୃତକଙ୍କ ସମ୍ପର୍କୀୟଙ୍କ ମଧ୍ୟରେ କଥାକଟାକଟି ହୋଇଥିଲା। ବାଧ୍ୟ ହୋଇ ମୃତ ଗୌରାଙ୍ଗଙ୍କୁ ନିଜସ୍ୱ ଖର୍ଚ୍ଚରେ ଘରକୁ ନେଇଥିଲେ। ଏହିଭଳି ଘଟଣା ଅନେକ ସମୟରେ ଘଟୁଛି।

୨୫ଅଗଷ୍ଟ,୨୦୧୬ରେ କଳାହାଣ୍ଡି ଜିଲାର ଦାନମାଝୀ ଘଟଣା ସମଗ୍ର ବିଶ୍ୱରେ ଚର୍ଚ୍ଚାର ପରିସରକୁ ଆସିଥିଲା। ଦାନମାଝୀ ତାଙ୍କ ସ୍ତ୍ରୀର ଶବକୁ କାନ୍ଧରେ ବୋହି ୧୬କ.ମି. ରାସ୍ତା ଅତିକ୍ରମ କରିଥିବା କରୁଣ ଘଟଣା ସମସ୍ତଙ୍କ ହୃଦୟକୁ ଛୁଇଁଥିଲା। ବାହାରିନ ସରକାର ଦାନମାଝୀ ପରିବାରକୁ ସହାୟତାର ହାତ ବଢ଼ାଇ ଥିଲେ। ଏହାକୁ ନେଇ ସମଗ୍ର ଦେଶ ଓ ରାଜ୍ୟରେ ରାଜନୀତି ବେଶ୍ ସରଗରମ ହୋଇଥିଲା। ଏହି ଘଟଣାର ୩ଦିନପରେ(୨୮ଅଗଷ୍ଟ,୨୦୧୬) ରାଜ୍ୟ ସରକାର ମହାପ୍ରୟାଣ ଯୋଜନା ଆରମ୍ଭ କଲେ। ଏହି ଯୋଜନା ଜରିଆରେ ମୃତଦେହକୁ ମାଗଣାରେ ସସମ୍ମାନେ ଗନ୍ତବ୍ୟସ୍ଥଳରେ ପହଞ୍ଚାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ନୀବନ ପଟ୍ଟନାୟକ ଗଣମାଧ୍ୟମ ସମ୍ମୁଖରେ ଘୋଷଣା କରିଥିଲେ। ପରେ ସାଧାରଣ ପ୍ରଶାସନ ବିଭାଗ ପ୍ରତ୍ୟେକ ଜିଲାପାଳଙ୍କୁ ଏକ ସର୍କୁଲାର ଜରିଆରେ ଏହି ଯୋଜନାକୁ ବିନା ଲାଭକ୍ଷତିରେ ଚଳାଇବାକୁ ପତ୍ର ଜରିଆରେ ପରାମର୍ଶ ଦେଲେ। ଏହାକୁ ବିରୋଧୀ ଦଳ ପକ୍ଷରୁ ତୀବ୍ର ସମାଲୋଚାନ କରାଯାଇଥିଲା। ସରକାର ଶବ ବୋହିବାକୁ ନେଇ ଧନୀ ଓ ଗରୀବର ସୀମାରେଖା ଟାଣିଦେଲେ। ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରକୁ ମାଗଣାରେ ଏହି ସେବା ମିଳିବ ବୋଲି ତତ୍କାଳୀନ ସ୍ୱାସ୍ଥ୍ୟମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ପ୍ରକାଶ କରିଥିଲେ। ଏହାକୁ ବିରୋଧୀ କଂଗ୍ରେସ ଦଳ ପକ୍ଷରୁ ବିରୋଧ କରାଯାଇଥିଲା। ମରିବା ଲୋକଙ୍କୁ ନେଇ ଧନୀ ଦରିଦ୍ରର ଭେଦଭାବ ରହିବା ଉଚିତ ନୁହେଁ ବୋଲି ବରିଷ୍ଠ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ମତ ରଖିଥିଲେ। ଏହପରେ ବି ଯୋଜନାର ନିୟମାବଳୀରେ କୌଣସି ପରିବର୍ତ୍ତନ ହୋଇନାହିଁ। ନାଁକୁ ଖାଲି ସରକାର ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଯୋଜନା କରିଛନ୍ତି ବୋଲି କହି ଡିଣ୍ଡିମ ପିଟୁଛନ୍ତି ବୋଲି ମୃତ ଲୋକଙ୍କ ପରିବାର ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଏହି ଯୋଜନା ରାଜ୍ୟର ସମସ୍ତ ଜିଲା ମୁଖ୍ୟ ଚିକିତ୍ସା କେନ୍ଦ୍ର ସମେତ ୪୦ଟି ସ୍ଥାନରେ ଉପଲବ୍ଧ ହେଉଛି। ଗ୍ରାମାଞ୍ଚଳରେ ଥିବା ଗୋଷ୍ଠୀ ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହି ସୁବିଧା ଜନସାଧାରଣଙ୍କ ପାଇଁ ଅପହଞ୍ଚ ହୋଇରହିଛି। ଜଣେ ମୃତ ବ୍ୟକ୍ତିକୁ ମହାପ୍ରୟାଣ ଯୋଜନାର ସୁବିଧା ପାଇବାକୁ ହେଲେ ଜିଲା ମୁଖ୍ୟ ଚିକିତ୍ସା କେନ୍ଦ୍ର ନଚେତ କଟକ ବଡ ଡାକ୍ତରଖାନାରେ ମରିବାକୁ ହେବ। ନଚେତ୍ ତାଠାରୁ ତଳ ସ୍ତରର ଡାକ୍ତରଖାନାରେ ଗରୀବ ଲୋକ ମଲେ, ତାର ଶବକୁ ମାଗଣାରେ ବୋହିବା ପାଇଁ ଜିଲାପାଳଙ୍କର ଅନୁମତି ନେବାକୁ ପଡିବ। ଏ ବାବଦରେ ଖର୍ଚ୍ଚ ହେଉଥିବା ଅର୍ଥକୁ ଜିଲାପାଳ ରାଜ୍ୟ ଚିକିତ୍ସା ପାଣ୍ଠି, ରେଡକ୍ରସ ଅନୁଦାନରୁ ଭରଣା କରିବେ। ବାସ୍ତବ କଥା ହେଉଛି ଜଣେ ଗରୀବ ସାଧାରଣ ଲୋକକୁ ଏ ନେଇ ଜିଲାପାଳଙ୍କ ନିକଟରୁ ଅନୁମତି ଆଣି ଶବ ମାଗଣାରେ ବୋହିବା ନିୟମ ସହଜସାଧ ଲାଗୁନାହିଁ। ଡାକ୍ତରଖାନାରେ ଲୋକ ମରିବା ପରେ ଦୁଃଖଦ ସ୍ଥିତିରେ ଗତି କରୁଥିବା ଗରୀବ ପରିବା ପାଇଁ ସରକାରୀ କଟକଣା ବୋଝ ସଦୃଶ ମନେ ହେଉଛି। ଫଳରେ ବାଧହୋଇ ମୃତ ବ୍ୟକ୍ତିର ପରିବାର ନିଜ ଇଚ୍ଛାମୁତାବକ ଶବକୁ ବୋହି ନେଇଯାଉଛନ୍ତି। ସରକାରଙ୍କ ପକ୍ଷରୁ ମାଗଣା ୧୦୮ଆମ୍ବୁଲାନ୍ସ ସେବା ରହିଛି। ରୋଗୀକଲ୍ୟାଣ ସମିତି ପକ୍ଷରୁ ଡାକ୍ତରଖାନାରେ ଆମ୍ବୁଲାନ୍ସ ଯୋଗାଇ ଦିଆଯାଇଛି। ଜିଲା ଖଣିଜ ପାଣ୍ଠିରୁ ବିପୁଳ ଅର୍ଥ ଆଦାୟ ହେଉଛି। ସରକାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଜରିଆରେ ପୁରୁଷଙ୍କୁ ୫ଲକ୍ଷ ଓ ମହିଳାଙ୍କୁ ୭ଲକ୍ଷ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟବୀମା ପ୍ରଦାନ କରିଛନ୍ତି। ଏହାସତ୍ତ୍ୱେ ବି ଶବ ପ୍ରତି ଅସମ୍ମାନ ହେଉଥିବା ଘଟଣା ବାରମ୍ବାର ଘଟୁଛି। ଏହାର ପ୍ରତିକାର ପାଇଁ କାହାରି ଆନ୍ତରିକତା ରହିଥିବା ଭଳି ମନେ ହେଉନାହିଁ। ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବାରିଶ କୁମାର ଦାସଙ୍କୁ ପଚାରିବାରୁ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ମହାପ୍ରୟାଣ ପାଇଁ କୌଣସି ବ୍ୟବସ୍ଥା ନାହିଁ। ଏଥିପାଇଁ ଅର୍ଥ ପୈଠ କରିବାକୁ ପଡିବ, ବିପିଏଲ ପରିବାର ହୋଇଥିଲେ ଜିଲାପାଳଙ୍କଠାରୁ ଅନୁମତି ଆଣିବା ଜରୁରୀ ବୋଲି ପ୍ରକାଶ କରିଛନ୍ତି।

୩୪



ଯେଉଁଥିରେ ତୁମ ମନ ଥରେ ମାଜିଯାଇଛି, ତାହା କେବେହେଲେ ସ୍ମୃତିରୁ ସହଜରେ ଲିଭି ଯାଏ ନାହିଁ। - ପ୍ଲାଟସ୍



## ସଂକ୍ଷେପରେ

### ଖବରଦାତାଙ୍କ ବିୟୋଗରେ କ୍ୟାଣ୍ଡେଲ ଶୋଭାଯାତ୍ରା

ବରୀ/ରତ୍ନଗିରି,୩୧।୧୦(ସ୍ୱ.ପ୍ର.)- ଖବରଦାତା ଅଚ୍ୟୁତାନନ୍ଦ ସାହୁଙ୍କ ବିୟୋଗରେ ସ୍ୱେଚ୍ଛାସେବୀ ସଙ୍ଗଠନ ଆଶ୍ୱାସନା ପକ୍ଷରୁ ବୁଧବାର ସନ୍ଧ୍ୟାରେ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଦାନ୍ତେୱାଡାକୁ ଖବର ସଂଗ୍ରହ ପାଇଁ ଯାଇଥିବା ବେଳେ ମଙ୍ଗଳବାର ନକ୍ସଲଙ୍କ ଆକ୍ରମଣରେ ପ୍ରାଣ ହରାଇଥିଲେ। ଏ ନେଇ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଜିଲାପରିଷଦ ସଦସ୍ୟ ରବୀନ୍ଦ୍ର କୁମାର ଜେନା, ଦେବେନ୍ଦ୍ର ପ୍ରଧାନ, ସୁବ୍ରତ ଜେନା, ଅଗ୍ନି ରଞ୍ଜନ ସାହୁ, ପ୍ରଶାନ୍ତ ଦାସ, ବିବେକାନନ୍ଦ ନାଥ, ସରୋଜ ଚନ୍ଦ୍ର ନାଥ, ଲକ୍ଷ୍ମୀକାନ୍ତ ଦାସ, ରତିକାନ୍ତ ସାମଲ, ଖବରଦାତା ବିଶ୍ୱଭୂଷଣ ଜେନା, ବାଞ୍ଛାନିଧି ସାହୁ, ଦର୍ଶନ ବେହେରା ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

### କୋରେଇ ପୋଲିସର ଶପଥ ପାଠ

କୋରେଇ,୩୧।୧୦(ସ୍ୱ.ପ୍ର)- ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ପାଳନ ଅବସରରେ କୋରେଇ ଥାନା ପକ୍ଷରୁ ଶପଥ ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଥାନାଧିକାରୀ ଚିନ୍ମୟୀ ସାହୁଙ୍କ ନେତୃତ୍ୱରେ ଏହା ପାଳନ କରାଯିବା ସହ ଦେଶର ଅଖଣ୍ଡତା ବଜାୟ ରଖିବାକୁ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ସବଇନ୍ସପେକ୍ଟର ଅଜୟ କୁମାର ସାଇଁ, ଏଏସ୍ଆଇ ସଲିଳ କୁମାର ମଲ୍ଲିକ, ଦୁଃଶାସନ ରାଉତ, ଶରତ ଜେନା, ବନାନୀ ପରିଡା, ଶାନ୍ତିଲତା ବେହେରା, କଳ୍ପନା ମଲିକ, ବୁଦ୍ଧିରାମ ପୂର୍ତ୍ତି, ବୁଦ୍ଧରାମ ସେଠୀ, ସରୋଜ ସ୍ୱାଇଁଙ୍କ ସମେତ ସମସ୍ତ ଅଧିକାରୀ, କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

### ଆଇନଜୀବୀଙ୍କ ପକ୍ଷରୁ କୁଶପୁତ୍ତଳିକା ଦାହ

ବିରଜାକ୍ଷେତ୍ର, ୩୧।୧୦(ଡି.ଏନ୍.ଏ)- ପୋଲିସ ଓ ଆଇନଜୀବୀଙ୍କ ବିବାଦର ଅନ୍ତଃ ହେଉନାହିଁ। ରାଜ୍ୟ ସରକାର ଏହାର ସମାଧାନର ସୂତ୍ର ବାହାର ନ କରି ଆଇନଜୀବୀଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରୁଥିବା ଅଭିଯୋଗ ଆଣିଛି ରାଜ୍ୟ ଉଚ୍ଚ ନ୍ୟାୟାଳୟ ବାର ଆସୋସିଏଶନ। ଏ ନେଇ ଯାଜପୁର ଆଇନଜୀବୀଙ୍କ ପକ୍ଷରୁ ସହରର ଗାନ୍ଧୀଛକଠାରେ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଆଇନଜୀବୀ ପ୍ରତାପ ମହାନ୍ତି, ପ୍ରତିମା କର, ରାଜୀବ ମହାପାତ୍ର, ଉତ୍କଳ ଦାସ, ସେକ୍ ସଲିମ୍, ଚିତ୍ତ ମହାପାତ୍ର ପ୍ରମୁଖଙ୍କ ସମେତ ଅନ୍ୟ ଆଇନ୍‌ଜୀବୀମାନେ କୁଶପୁତ୍ତଳିକା ଦାହରେ ସାମିଲ ହୋଇଥିଲେ।

### ୩ୟ ଦିନ କ୍ୟାମ୍ପ କୋର୍ଟରେ ୬୫ ଜଣଙ୍କୁ ଜାମିନ

ବିରଜାକ୍ଷେତ୍ର/କୋରେଇ,୩୧।୧୦(ଡି.ଏନ୍.ଏ/ସ୍ୱ.ପ୍ର.)- ରାଜ୍ୟ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ଜେଲରେ କ୍ୟାମ୍ପ କୋର୍ଟ ଆରମ୍ଭ ହୋଇଛି। ଏହି କ୍ୟାମ୍ପ କୋର୍ଟ ୩ୟ ଦିନରେ ପହଞ୍ଚିଛି। ଏଥିରେ ବିଚାରଧୀନ କଏଦୀଙ୍କୁ ଜାମିନ୍ ପ୍ରଦାନ କରାଯାଉଛି। ବୁଧବାର ଯାଜପୁର ସବ୍‌ଜେଲରେ ୨ଜଣ ବିଚାରାଧୀନ କଏଦୀଙ୍କୁ ଜାମିନ୍ ଆଦେଶ ଦିଆଯାଇଛି। ସେହିପରି ରଗଡ଼ି ସବ୍‌ଜେଲରେ ୬୩ଜଣଙ୍କୁ ଜାମିନ ପ୍ରଦାନ କରାଯାଇଛି। ଗୁରୁବାର ଆଉ ୨୫ଜଣଙ୍କୁ ଜାମିନ ମିଳିବ ବୋଲି ସୂଚନା ମିଳିଛି।

## ପାଖେଇ ଆସୁଛି କାଳୀପୂଜା

# ସଜେଇ ହେଉଛି ଯାଜପୁର ସହର

ବିରଜାକ୍ଷେତ୍ର,୩୧।୧୦(ଡି.ଏନ୍.ଏ)

କାଳୀ ପୂଜାକୁ ଆଉ ମାତ୍ର ୬ଦିନ ରହିଲା। ଧରାପୃଷ୍ଠକୁ ଅବତରିବେ ମା'। ତାଙ୍କୁ ଭକ୍ତିପୂର୍ଣ୍ଣ ଆଧ୍ୟାତ୍ମିକ ପରିବେଶରେ ସ୍ୱାଗତ କରିବା ପାଇଁ ସଜେଇ ହେବା ଆରମ୍ଭ କଲାଣି ଯାଜପୁର ସହର। ମୁରବୀ ଓ ଭାଇଚାରାର ସହର ଯାଜପୁରରେ କାଳୀପୂଜା ବେଶ୍ ଧୁମ୍‌ଧାମ୍‌ରେ ପାଳିତ ହୁଏ। ଜାତି, ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ବରିଷ୍ଠଙ୍କଠାରୁ ଆରମ୍ଭ କରି କନିଷ୍ଠ ପର୍ଯ୍ୟନ୍ତ ସମସ୍ତେ ଭାଇଚାରା ରଖି କାଳୀପୂଜାକୁ ମହାସମାରୋହରେ ପାଳନ କରିଥାନ୍ତି। ସହରରେ ୪୪ରୁ ଊର୍ଦ୍ଧ୍ୱ କାଳୀ ଓ ଲକ୍ଷ୍ମୀନାରାୟଣ ମେଢ଼ ହୁଏ। ୪୭ଟି କାଳୀ ଓ ଲକ୍ଷ୍ମୀନାରାୟଣ ମେଢ଼ ହୋଇଥିବାବେଳେ ୨ଟି କୃଷ୍ଣକାଳୀ ଓ ଗରୁଡ଼ କାଳୀ ପୂଜା ପାଇଥାନ୍ତି। ମେଢ଼ଗୁଡ଼ିକରେ ମୃଣ୍ମୟ ମୂର୍ତ୍ତି ଅତି ଉଚ୍ଚକୋଟୀର ହୋଇଥାଏ। ସହର ସମେତ ବାହାରୁ କାରିଗରମାନେ ଆସି ମାସେ ପୂର୍ବରୁ ମୂର୍ତ୍ତିଗୁଡ଼ିକ ନିର୍ମାଣ କରିଥାନ୍ତି। ଏବେ ମୂର୍ତ୍ତି ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। ବହୁ ପୂଜା ଅନୁଷ୍ଠାନ ପକ୍ଷରୁ ବଡ଼ ବଡ଼ ତୋରଣମାନ ନିର୍ମିତ ହେବାକୁ ପ୍ରସ୍ତୁତି ଚାଲିଛି। ସୁଦୂର କଲିକତା, ଜୟପୁର ସହରରୁ କାରିଗରମାନେ ଆସି ଯାଜପୁରରେ ବଡ଼ ବଡ଼ ତୋରଣ ନିର୍ମାଣ କରୁଥିବା ଦେଖିବାକୁ ମିଳିଛି। ୭ ତାରିଖରେ ମା' ଶ୍ୟାମାକାଳୀଙ୍କ ପୂଜା ଆରମ୍ଭ ହେଉଥିବାବେଳେ ୬ତାରିଖ ଲକ୍ଷ୍ମୀନାରାୟଣଙ୍କ ପୂଜା ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହେବ। ଦୀର୍ଘ ୯ଦିନ ଧରି କାଳୀପୂଜାରେ କମ୍ପିବ ସହର। ଓଡ଼ିଶା ସମେତ କଲିକତା, ମୁମ୍ବାଇ, ରାଜସ୍ଥାନ, ମଧ୍ୟପ୍ରଦେଶ ପ୍ରଭୃତି ସ୍ଥାନରୁ କଳାକାରମାନେ ଆସି ସାଂସ୍କୃତିକ କାର୍ଯ୍ୟକ୍ରମରେ ନିଜ କଳା ପ୍ରଦର୍ଶନ କରିଥାନ୍ତି। ପୂଜା ସମୟରେ କଥକ, କୱାଲୀ, ଓଡ଼ିଶୀ ଇତ୍ୟାଦି ନୃତ୍ୟ ମଧ୍ୟ ଦେଖିବାକୁ ମିଳିଥାଏ। ସମ୍ପୂର୍ଣ୍ଣ ସହରକୁ ବିଭିନ୍ନ ଆଲୋକରେ ଆଲୋକିତ କରାଯାଇଥାଏ। ବିଭିନ୍ନ ରାଜ୍ୟରୁ ବ୍ୟବସାୟୀମାନେ ନୂଆ ନୂଆ ସାମଗ୍ରୀ ଆଣି ସେମାନଙ୍କ ବେପାର କରିଥାନ୍ତି। ଏବେଠାରୁ ବାହାର ରାଜ୍ୟର ବେପାରୀମାନେ ସେମାନଙ୍କ ପସରା ଜମେଇବାରେ ଲାଗିଥିବା ଦେଖିବାକୁ ମିଳିଛି। କାଳୀପୂଜାର ଆଗମନକୁ ଲକ୍ଷ୍ୟରଖି ସହର ତଥା ଆଖପାଖ ଅଞ୍ଚଳର ଜନସାଧାରଣମାନେ ସେମାନଙ୍କ ଗୃହକୁ ନୂତନ ରୂପ ଦେବା ପାଇଁ ପ୍ରୟାସ ଆରମ୍ଭ କରିଦେଇଛନ୍ତି। ଯାଜପୁରର ବିରଜା ହାଟ, ସ୍କୁଲ ଛକ, ଯୋଡ଼ିକୂଅ, କୁଆଁସରପୁର, ରକ୍ଷାକାଳୀ ମନ୍ଦିର, ଅମ୍ବିକାଇ ଛକ, ବିରଜା ହଲ, ଗରିଆପୁର, ଶୀତଳେଶ୍ୱର, ନାରାୟଣ ଛକ, ବଡ଼ ବଜାର, ସଦାବ୍ରତ ମଠ, ସାନବଜାର, ହରପାର୍ବତୀ ଛକ, ମାର୍କେଟ ଛକ, ବସ୍ ଷ୍ଟାଣ୍ଡ, ଟ୍ୟାକ୍ସି ଷ୍ଟାଣ୍ଡ, ହାବେଲୀ ବଜାର, କଚେରୀ, ଟାଉନ ହଲ, ରାଣୀରାମଚନ୍ଦ୍ରପୁର, କିଆନାଳୀ କୂଳ, ଭବାନୀଗଞ୍ଜ, ମାଂସାପୋଲ, ଲଳିତେଶ୍ୱର ନଗର, କଲେଜ ଛକ ପ୍ରଭୃତି ପୂଜାମଣ୍ଡପରେ ମା'ଙ୍କ ମୂର୍ତ୍ତିଗୁଡ଼ିକ ବହୁ ଉଚ୍ଚକୋଟୀର ହେବା ସହ ବଡ଼ ବଡ଼ ତୋରଣ ହୋଇଥାଏ। ଏହାବ୍ୟତୀତ ଯାଜପୁର ପୌର ପରିଷଦ ତରଫରୁ କାଳୀପୂଜା ଉପଲକ୍ଷେ ସହରକୁ ସରସ ସୁନ୍ଦର ରଖିବା ପାଇଁ ରାସ୍ତାଘାଟ ସମ୍ପୂର୍ଣ୍ଣ ସଫା କରିବାର ପ୍ରୟାସ ଆରମ୍ଭ କରିଦେଇଥିବା ଦେଖିବାକୁ ମିଳିଛି। କାଳୀପୂଜା ସମୟରେ ଜନସାଧାରଣଙ୍କ ଅସମ୍ଭବ ଭିଡ଼କୁ ଲକ୍ଷ୍ୟ ରଖି ଯାଜପୁର ପୌର ପରିଷଦ ସମସ୍ତ ପ୍ରକାର ବନ୍ଦୋବସ୍ତ କରିବାକୁ ପ୍ରସ୍ତୁତି ଚଳାଇଛି। ଦମକଳ ବାହିନୀ, ସ୍ୱାସ୍ଥ୍ୟ ବିଭାଗ, ଜଳ ବିଭାଗ ତାଙ୍କ କାର୍ଯ୍ୟକୁ ସୂଚାରୁରୂପେ ସମ୍ପାଦନ କରିଥାନ୍ତି। ଯାଜପୁର ଏସ୍‌ପି, ଜିଲାପାଳ, ଅତିରିକ୍ତ ଜିଲାପାଳ, ଉପଜିଲାପାଳଙ୍କ ସମେତ ବିଭିନ୍ନ ପଦାଧିକାରୀ ପୂଜା ସମୟରେ ଉପସ୍ଥିତ ରହି ପରିସ୍ଥିତିକୁ ଅନୁଧ୍ୟାନ କରିବା ସହ ଜନସାଧାରଣଙ୍କୁ ସହଯୋଗ କରିଥାନ୍ତି। ଏତଦ୍ ବ୍ୟତୀତ ଯାଜପୁରର ଯୁବକମାନେ ବିଭିନ୍ନ ପୂଜା ମଣ୍ଡପରେ ସ୍ୱେଚ୍ଛାକୃତଭାବେ ଜନସାଧାରଣଙ୍କୁ ସେବା ଯୋଗାଇଦେବା ସହ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ମଧ୍ୟ ସେବା ଯୋଗାଇଥାନ୍ତି। ୧୩ ଓ ୧୪ ତାରିଖ ଦୁଇ ଦିନ ଧରି ଭସାଣୀ ଉତ୍ସବ ଅନୁଷ୍ଠିତ ହେବ। ଯାଜପୁରର ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶମତେ ସହରରେ କାଳୀପୂଜା ଓ ଭସାଣୀ ଉତ୍ସବକୁ ଶାନ୍ତିଶୃଙ୍ଖଳା ସହ ସମାପନ କରିବା ପାଇଁ ୧୭ ପ୍ଲାଟୁନ ଫୋର୍ସ ମୁତୟନ ହେବ ବୋଲି ଭାରପ୍ରାପ୍ତ ଥାନାଧିକାରୀ ମାନସ ରଞ୍ଜନ ଚକ୍ର ସୂଚନା ଦେଇଛନ୍ତି। ପ୍ରତ୍ୟେକ ପୂଜା କମିଟି ଅଗ୍ନିକାଣ୍ଡର ମୁକାବିଲା ପାଇଁ ବାଲି ଓ ପାଣିର ବ୍ୟବସ୍ଥା କରିବା, ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଶ୍ଳୀଳ ନୃତ୍ୟ ଓ ସଙ୍ଗୀତ ପ୍ରଦର୍ଶନ ନକରିବା, ମଦମୁକ୍ତ ଓ ଶବ୍ଦ ପ୍ରଦୂଷଣ ପ୍ରତି ଧ୍ୟାନ ଦେବାକୁ ପୋଲିସ ପକ୍ଷରୁ ପୂଜାମଣ୍ଡପଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଅବକାରୀ ବିଭାଗ ପକ୍ଷରୁ ପ୍ରତ୍ୟେକ ସନ୍ଦିଗ୍ଧ ସ୍ଥାନ, ଛକ ଓ ଦୋକାନରେ ନିରନ୍ତର ଭାବେ ଧରପଗଡ଼ କରିବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏହାବ୍ୟତୀତ କାଳୀପୂଜା ଓ ଭସାଣୀ ସମୟରେ ସହର ମଧ୍ୟରେ କଣ୍ଟ୍ରୋଲ ରୁମ୍‌ର ବ୍ୟବସ୍ଥା, ଖାଦ୍ୟର ମାନ ପରୀକ୍ଷା, ସ୍ୱାସ୍ଥ୍ୟ ବ୍ୟବସ୍ଥା ସହ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ କରାଯିବାକୁ ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ସୂଚନା ଦିଆଯାଇଛି।



- ନିର୍ମାଣ ହେଉଛି ୪୪ରୁ ଊର୍ଦ୍ଧ୍ୱ କାଳୀ ମେଢ଼
- ଶେଷ ପର୍ଯ୍ୟାୟରେ ମୂର୍ତ୍ତି ନିର୍ମାଣ କାର୍ଯ୍ୟ
- ୯ ଦିନ ଧରି କମ୍ପିବ ଯାଜପୁର ସହର
- ଜମିଲାଣି ବେପାରୀଙ୍କ ପସରା

## ସ୍ୱଚ୍ଛ ସହର ମାନ୍ୟତା ପାଇଲା ବ୍ୟାସନଗର



ପରିମଳ ବୈଠକକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

ଯାଜପୁରରୋଡ,୩୧।୧୦(ନି.ପ୍ର.)

ବ୍ୟାସଦେବ ଟାଉନ ହଲ୍‌ରେ ବୁଧବାର ପରିମଳ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯାଜପୁର ଉପଜିଲାପାଳ ତଥା ବ୍ୟାସନଗର ପୌରପରିଷଦ ଭାରପ୍ରାପ୍ତ ପୌର ଅଧ୍ୟକ୍ଷ ନାରାୟଣଚନ୍ଦ୍ର ଧଳ ସଭାପତିତ୍ୱ କରିଥିଲେ। ଜିଲାପାଳ ରଞ୍ଜନ କୁମାର ଦାସ ବୈଠକରେ ଯୋଗଦେଇ ବ୍ୟାସନଗରକୁ ସ୍ୱଚ୍ଛ ସହରର ମାନ୍ୟତା ଦେଇଥିଲେ। କୋରେଇ ବିଧାୟକ ଆକାଶ ଦାସନାୟକ ମୁଖ୍ୟଅତିଥି, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ସମ୍ମାନିତ ଅତିଥି, ସ୍ୱଚ୍ଛ ଭାରତ ଅଭିଯାନ ପ୍ରତିନିଧି ତାପସ ନାୟକ, ପରିମଳ ବିଶେଷଜ୍ଞ ଦେବାଶିଷ ବେହେରା, ରାଜ୍ୟ ଟିମ୍ ଲିଡର ତାପସ କୁମାର ଧଳ ପ୍ରମୁଖ ଯୋଗଦେଇ ବ୍ୟାସନଗର ସହରକୁ ସୁନ୍ଦର ଓ ସଂସ୍କୃତି ସମ୍ପନ୍ନ କରିବା ପାଇଁ ପରିବେଶକୁ ସ୍ୱଚ୍ଛ ରଖିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସୁଶ୍ରୀ ପଣ୍ଡାଙ୍କ ରଚିତ ନାଟକ ପରିବେଷଣ କରାଯାଇଥିଲା। ପରିବେଶ ସୁରକ୍ଷା ପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟାସନଗର ସହରର ୨୪ ଜଣ ବ୍ୟକ୍ତିଙ୍କ ସମେତ ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀକୁ ସମ୍ବର୍ଦ୍ଧିତ କରାଯାଇଥିଲା। ନିର୍ବାହୀ ଅଧିକାରୀ ମୋହନ ଚରଣ ଜେନା ଅତିଥି ପରିଚୟ ପ୍ରଦାନ ଓ ଶେଷରେ ଧନ୍ୟବାଦ ଦେଇଥିଲେ।

## ଋଣ ନ ଶୁଝି ଟ୍ରକ୍ ବିକ୍ରି ଅଭିଯୋଗରେ ଜଣେ ଅଟକ

କୋରେଇ,୩୧।୧୦(ସ୍ୱ.ପ୍ର)

ଏକ ଘରୋଇ କମ୍ପାନୀରୁ ଟ୍ରକ ଋଣ କରି ସୁଝିବା ପରିବର୍ତ୍ତେ ଟ୍ରକଟି ଅନ୍ୟକୁ ବିକ୍ରି କରିଦେବା ଅଭିଯୋଗରେ ପୋଲିସ ଅଭିଯୁକ୍ତଙ୍କୁ ଅଟକ ରଖିଛି। ପ୍ରକାଶ ଯେ, ୨୦୦୧ ମସିହାରେ ଅଲଫୋର ରହେମାନ ଖାଁ ଏକ ଘରୋଇ ଋଣ ଲଗାଣକାରୀ ସଂସ୍ଥାରୁ ଋଣ ଆଣି ଟ୍ରକ (ଓଆର୦୯କେ୮୬୯୨) କିଣିଥିଲେ। ଟ୍ରକ କିଣିବା ପରେ ସେ ମାତ୍ର ୫/୬ଟି କିସ୍ତି ଦେବା ପରେ ଋଣ ଖିଲାପ କରିଥିଲେ। ଋଣ ସୁଝିବା ପରିବର୍ତ୍ତେ ଟ୍ରକଟି ବିକ୍ରି କରିଦେଇଥିବା ଖବରପାଇ ସଂସ୍ଥା ପକ୍ଷରୁ କୋର୍ଟରେ ଆଶ୍ରୟ ନିଆଯାଇଥିଲା। ଏହାପରେ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଥାନାରେ ଏକ ମାମଲା (ନଂ ୨୦୦/୧୮) ରୁଜୁ କରାଯାଇ ଟ୍ରକ ମାଲିକ ଅଲଫୋରଙ୍କୁ ଅଟକ ରଖାଯାଇଛି।

## ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ

ଯାଜପୁରରୋଡ,୩୧।୧୦(ନି.ପ୍ର.)

ନେହେରୁ ଯୁବକେନ୍ଦ୍ର ସଙ୍ଗଠନ, ଯାଜପୁର ତରଫରୁ ଖମଣ ଗ୍ରାମପଞ୍ଚାୟତସ୍ଥିତ ଠାକୁରପାଟଣା ଯୁବପରିଷଦ, ଶଙ୍ଖିଲାର ମିଳିତ ଆନୁକୂଲ୍ୟରେ ବୁଧବାର ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ସମ୍ପାଦକ ଉମାକାନ୍ତ ସାହୁ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଯୁବପରିଷଦ ତରଫରୁ ଗ୍ରାମର ଯୁବକଙ୍କୁ ନେଇ ଏକ ଗଣଦୌଡ଼ ଆୟୋଜିତ କରାଯାଇଥିଲା। ଏ ନେଇ ଏକ ସଭା ଆୟୋଜିତ ହୋଇଥିଲା। ପ୍ରଦୀପ କୁମାର ସାହୁ ସଭା ପରିଚାଳନା କରିଥିଲେ। ଗ୍ରାମର ଯୁବକଙ୍କ ଦ୍ୱାରା ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଉଦ୍ଦେଶ୍ୟରେ ଦ୍ୱୀପ ପ୍ରଜ୍ୱଳନ କରାଯାଇ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ଯୁବପରିଷଦ ତରଫରୁ ସଭାପତି ପ୍ରଶାନ୍ତ କୁମାର ସାହୁ ଯୋଗଦେଇ ଭାରତର ସ୍ୱାଧିନତା ସଂଗ୍ରାମରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଭୂମିକା ଉପରେ ମତ ରଖିଥିଲେ। ଉପସଭାପତି ଗୋପାଳ ଚନ୍ଦ୍ର ଦାସ କୃଷକଙ୍କ ପାଇଁ ପଟେଲଙ୍କ ଭୂମିକା ଉପରେ ଆଲୋଚନା କରିଥିଲେ। ଉମାକାନ୍ତ ବିନ୍ଧାଣୀ, ଦେବାଶିଷ ସାହୁ, ରମାକାନ୍ତ ସାହୁ, ମାୟାଧର ସାହୁ, ଉଦୟନାଥ ସାହୁ, ସୂର୍ଯ୍ୟକାନ୍ତ ସାହୁ, ଅକ୍ଷୟ ପୃଷ୍ଟି, ରଞ୍ଜନ ପରିଡା, ପ୍ରଶାନ୍ତ ଦାସ, ଶରତ ମଲ୍ଲିକ, ପରମେଶ୍ୱର ମଲ୍ଲିକ, ରାଜେନ୍ଦ୍ର ମାଝି, ବିଜୟ କୁମାର ସାହୁ, ରମେଶ ବେହେରା, ବୋଧିରାମ ସାହୁ, ପୀତବାସ ସାହୁ ପ୍ରମୁଖ ସହଯୋଗ କରିଥିଲେ। ପରିଚାଳନା କମିଟି ସଭ୍ୟ ନୟନଦୀପ୍ତ ବେହେରା ଧନ୍ୟବାଦ ଦେଇଥିଲେ।

## ସର୍ଦ୍ଦାର ପଟେଲଙ୍କ ଜୟନ୍ତୀ ଅବସରରେ ଗଣଦୌଡ଼

କୋରେଇ,୩୧।୧୦(ସ୍ୱ.ପ୍ର)

କୋରେଇ ବ୍ଲକ ଖମଣ ପଞ୍ଚାୟତ ଶଙ୍ଖିଲାସ୍ଥିତ ନେହେରୁ ଯୁବକେନ୍ଦ୍ର ସଂଗଠନ ଓ ଠାକୁରପାଟଣା ଯୁବପରିଷଦର ମିଳିତ ଆନୁକୂଲ୍ୟରେ ବୁଧବାର ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ଉମାକାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଯୁବପରିଷଦ ତରଫରୁ ଗ୍ରାମ ଯୁବକଙ୍କୁ ନେଇ ଏକ ଗଣଦୌଡର ଆୟୋଜନ କରାଯାଇଥିଲା। ଅନୁଷ୍ଠାନର ସଭ୍ୟ ପ୍ରଦୀପ କୁମାର ସାହୁ ସଭା ପରିଚାଳନା କରିଥିବା ବେଳେ ଯୁବପରିଷଦ ସଭାପତି ପ୍ରଶାନ୍ତ କୁମାର ସାହୁ ସ୍ୱାଧୀନତା ସଂଗ୍ରାମରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଭୂମିକା ଉପରେ ମତବ୍ୟକ୍ତ କରିଥିଲେ। ସଭ୍ୟ ବିକାଶ କୁମାର ସାହୁ, ଉପସଭାପତି ଗୋପାଳ ଚନ୍ଦ୍ର ଦାସ ପ୍ରମୁଖ କୃଷକଙ୍କ ପାଇଁ ପଟେଲଙ୍କ କାର୍ଯ୍ୟ ତଥା ଭୂମିକା ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ସଭ୍ୟ ଉମାକାନ୍ତ ବିନ୍ଧାଣୀ, ଦେବାଶିଷ ସାହୁ, ରମାକାନ୍ତ ସାହୁ, ମାୟାଧର ସାହୁ, ଉଦୟନାଥ ସାହୁ, ସୂର୍ଯ୍ୟକାନ୍ତ ସାହୁ, ଅକ୍ଷୟ ପୃଷ୍ଟି, ରଞ୍ଜନ ପରିଡା, ପ୍ରଶାନ୍ତ ଦାସ, ଶରତ ମଲ୍ଲିକ, ପରମେଶ୍ୱର ମଲ୍ଲିକ ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ। ନୟନଦୀପ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



ଯୁବ ପରିଷଦ ପକ୍ଷରୁ ଆୟୋଜିତ ଗଣଦୌଡ଼।

## ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ୍ ପ୍ରଦାନ

କୋରେଇ,୩୧।୧୦(ସ୍ୱ.ପ୍ର)

କୋରେଇ ବ୍ଲକ ଅନ୍ତର୍ଗତ ବରୁଣ୍ଡାଇ ପଞ୍ଚାୟତ ଖଜୁରୀନଳୁଆ ଗ୍ରାମର ଦିବ୍ୟାଙ୍ଗ ଜଳଧର ସାହୁଙ୍କୁ ବୁଧବାର ବ୍ଲକ ପ୍ରଶାସନ ପକ୍ଷରୁ ଏକ ଟ୍ରାଇ ସାଇକେଲ୍ ପ୍ରଦାନ କରାଯାଇଛି। ଜଳଧର ୧୦ବର୍ଷ ତଳେ ଏକ ଦୁର୍ଘଟଣାରେ ନିଜର ୨ଟି ଗୋଡ ହରାଇଥିବା ବେଳେ ଗାଁ ଛକରେ ଏକ ପାନ ଦୋକାନ କରି ପରିବାର ପ୍ରତିପୋଷଣ କରନ୍ତି। ଜଳଧର ଏକ ଟ୍ରାଇ ସାଇକଲ୍ ପାଇଁ ଜିଲାପାଳଙ୍କ ସମେତ ବ୍ଲକ ପ୍ରଶାସନ ନିକଟରେ ଗୁହାରୀ କରିଆସୁଥିଲେ। ଅନ୍ୟମାନଙ୍କ ମଧ୍ୟରେ ତାରାକୋଟ ସମିତିସଭ୍ୟ ଉମାକାନ୍ତ ବେହେରାଙ୍କ ସମେତ ପଞ୍ଚାୟତର ବହୁ କର୍ମଚାରୀ ଉପସ୍ଥିତ ଥିଲେ।

## ଦଙ୍ଗା ନିୟନ୍ତ୍ରଣ ମକ୍‌ଡ୍ରିଲ୍

କୋରେଇ,୩୧।୧୦(ସ୍ୱ.ପ୍ର)

ଭାରତୀୟ ସିଆର୍‌ପିର ରାପିଡ ଆକ୍ସନ ଫୋର୍ସ ପକ୍ଷରୁ ପାଣିକୋଇଲିସ୍ଥିତ ଜିଲା ପୋଲିସ ପଡ଼ିଆରେ ଦଙ୍ଗା ନିୟନ୍ତ୍ରଣ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ସମୟରେ ଉପୁଜିଥିବା ଦଙ୍ଗା, ଆଇନ ଶୃଙ୍ଖଳା ରକ୍ଷା, ବିକ୍ଷୋଭ ଓ ପ୍ରତିବାଦ ସଭାଗୁଡିକରେ ରାପିଡ୍‌ର ଭୂମିକା ଓ ଏହାକୁ କିପରି ନିୟନ୍ତ୍ରଣ କରାଯାଇ ପାରିବ ସେ ସମ୍ପର୍କରେ ଜାମସେଦପୁର ୧୦୬ ବାଟାଲିୟନ ପକ୍ଷରୁ କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଥିଲା। କୃଷକ ଆନ୍ଦୋଳନ ଓ ସେମାନେ ଆଇନ ବ୍ୟବସ୍ଥା ହାତକୁ ନେବାବେଳେ ପୋଲିସର ଭୂମିକା ସମ୍ପର୍କରେ ଡେମୋ ଦେଖାଯାଇଥିଲା। ନୂଆ କରି ପୋଲିସ ବାହିନୀରେ ଯୋଗଦେଇଥିବା କର୍ମଚାରୀ କୃଷକ ଭୂମିକା ତୁଲାଇଥିଲେ। ଟିଅର ଗ୍ୟାସ, ଲାଠି ଚାର୍ଜ ସହ କେମିତି ଗୁଳି ଚଳାଯାଏ ତାହା ପ୍ରଦର୍ଶିତ ହୋଇଥିଲା। ଉପଆରକ୍ଷୀ ଅଧୀକ୍ଷକ ଅକ୍ଷୟ କୁମାର ଦାସ, ଆରଆଇ କୃଷ୍ଣଚନ୍ଦ୍ର ମାରଣ୍ଡି, ଡିଏସପି ସୁଧାକର ସାହୁ, ଆରଏପିର ହେପୁଟି କମାଣ୍ଡାଣ୍ଟ ପି.କେ ମିଶ୍ର, ଆରକେ ସିଂହ, ବିପୁଳ ସହା, ନଜୁରୁଲ ଇସଲାମ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବାଲି ମାଫିଆଙ୍କ କବଳରେ ଖରସ୍ରୋତା

# ୫ହଜାର ଆଦାୟ କରି ଜବତ ଗାଡ଼ି ଛାଡିଦେଲା ପ୍ରଶାସନ

ବିଞ୍ଝାରପୁର,୩୧।୧୦(ଡି.ଏନ.ଏ)

ବାଲି ମାଫିଆଙ୍କ କବଳରେ ରହିଛି ଖରସ୍ରୋତା ନଦୀ। ନଦୀରୁ ଦୈନିକ ଲକ୍ଷାଧିକ ଟଙ୍କାର ବେଆଇନ ବାଲି ଉଠାଣ ହେଉଥିବା ବେଳେ ପ୍ରଶାସନ ନୀରବ ଦ୍ରଷ୍ଟା ସାଜିଥିବା ଅଭିଯୋଗ ହେଉଛି। ବେଆଇନ ବାଲି ଉଠାଣ ଯୋଗୁ ଦୈନିକ ଲକ୍ଷାଧିକ ଟଙ୍କାର ରାଜସ୍ୱ ହାନୀ ହେଉଥିବା ବେଳେ କୋଟିକୋଟି ଟଙ୍କା ଖର୍ଚ୍ଚ ହୋଇ ନିର୍ମାଣ ହୋଇଥିବା ନଦୀବନ୍ଧ ମଧ୍ୟ ଦୁର୍ବଳ ହେଉଛି। ତେବେ ବେଆଇନ ବାଲି ଉଠାଉଥିବା କେତେକ ଟ୍ରାକ୍ଟର ମାଲିକଙ୍କୁ ପ୍ରଶାସନର ଆହେତୁକ ଅନୁକମ୍ପା ଚର୍ଚ୍ଚାର ବିଷୟ ପାଲଟିଛି। ଖବର ଅନୁଯାୟୀ, ବୁଧବାର ପୂର୍ବାହ୍ନରେ ଖରସ୍ରୋତା ନଦୀର ମନେଇ ଗଣ୍ଡରେ ୨ଟି ନମ୍ବର ବିହୀନ ନୂଆ ଟ୍ରାକ୍ଟର ବେଆଇନ ଭାବେ ବାଲି ଉଠାଉ ଥିବା ବେଳେ ବିଞ୍ଝାରପୁର ତହସିଲଦାର ଉକ୍ତ ଟ୍ରାକ୍ଟରକୁ ଜବତ କରିଥିଲେ। ୨ ଟ୍ରାକ୍ଟର ମାଲିକଙ୍କଠାରୁ ୫ ହଜାର ଟଙ୍କା ଲେଖାଏ ଜରିମାନା ଆଦାୟ କରି ଛାଡି ଦେଇଥିଲେ। ଜବତ ଟ୍ରାକ୍ଟର ଛାଡି ଦେବା ଘଟଣାରେ ପ୍ରଶାସନ ଓ ବାଲି ମାଫିଆଙ୍କ ମଧୁଚନ୍ଦ୍ରିକା ପଦାରେ ପଡିଥିବା ବେଳେ ଖରସ୍ରୋତା ବାଲି ମାଫିଆଙ୍କ କବଳରେ ରହିଥିବା ଚର୍ଚ୍ଚା ହେଉଛି। ଜବତ ଟ୍ରାକ୍ଟର ମାଲିକଙ୍କଠାରୁ ଜରିମାନା ଆଦାୟ କରାଯିବା ପରେ ଛାଡି ଦିଆଯାଇଥିବା ତହସିଲଦାର ଶୁଭ୍ରବାଳା ବେହେରା ସଫେଇ ଦେଇଛନ୍ତି। ଏ ସମ୍ପର୍କରେ ଥାନାଧିକାରୀ ସୁଚିତ୍ରବୀର୍ଯ୍ୟ ଦାସଙ୍କୁ ପଚାରିବାରେ, ତହସିଲଦାରଙ୍କ ନିର୍ଦ୍ଦେଶ କ୍ରମେ ୨ଟି ଟ୍ରାକ୍ଟରକୁ ଛାଡି ଦେଇଥିଲେ ବୋଲି କହିଛନ୍ତି।



ଜବତ ହୋଇଥିବା ଟ୍ରାକ୍ଟର।

# ପୁରାତନ ନାଳ ପୁନରୁଦ୍ଧାର ପାଇଁ ଉଦ୍ୟମ

ବରୀ,୩୧।୧୦(ସ୍ୱ.ପ୍ର.)

ବରୀ ଅଞ୍ଚଳରେ ପୋତି ହୋଇପଡୁଥିବା ପୁରାତନ ନାଳର ପୁନରୁଦ୍ଧାର ପାଇଁ ସ୍ଥାନୀୟ ରତ୍ନଗିରିସ୍ଥିତ ଏକ ସଭା ଗୃହରେ ବୁଧବାର କୃଷି ବିଭାଗ, ସାମାଜିକ କର୍ମୀ, ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀ, ଖବରଦତା, ଆଇନଜୀବୀ, ଅବସରପ୍ରାପ୍ତ ଶିକ୍ଷକ, ଶିକ୍ଷକନେତା ଓ ଡ୍ରେନେଜ ବିଭାଗ ଯନ୍ତ୍ରୀ ଓ ଜଳସେଚନ ବିଭାଗ ଯନ୍ତ୍ରୀଙ୍କୁ ନେଇ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡ୍ରେନେଜ ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ମଙ୍ଗଳ ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ବରୀ ଅଞ୍ଚଳ ଦେଇ ୧୦ରୁ ଊର୍ଦ୍ଧ୍ୱ ନାଳ ପ୍ରବାହିତ ହେଉଥିବା ଯନ୍ତ୍ରୀ ବିଶ୍ୱାଳ ସୂଚନା ଦେଇଥିଲେ। ବ୍ରାହ୍ମଣୀର ଡାହାଣ ପାର୍ଶ୍ୱରେ ସର୍ବାଧିକ ନାଳ ଥିବା ନକ୍ସାରୁ ଚିହ୍ନଟ କରାଯାଇଛି। ବ୍ରାହ୍ମଣୀ ବାମ ପାର୍ଶ୍ୱ ଓ ଖରସ୍ରୋତା ଡାହାଣ ପାର୍ଶ୍ୱ ଦେଇ ୩ ନାଳ ପ୍ରାବାହିତ ହୋଇଥିବା ନକ୍ସାରୁ ଜଣାପଡ଼ିଛି। ଅବସରପ୍ରାପ୍ତ ଅମିନ ଗୟାଧର ପ୍ରଧାନ ଓ ଯନ୍ତ୍ରୀ ବିଶ୍ୱାଳ ନକ୍ସାରୁ ନାଳ ଥିବା ସ୍ଥାନ ଚିହ୍ନଟ କରିଛନ୍ତି। ଫଳରେ କେତେଜଣ ସ୍ଥାନୀୟ ଲୋକେ ପୋତି ହୋଇ ପଡ଼ିଥିବା ନାଳଗୁଡ଼ିକର ସ୍ଥାନ ନିଜ ନାମରେ ପଟ୍ଟା କରିନେଇଥିବା ବୈଠକରେ ମତ ପ୍ରକାଶ ପାଇଛି। ତୁରନ୍ତ ପୁରାତନ ନାଳର ପୁନରୁଦ୍ଧାର ପାଇଁ ସାମାଜିକ କର୍ମୀ ତଥା ଶିକ୍ଷକନେତା ଲୋକନାଥ ଦାସ ରାଜ୍ୟ ସରକାରଙ୍କୁ ପୂର୍ବରୁ ଚିଠି ଲେଖିଥିଲେ। ଏ ନେଇ ରାଜ୍ୟ ସରକାର ଡ୍ରେନେଜ ବିଭାଗକୁ ପୁରାତନ ନାଳ ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରି ରିପୋର୍ଟ ପ୍ରଦାନ କରିବାକୁ ଚିଠି ଦେଇଥିଲେ। ଏ ସଂକ୍ରାନ୍ତରେ ଧରିତ୍ରୀରେ ପୂର୍ବରୁ ଖବର ପ୍ରକାଶ ପାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଚନ୍ଦ୍ରଶେଖର ମହାନ୍ତି, କିଶୋର ଦାସ, ଭଜହରି ମହାପାତ୍ର, ବୃନ୍ଦାବନ ସାମଲ, ରାଜକିଶୋର ସାମଲ, ଅର୍ଜୁନୀ ଚରଣ ରାଉତ, ବାବାଜୀ ଦାସ, ମନୋଜ ଦାସ, ଜଳ ସମ୍ପଦ ବିଭାଗର ସହକାରୀ ଯନ୍ତ୍ରୀ ସୁବାସ ତ୍ରିପାଠୀ, ଡ୍ରେନେଜ ବିଭାଗ ସହକାରୀ ଯନ୍ତ୍ରୀ ଅଧର ପ୍ରସାଦ ଜେନା, କନିଷ୍ଠ ଯନ୍ତ୍ରୀ ଅନଙ୍ଗଭୀମ ଦେଓ, ସ୍ଥାନୀୟ ଅଞ୍ଚଳର ଖବରଦାତା ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ତୁରନ୍ତ ଏହି ପ୍ରକଳ୍ପ କାଯ୍ୟକାରୀ ହେବ ବୋଲି କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ବିଶ୍ୱାଳ କହିଥିଲେ। ଅଞ୍ଚଳବାସୀଙ୍କ ପକ୍ଷରୁ ସମସ୍ତ ସହଯୋଗ କରାଯିବ ବୋଲି ସାମାଜିକ କର୍ମୀ ଲୋକନାଥ ଦାସ ପ୍ରଶାସନକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ନାଳ ପୁନରୁଦ୍ଧାର ହେଲେ ୫୦ ପଞ୍ଚାୟତର ୧୪ ହଜାର ହେକ୍ଟର ଚାଷ ଜମିରୁ ଜଳ ନିଷ୍କାସନ ହୋଇପାରିବ ବୋଲି କୁହାଯାଇଛି।



ସଭାଗୃହରେ ଆୟୋଜିତ ମିଳିତ ବୈଠକ।

# ଗଜଲକ୍ଷ୍ମୀ ମେଲଣରେ ୪୬ ମେଢ଼

**କେନ୍ଦ୍ରାପଡ଼ା**


ଖଡ଼ିଅଙ୍ଗ (କେନ୍ଦ୍ରାପଡ଼ା)


ମେଲଣ ଶୋଭାଯାତ୍ରାରେ ସାମିଲ ଏକ ମେଢ଼


ମା'ଙ୍କ ନଗର ପରିକ୍ରମା





**କେନ୍ଦ୍ରାପଡା ଅଫିସ, ୩୧।୧୦ :** କେନ୍ଦ୍ରାପଡା ଜିଲାରେ ଧନଦାତ୍ରୀ ମା' ଗଜଲକ୍ଷ୍ମୀଙ୍କ ମେଲଣ ପର୍ବ ବୁଧବାର ଆରମ୍ଭ ହୋଇଛି। ଏଥିପାଇଁ ପୂର୍ବାହ୍ନରୁ ସହରସାରା ପାରମ୍ପରିକ ବାଦ୍ୟ ଓ ଡିଜେର ଉଚ୍ଚ ସଂଗୀତ ତାଳେ ତାଳେ ଶ୍ରଦ୍ଧାଳୁ ଝୁମିବାରେ ଲାଗିଛନ୍ତି। ସହରର ମୁଖ୍ୟ ରାସ୍ତାଠାରୁ ଗଳିକନ୍ଦି ପର୍ଯ୍ୟନ୍ତ ସବୁଠି ଲୋକଙ୍କ ଭିଡ଼ ଜମିଛି। ଅପରପକ୍ଷରେ ଶୋଭାଯାତ୍ରାରେ ସହର ପରିକ୍ରମା ବେଳେ ଧନଦାତ୍ରୀ ମା' କେତେକ ସ୍ଥାନରେ ଅଟକି ନୈବେଦ୍ୟ ଗ୍ରହଣ କରୁଛନ୍ତି। ଏଥିପାଇଁ ସହର ମଧ୍ୟସ୍ଥ କେତେକ ଘର ଦୁଆର ମୁହଁରେ ସୁନ୍ଦର ଝୋଟି ଅଙ୍କନ କରାଯାଇଛି। ସେହିପରି କଦଳୀ ଗଛ, ପୂର୍ଣ୍ଣକୁମ୍ଭର ସାଜସଜ୍ଜା ହୋଇଛି। ପୂର୍ବାହ୍ନ ୮ରୁ ଏହି ଶୋଭାଯାତ୍ରା ଆରମ୍ଭ ହୋଇଥିବା ବେଳେ ସହରର ପୁରୁଣା ବସଷ୍ଟାଣ୍ଡଠାରେ ସନ୍ଧ୍ୟାରୁ ମେଳଣ ପର୍ବ ଆରମ୍ଭ ହୋଇଛି। ଏଥିରେ ମୋଟ ୪୬ଟି ମେଢ଼ ସାମିଲ ହୋଇଛନ୍ତି। ଜିଲାର ଗଣପର୍ବ ଭାବେ ପରିଚିତ ଏହି ପୂଜା ଗତ ୨୪ ତାରିଖଠାରୁ ଆରମ୍ଭ ହୋଇଥିବା ବେଳେ ମଙ୍ଗଳବାର ନିଶାର୍ଦ୍ଧରେ ଆସ୍ଥାନ ବିସର୍ଜନ ବିଧି ସମ୍ପନ୍ନ ହୋଇଥିଲା। ହୋମଯଜ୍ଞ, ଆଳତି ଓ ମନ୍ତ୍ରଧ୍ୱନି ଶ୍ରଦ୍ଧାଳୁଙ୍କୁ ବେଶ କିଛି ସମୟ ପୂଜାମଣ୍ଡପ ନିକଟରେ ଅଟକାଇ ରଖିଥିଲା। ପରମ୍ପରା ଅନୁଯାୟୀ ମେଳଣରେ ଯୋଗ ଦେବାକୁ ସାହିଭାଇଙ୍କୁ ଡାକିବା ପାଇଁ କମିଟି ପକ୍ଷରୁ ସକାଳ ୫ରେ ପ୍ରତି ଘର ଦୁଆର ମୁହଁରେ ଘଣ୍ଟ ଓ ଢ଼ୋଲ ବାଦ୍ୟ ବାଜିଥିଲା। ପରେ ପରେ ମେଢ଼ ଉଠା ଓ ଭୋଗ ଲାଗି ପାଇଁ ମା' ନଗର ପରିକ୍ରମା କରିଥିଲେ। ସହର ସମେତ ଆଖପାଖ ଅଞ୍ଚଳର ୮୦ରୁ ଊର୍ଦ୍ଧ୍ୱ ମେଢ ଶୋଭାଯାତ୍ରାରେ ଭାଗ ନେଇଥିଲେ। ବିଭିନ୍ନ ସାହି ଓ କମିଟି ମେଢ଼ରେ ରାଜ୍ୟ ତଥା ରାଜ୍ୟ ବାହାରୁ ବିଭିନ୍ନ ବ୍ୟାଣ୍ଡ ପାର୍ଟି ସହ ଦୁଲୁଦୁଲି ବାଜା ଓ ଷଣ୍ଢ ନାଚରେ ସହର ଦୁଲୁକିଥିଲା। ସହରର ପୁରୁଣା ବସ୍‌ଷ୍ଟାଣ୍ଡ, ଖଡ଼ିଅଙ୍ଗ, କେଶପୁର ବଜାର, ଟାଉନ ବଳରାମପୁର, ମଢିଆଳ, ବଳଗଣ୍ଡି, ନସିଡ଼ିପୁର, ସାନମଙ୍ଗଳା, ନୂଆବସ ଷ୍ଟାଣ୍ଡ, କାକଟ ମଙ୍ଗଳା, ବଡ଼ହାଟ, ମହୀପାଳ ଆଦି ମେଢ଼ଗୁଡିକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ମେଲଣ ପଡିଆକୁ ଆସିଥିଲେ। ପୂର୍ବରୁ ଜିଲା ଓ ପୋଲିସ ପ୍ରଶାସନ ସହ ପୂଜା କମିଟିର ନିଷ୍ପତ୍ତି ଅନୁଯାୟୀ ଲଟେରି ଦ୍ୱାରା ମେଢ଼ଗୁଡିକୁ କ୍ରମାନ୍ୱୟରେ ନିଜ ନିଜ ଆସ୍ଥାନରେ ବସାଇ ଭୋଗ ଲାଗି କରାଯାଇଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଜିଲା ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଏଥିପାଇଁ ସହର ଅଞ୍ଚଳକୁ ୫ଟି ଭାଗରେ ବିଭକ୍ତ କରାଯାଇ ୫ଟି ଅସ୍ଥାୟୀ କଣ୍ଟ୍ରୋଲ ରୁମ୍ ଖୋଲା ଯାଇଛି। ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ, ଏସ୍‌ପି ନୀତିଶେଖରଙ୍କ ନେତୃତ୍ୱରେ ଜଣେ ଏଏସ୍‌ପିଙ୍କ ସମେତ ୯ ଡିଏସ୍‌ପି, ୧୫ଜଣ ଇନ୍ସପେକ୍ଟର, ୧୧୫ଜଣ ଏସ୍‌ଆଇ, ଏଏସ୍‌ଆଇଙ୍କ ୨୫ ପ୍ଲାଟୁନ ଫୋର୍ସ ସହରର ବିଭିନ୍ନ ସାହି ଓ ବସ୍ତି ଅଞ୍ଚଳରେ ମୁତୟନ କରାଯାଇଛି। ସେହିପରି ଜିଲା ପ୍ରଶାସନ ପକ୍ଷରୁ ପ୍ରତି କଣ୍ଟ୍ରୋଲ ରୁମ ନିୟନ୍ତ୍ରଣରେ ଜଣେ ଲେଖାଏଁ ପ୍ରଶାସନିକ ଅଧିକାରୀ ଦାୟିତ୍ୱରେ ରହିଛନ୍ତି। ଜିଲାପାଳ ଦାଶରଥି ଶତପଥୀ, ଅତିରିକ୍ତ ଜିଲାପାଳ ବସନ୍ତ କୁମାର ରାଉତ, ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର, ତହସିଲଦାରମାନେ ପୂଜାମଣ୍ଡପରେ ଶାନ୍ତି ଶୃଙ୍ଖଳା ରଖିବା ନିମନ୍ତେ ସ୍ୱତନ୍ତ୍ର ନଜର ରଖିଛନ୍ତି।





■ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ

## ସୁରକ୍ଷା ପ୍ରତି ଦୃଷ୍ଟି ନାହିଁ

**ମହାକାଳପଡ଼ା,୩୧।୧୦(ଡି.ଏନ୍.ଏ.)**

- ୨୦୦୪ରେ ସର୍ବେକ୍ଷଣ ପାଇଁ ସୁପ୍ରିମକୋର୍ଟ ଦେଇଥିଲେ ନିର୍ଦ୍ଦେଶ
- ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ଧରାଯାଉଛି ମାଛ
- ଟ୍ରଲର ଚଳାଚଳ ଓ ଗାଞ୍ଜ ଜାଲ ଯୋଗୁ ବିପଦରେ ବିରଳ ଜଳଚର ପ୍ରାଣୀ

ବିଶ୍ୱର ଅଦ୍ୱିତୀୟ ସାମୁଦ୍ରିକ ଅଭୟାରଣ୍ୟ ଭାବେ ପରିଚିତ ମହାକାଳପଡା ବ୍ଲକସ୍ଥିତ ଗହୀରମଥା ଅଞ୍ଚଳ ଏବେ ଅସୁରକ୍ଷିତ ହୋଇପଡିଛି। ଏହାର ସୁରକ୍ଷା ଓ ସଂରକ୍ଷଣ ଏବେ ଚିନ୍ତାର ବିଷୟ ପାଲଟିଛି। ନିଷିଦ୍ଧାଞ୍ଚଳରେ ବେଆଇନ୍ ଭାବେ ଟ୍ରଲର ଚାଲାଣ, ବେଆଇନ୍ ଚିଙ୍ଗୁଡିଘେରି, ହ୍ୱିଲର ଦ୍ୱୀପରେ କ୍ଷେପଣାସ୍ତ୍ର ପରୀକ୍ଷଣ ଆଦି ଯୋଗୁ ଏହି ସାମୁଦ୍ରିକ ଅଭୟାରଣ୍ୟ ଅସୁରକ୍ଷିତ ହୋଇପଡ଼ିଥିବା ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ରାଜ୍ୟର ମହାନଦୀ, ବୈତରଣୀ ଓ ବ୍ରାହ୍ମଣୀ ନଦୀ ଗହୀରମଥାଠାରେ ବଙ୍ଗୋପସାଗରରେ ମିଳନ ହୋଇଛି। ୧୯୯୭ ମସିହାରେ ଏହି ଅଞ୍ଚଳକୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ ସଂରକ୍ଷିତ ତଥା ସାମୁଦ୍ରିକ ଅଭୟାରଣ୍ୟ ଭାବେ ଘୋଷଣା କରାଯାଇଥିଲା। ଏହି ସାମୁଦ୍ରିକ ଅଭୟାରଣ୍ୟ ଧାମରା ମୁହାଣଠାରୁ ମହାନଦୀ ମୁହାଣ ପର୍ଯ୍ୟନ୍ତ ବ୍ୟାପିଛି। ଜଳରାଶିରେ ଏହା ୮୫୦ ବର୍ଗ ମାଇଲ ପର୍ଯ୍ୟନ୍ତ ବ୍ୟାପିଥିବା ବେଳେ ସ୍ଥଳଭାଗ ଏହାର ସୀମା ୧୭୦ ବର୍ଗମାଇଲ ପର୍ଯ୍ୟନ୍ତ ରହିଛି । ତିନୋଟି ନଦୀର ମିଳନ ସ୍ଥଳ ହୋଇଥିବାରୁ ଏଠାରୁ ପ୍ରଚୁର ପରିମାଣର ମାଛ ମିଳିଥାଏ। ଏହା ନିକଟରେ ଭିତରକନିକାର ଲୁଣାଜଙ୍ଗଲ ରହିଛି। ଲୁଣା ଜଙ୍ଗଲର ବର୍ଜ୍ୟବସ୍ତୁକୁ ମାଛମାନେ ମୁଖ୍ୟ ଖାଦ୍ୟ ଭାବେ ଗ୍ରହଣ କରିଥାନ୍ତି। ଏଥିଯୋଗୁ ଏହି ସ୍ଥାନରେ ମାଛ ବଂଶ ବୃଦ୍ଧି ପାଇଥାଏ। ଏହି ସାମୁଦ୍ରିକ ଅଭୟାରଣ୍ୟର ପେଣ୍ଠ, ବରୁଣେଇ, ଚିଙ୍ଗିରି, ସାତଭାୟା, ଏକକୁଳାନାସୀ, ବାବୁବାଲୀ ଦ୍ୱୀପ, ହବାଲିଖଟି ଆଦି ସ୍ଥାନରୁ ବହୁ ମୂଲ୍ୟବାନ ମାଛ ମିଳିଥାଏ। ବିଶେଷ କରି ବାହାଲ, ପାମ୍ପଲେଟ, ଇଲିଶି, ତେଲିଆ, କଣୀ, ଚାଇନିଜ ବାହାଲ ଓ କଳାବାହାଲ ଆଦି ମାଛ ମିଳିଥାଏ। ଏଗୁଡିକର ବଜାର ମୂଲ୍ୟ କିଲୋପ୍ରତି ୫୦୦ରୁ ୨୫୦୦ଟଙ୍କା ପର୍ଯ୍ୟନ୍ତ ରହିଛି। ସେହିପରି ପେଣ୍ଠ, ବରୁଣେଇ, ଚିଙ୍ଗିରିରୁ ପ୍ରଚୁର ପରିମାଣର ଚିଙ୍ଗୁଡି ମିଳିଥାଏ। ସେଗୁଡିକ ମଧ୍ୟରେ ବ୍ଲାକ ଟାଇଗର, ଧଳା, ବ୍ରାଉନ ଓ କଡ଼ି ଆଦି ଚିଙ୍ଗୁଡି ପ୍ରମୁଖ। ଏଗୁଡିକ ବଜାର ମୂଲ୍ୟ କିଲୋ ପ୍ରତି ୨୦୦ଟଙ୍କାରୁ ୨ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। ଏହି ଅଭୟାରଣ୍ୟରେ କିଛି ବିରଳ ପ୍ରଜାତିର ମାଛ ଦେଖିବାକୁ ମିଳେ। ସେଗୁଡିକ ମଧ୍ୟରେ ସାର୍କ, ଡଲଫିନ (ଇରାବାଡି ଓ ବଟଲନୋଜ) ଓ ଜେଲିଫିସ ଆଦି ପ୍ରମୁଖ ରହିଛି।

ଏହାର ବିସ୍ତୀର୍ଣ୍ଣ ଜଳରାଶିରେ ବହୁ କଇଁଛ ଦେଖିବାକୁ ମିଳେ। ଅଲିଭରିଡଲେ କଇଁଛଙ୍କ ପ୍ରଜନନ ପାଇଁ ଏଠାକାର ଜଳବାୟୁ ସହାୟକ ହେଉଥିବାରୁ ପ୍ରତିବର୍ଷ ଲକ୍ଷ ଲକ୍ଷ ଅଲିଭରିଡଲେ ଗହୀରମଥା ସାମୁଦ୍ରିକ ବେଳାଭୂମିକୁ ଅଣ୍ଡା ଦେବାକୁଆସନ୍ତି। ଏଥିଯୋଗୁ ଅଞ୍ଚଳର ସୁରକ୍ଷାକୁ ଦୃଷ୍ଟିରେ ରଖି ସୁପ୍ରିମକୋର୍ଟ ଏହାର ସର୍ବେକ୍ଷଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ୨୦୦୪ରେ ଏକ କେନ୍ଦ୍ରୀୟ ବିଶେଷଜ୍ଞ ଦଳ ଉକ୍ତ ସ୍ଥାନକୁ ଆସି ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ସହ ତଥ୍ୟ ହାସଲ କରି ରିପୋର୍ଟ ପ୍ରସ୍ତୁତ କରିଥିଲେ। ରିପୋର୍ଟ ଅନୁଯାୟୀ, କୂଳଠାରୁ ୧୦କି.ମି. ସମୁଦ୍ର ମଧ୍ୟକୁ 'କୋର' ଏରିଆ ଓ ୧୦ ରୁ ୨୦ କିମି ମଧ୍ୟରେ ସମୁଦ୍ର ଜଳରାଶିକୁ ବଫର ଏରିଆ ଭାବେ ଘୋଷଣା କରାଯାଇଛି। ତେବେ କୋର ଏରିଆରେ ପ୍ରବେଶ ଉପରେ ବର୍ଷସାରା ନିଷେଧାଦେଶ ଜାରି କରାଯାଇଛି। ଏଥିସହ ସାମୁଦ୍ରିକ ଅଭୟାରଣ୍ୟରେ ପାଟ୍ରୋଲିଂ କଡାକଡି କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ନିର୍ଦ୍ଦେଶ ଅନୁଯାୟୀ, ବନ ବିଭାଗ ପକ୍ଷରୁ ନିଷିଦ୍ଧାଞ୍ଚଳରେ ଦିବାରାତ୍ର ପାଟ୍ରୋଲିଂ କରାଯାଉଛି। ମାତ୍ର କେତେଜଣ ମାଛ ବ୍ୟବସାୟୀ ବିଭାଗ ଆଖିରେ ଧୂଳିଦେଇ ବେଆଇନ ଭାବେ ଉକ୍ତ ଅଞ୍ଚଳରୁ ମାଛ ଧରୁଛନ୍ତି। ଅର୍ଥ ଲୋଭରେ ବାଲେଶ୍ୱର, ବଳରାମଗଡି, କସାଫଳ, ଦିଘା, କଲିକତା, ଧାମରା, ପାରାଦ୍ୱୀପ, ଚୂଡ଼ାମଣି, କାଳୀନାଭୀ ଆଦି ଅଞ୍ଚଳର ମାଛ ବ୍ୟବସାୟୀମାନେ ଟ୍ରଲର ଜରିଆରେ ସାମୁଦ୍ରିକ ଅଭୟାରଣ୍ୟରେ ଜାଲ ପକାଇ ମାଛ ଧରୁଛନ୍ତି। ଉଚ୍ଚ କ୍ଷମତା ସମ୍ପନ୍ନ ଟ୍ରଲର ଚଳାଚଳ ଓ ଗାଞ୍ଜ ଜାଲ ବ୍ୟବହାର ଯୋଗୁ ବହୁ ସମୟରେ କଇଁଛ, ଡଲଫିନ, ସାର୍କ, ମଗର, ସାଂକୁଚ ଆଦି ବିରଳ ଜଳଚର ପ୍ରାଣୀ ମୃତ୍ୟୁ ମୁଖରେ ପଡୁଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଗହୀରମଥା ରେଞ୍ଜ ଅଧିକାରୀ ଅରବିନ୍ଦ ମିଶ୍ର କହିଛନ୍ତି, ବେଆଇନ୍ ମାଛ ଧରିବା ରୋକିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଗହୀରମଥା ନିଷିଧାଞ୍ଚଳରେ ହାଇସ୍ପିଡ ବୋଟ୍‌ରେ ପାଟ୍ରୋଲିଂକୁ କଡ଼ାକଡ଼ି କରାଯାଉଛି। ଏଥିସହ ବେଆଇନ ଭାବେ ମାଛ ଧରୁଥିବା ବ୍ୟବସାୟୀଙ୍କୁ ଗିରଫ କରାଯାଉଛି। ଏହି କାର୍ଯ୍ୟରେ ବ୍ୟବହୃତ ବୋଟ୍ ଓ ମାଛକୁ ଜବତ କରାଯାଉଛି ବୋଲି ସେ କହିଛନ୍ତି।

## ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ପାଳିତ

**କେନ୍ଦ୍ରାପଡ଼ା ଅଫିସ, ୩୧।୧୦**

ଜିଲା ଛାତ୍ର ଓ ଯୁବ କଂଗ୍ରେସ ପକ୍ଷରୁ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ମୃତ୍ୟୁ ଦିବସକୁ ବଳିଦାନ ଦିବସ ଭାବେ ବୁଧବାର ପାଳନ କରାଯାଇଛି। ଜିଲା କଂଗ୍ରେସ ଭବନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନେତା ପ୍ରଫୁଲ୍ଲ ଦାସ ଅଧକ୍ଷତା କରିଥିଲେ। ଏଥିରେ ବରିଷ୍ଠ କଂଗ୍ରେସ ନେତା ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ଫକୀର ଖଟୁଆ, ଶିବସୁନ୍ଦର ବଳ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଏହି ଦିବଂଗତ ନେତାଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହ ରାଷ୍ଟ୍ର ପାଇଁ ସେମାନଙ୍କ କାର୍ଯ୍ୟାବଳୀ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ଏହି ଦିବଂଗତ ଦୁଇ ନେତାଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେବା ସହ ସେମାନଙ୍କ ପଥାନୁସରଣ କରିବା ପାଇଁ ବକ୍ତାମାନେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୌମେନ୍ଦ୍ର ପୃଷ୍ଟି, ପ୍ରଦୀପ ପ୍ରଧାନ, ସଞ୍ଜୟ ରାଉତ, ସମ୍ବିତ ଶ୍ରୀଚନ୍ଦନ, ଅବଦୁଲ ସତ୍ତାର, ନିରଞ୍ଜନ ପରିଡ଼ା ପ୍ରମୁଖ ନିଜର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ।

## ଚଣ୍ଡିଆଗଡ଼ିରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

**ଆଳି, ୩୧।୧୦ (ଡି.ଏନ୍.ଏ.)**

ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ଓ ଏହାର ସୁଫଳ ସମ୍ପର୍କରେ ସାଧାରଣ ଲୋକଙ୍କୁ ଅବଗତ କରାଇବା ନିମନ୍ତେ ବିଜେଡି ପକ୍ଷରୁ ରାଜ୍ୟବ୍ୟାପୀ ଆରମ୍ଭ ହୋଇଛି ଜନ ସମ୍ପର୍କ ପଦଯାତ୍ରା। ଏହି ପରିପ୍ରେକ୍ଷୀରେ ଆଳି ବ୍ଲକ ଚଣ୍ଡିଆଗଡ଼ି ପଞ୍ଚାୟତରେ ବୁଧବାର ବ୍ଲକ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ବିଜେଡି ନେତା ସନାତନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପଦଯାତ୍ରାରେ ରାଜ୍ୟ ସଭା ସଦସ୍ୟ ପ୍ରତାପ କେଶରୀ ଦେବ ଯୋଗଦେଇ ଥିଲେ। ଏହିଅବସରରେ ଦେବ ଚଣ୍ଡିଆଗଡି ପଞ୍ଚାୟତ ଅଫିସ୍ ନିକଟରେ ନିର୍ମିତ ୧ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ପାନୀୟଜଳ ପ୍ରକଳ୍ପକୁ ଉଦ୍‌ଘାଟନ କରିଥିଲେ। ଏହାପରେ କଟକ-ଚାନ୍ଦବାଲି ରାସ୍ତାର ମାଳପାଟଣାସ୍ଥିତ ଭାତୁଆବଟ ମଠରେ ଜଗନ୍ନାଥ ଦର୍ଶନ ପରେ ପଦଯାତ୍ରା ଆରମ୍ଭ ହୋଇଥିଲା। ଚଣ୍ଡିଆଗଡି ପଞ୍ଚାୟତର ମାଳପାଟଣା, ଚଣ୍ଡିଆଗଡି, ପାଟପୁର, ବଇଦିମାଳ ଆଦି ଗ୍ରାମ ପରିକ୍ରମା କରିଥିଲେ। ଏହି ପଦଯାତ୍ରାରେ ଚଣ୍ଡିଆଗଡି ସରପଞ୍ଚ ସସ୍ମିତା ମିଶ୍ର, ସମିତିସଭ୍ୟା ପ୍ରମିଳା ବେହେରା, ଜିଲା ପରିଷଦ ସଭ୍ୟ ସୁମନ୍ତ ରାଉତ, ପର୍ଯ୍ୟବେକ୍ଷକ ଭୀଷ୍ମ ମହାନ୍ତି, ରବୀନ୍ଦ୍ର ମହାନ୍ତି, ବିଜୁ ଜନତା ଦଳର ଯୁବ ସଭାପତି କେଦାରନାଥ ବେହେରା, ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ଦାସ, ସୁଧୀର ବେହେରା ପ୍ରମୁଖ ସାମିଲ ଥିଲେ।


ପଦଯାତ୍ରାରେ ସାମିଲ ରାଜ୍ୟ ସଭା ସଦସ୍ୟ ପ୍ରତାପ ଦେବ ଓ ଅନ୍ୟମାନେ।

## ସଂକ୍ଷେପରେ

### ଖନ୍ଦୋଳ ରାହାସୋତ୍ସବ ପ୍ରସ୍ତୁତି ବୈଠକ

**ତିର୍ତ୍ତୋଲ,୩୧।୧୦(ଡି.ଏନ.ଏ.):** ତିର୍ତ୍ତୋଲ ବ୍ଲକ ଇନ୍ଦ୍ରିସିଂ ପଞ୍ଚାୟତ ଖନ୍ଦୋଳ ଗଡେଶ୍ୱର ଯୁବ ପରିଷଦ ଆନୁକୂଲ୍ୟରେ ରାହାସୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ପରିଷଦ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ପୁରୋଧା ଅନୁଷ୍ଠାନ ସଭାପତି ସଂଗ୍ରାମ କେଶରୀ ସ୍ୱାଇଁ ସଭାପତିତ୍ୱ କରିଥିଲେ। ଆଲୋଚନାରେ ସୂଶ୍ରୀ ଶୁଭଶ୍ରୀ ସାହିତ୍ୟ ସଂସଦର ସମ୍ପାଦିକା ବସନ୍ତ ମଞ୍ଜରୀ ଦାସ, ସଂଗଠନ ସମ୍ପାଦକ ନିଳମଣୀ ମଲିକ, ଗଡେଶ୍ୱର ଯୁବ ପରିଷଦ ସମ୍ପାଦକ ବିଭୂ ପ୍ରସାଦ ଦାସ, ସଭ୍ୟ ଯଜ୍ଞଦତ୍ତ ଦାସ, ରଞ୍ଜନ ଦାସ, ଗଡେଶ୍ୱର ଦାସ, ବଳରାମ ଦାସ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ଏହି ପୁରାତନ ଅନୁଷ୍ଠାନ ତରଫରୁ ବାର୍ଷିକୋତ୍ସବ ପାଳନ ଅବସରରେ ଆସନ୍ତା ମାସ ୨୧ ତାରିଖରେ ସାହିତ୍ୟ ସଭା, କବିତାପାଠୋତ୍ସବ, ସମ୍ବର୍ଦ୍ଧନା, ନୃତ୍ୟଶିଳ୍ପୀଙ୍କ ଦ୍ୱାରା ନୃତ୍ୟକଳା ପରିବେଷଣ କରାଯିବାକୁ ସ୍ଥିର ହୋଇଛି। ଏହି ଦିବସରେ ବିଶ୍ୱ ପ୍ରସିଦ୍ଧ ବରଗଡ ଧନୁଯାତ୍ରାର କଳାକାର ପୂର୍ବତନ କଂସ ତଥା ବର୍ତ୍ତମାନର ଉଗ୍ରସେନ ଭୂମିକାରେ ଅଭିନୟ କରୁଥିବା କଳାକାହ୍ନୁ ଚୌହାନ, ସେନାପତି ଗୋଲାପ ଚନ୍ଦ୍ର ଦାଶଙ୍କ ସମେତ ଧନୁଯାତ୍ରାର କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଦୟାନିଧି ପ୍ରଧାନ ଯୋଗଦେବେ। ବାର୍ଷିକୋତ୍ସବ ପାଳନ ଉପଲକ୍ଷେ ପ୍ଲାଷ୍ଟିକ ବ୍ୟବହାର ବନ୍ଦ ସହ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ସ୍ଥିର ହୋଇଥିଲା।

### ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ

**କୁଜଙ୍ଗ,୩୧।୧୦(ସ୍ୱ.ପ୍ର.):** ରାଜ୍ୟ ବାର କାଉନ୍‌ସିଲ ଆହ୍ୱାନ କ୍ରମେ ବୁଧବାର କୁଜଙ୍ଗ ଓକିଲ ସଂଘ ପକ୍ଷରୁ ଅଦାଲତ ପରିସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ସଂଘ ସଭାପତି ଏଏନଡ଼ି ଯାଦବଙ୍କ ନେତୃତ୍ୱରେ ସଂଘର ଶତାଧିକ କର୍ମକର୍ତ୍ତା ଶୋଭାଯାତ୍ରାରେ ଆସି ଅଦାଲତ ପରିସରରେ ଏକତ୍ରୀତ ହୋଇଥିଲେ। ପ୍ରତିବାଦ ସଭାରେ ଆଇନଜୀବୀ ବକ୍ତବ୍ୟ ପ୍ରଦାନ କରି ପୋଲିସ ଆଇନଜୀବୀଙ୍କୁ ମାଡ଼ମାରିବା ଘଟଣା ଦୁଇମାସ ଅତିବାହିତ ହୋଇ ଯାଇଥିଲେ ମଧ୍ୟ ସରକାର ଏହାଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଅଭିଯୋଗ କରିଥିଲେ। ଆଇନଜୀବୀ ଦୀର୍ଘଦିନଧରି କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଥିଲେ ମଧ୍ୟ ରାଜ୍ୟ ସରକାର ଏହାକୁ ଭଣ୍ଡୁର କରିବାକୁ ନାନା ଷଡ଼ଯନ୍ତ୍ର କରୁଛନ୍ତି। ଏପରି କି ଆଇନଜୀବୀ ଏହି ସମସ୍ୟାନେଇ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରିବାକୁ ଚାହୁଁଥିଲେ ମଧ୍ୟ ସେମାନଙ୍କୁ ସୁଯୋଗ ପ୍ରଦାନ କରାଗଲା ନାହିଁ ବୋଲି ମଧ୍ୟ ସେମାନେ ଅଭିଯୋଗ କରିଥିଲେ। ସଂଘ ସମ୍ପାଦକ କାର୍ତ୍ତିକଚନ୍ଦ୍ର ମହାନ୍ତି, ଉପସଭାପତି ଦାମୋଦର ସ୍ୱାଇଁ, ସହସମ୍ପାଦକ ବିଚିତ୍ରାନନ୍ଦ ସ୍ୱାଇଁ, ବରିଷ୍ଠ ଆଇନଜୀବୀ ସତ୍ୟାନନ୍ଦ ବିଶ୍ୱାଳ, ଚୈତନ୍ୟ ପ୍ରସାଦ ମହାପାତ୍ର, ଅର୍ଜ୍ଜୁନୀ ଚରଣ ନାୟକ, ବିପିନ ବିହାରୀ ରାୟପାର୍ଲ୍ଲର, ନୃସିଂହଚରଣ ପ୍ରଧାନ, ଗତିକୃଷ୍ଣ ଶତପଥୀ, ଫେଲୁ ପରିଜା ଓ ମାନସ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଆରମ୍ଭ କରୁଛି ଜଣେ, ଭୋଗ କରୁଛି ଅନ୍ୟ ଜଣେ

**ପାରାଦୀପ,୩୧।୧୦(ସ୍ୱ.ପ୍ର.)**







ବିକ୍ରି ହେବା ପୂର୍ବରୁ ଥିଲା କାରଗିଲ୍ ଇଣ୍ଡିଆ। ବିକ୍ରି ହେବା ପରେ ହୋଇଛି ଆଦାନୀ ୱିଲ୍‌ମାର୍ ଲିମିଟେଡ୍।

ପାରାଦୀପ ବନ୍ଦରରେ ଗଢ଼ି ଉଠିଥିବା ଅନେକ ଉଦ୍ୟୋଗର ମାଲିକାନା ବଦଳି ଯାଉଛି। ସଂସ୍ଥା ଜଣେ ଆରମ୍ଭ କରୁଛି। ଆଉ ଜଣେ ଏହାର ଉପଭୋଗ କରୁଛି। ଏପରି ଅନେକ ସଂସ୍ଥା ଏଠି ରହିଛି। ଯାହାକୁ ନେଇ ଲୋକେ ବିଭିନ୍ନ ସମୟରେ ଦ୍ୱନ୍ଦ୍ୱରେ ପଡୁଛନ୍ତି। ଏବେ ଏଠାରେ ଗଢ଼ି ଉଠିଥିବା ଏସାରଷ୍ଟିଲକୁ ଆରସେଲ ମିତ୍ତଲ ଅଧିଗ୍ରହଣ କରିବା ନେଇ ଦିଲ୍ଲୀରେ ଚାଲିଛି କର୍ପୋରେଟ୍ ଯୁଦ୍ଧ। କମ୍ପାନୀର ଏହି ମାଲିକାନା ପରିବର୍ତ୍ତନ କଥା ପଦାକୁ ଆସିବା ପରେ ଶ୍ରମିକ, ଜମିହରା, ଠିକାଦାର ଓ କର୍ମଚାରୀଙ୍କ ମଧ୍ୟରେ ଉତ୍ସୁକତା ପ୍ରକାଶ ପାଇଛି। ୨୦୦୮ରୁ ଉକ୍ତ କାରଖାନା ପାରାଦୀପରେ ଉତ୍ପାଦନ ଆରମ୍ଭ କରିଛି। ତେବେ କମ୍ପାନୀର ଆର୍ଥିକ ସ୍ଥିତି ନିମ୍ନଗାମୀ ହେବା ପରଠାରୁ ଉତ୍ପାଦନ ପ୍ରକ୍ରିୟା ଶିଥିଳ ହୋଇଯାଇଛି। ଦେଖିବାକୁ ଗଲେ ପାରାଦୀପ ବନ୍ଦରଠାରୁ ଆରମ୍ଭ କରି ୧୫ ବୃହତ ଶିଳ୍ପରେ ସେହିଭଳି ଘଟିଚାଲିଛି। ୧୯୬୨ ମସିହା ଜାନୁୟାରୀ ୩ରେ ଓଡ଼ିଶା ସରକାର ଏହି ବନ୍ଦର ପ୍ରତିଷ୍ଠା କରିଥିଲେ। ସେତେବେଳେ ଏହାର ନାମ ଥିଲା ପାରାଦୀପ ପୋର୍ଟ ପ୍ରୋଜେକ୍ଟ। ପରବର୍ତ୍ତୀ ସମୟରେ ରାଜ୍ୟ ସରକାରଙ୍କ ଅର୍ଥାଭାବ ଯୋଗୁ ୧୯୬୬ ମାର୍ଚ୍ଚ ୫ରେ ଏହାକୁ କେନ୍ଦ୍ର ସରକାରଙ୍କୁ ହସ୍ତାନ୍ତର କରାଯାଇଥିଲା। କେନ୍ଦ୍ର ସରକାର ପାରାଦୀପ ପୋର୍ଟ ପ୍ରୋଜେକ୍ଟକୁ ନେବାପରେ ଏହାକୁ ପାରାଦୀପ ବନ୍ଦର ନ୍ୟାସ ନାମକରଣ କରିବା ସହ ବୃହତ ବନ୍ଦର ଘୋଷଣା କରିଛନ୍ତି। ଏବେ ସେହି ନାଁରେ ବନ୍ଦର ଚାଲିଛି। ଏହି ବନ୍ଦରକୁ ଆୟୁଧକରି ୧୯୮୨ ମସିହାରେ ତତ୍କାଳୀନ କେନ୍ଦ୍ର ସରକାର ନାଉରୁ ସରକାରଙ୍କ ସହ ମିଶି ନିର୍ମାଣ କରିଥିଲେ ପାରାଦୀପ ଫସ୍‌ଫେଟ୍‌ସ ଲିମିଟେଡ୍(ପିପିଏଲ)। ୨୦୦୫ ପର୍ଯ୍ୟନ୍ତ ପିପିଏଲ୍ ଠିକ୍‌ରେ ଚାଲିଥିଲା। ରାଷ୍ଟ୍ରାୟ ଉଦ୍ୟୋଗରେ ଚାଲିଥିବା ସତ୍ତ୍ୱେ ପରେ କାରଖାନାର କ୍ଷତିଘଟିଲା। ଫଳରେ ଅଧାରୁ ନାଉରୁ ସରକାର ଓହରିଗଲେ। ଏହାପରେ କେନ୍ଦ୍ର ସରକାର ୨୦୦୫/୦୬ରେ ଆଡ୍‌ଭେଣ୍ଟେଜ୍ ଗ୍ରୁପ୍‌କୁ ବିକି ଦେଲେ। ଏହି ଗ୍ରୁପ ଏହାକୁ ଅଧିଗ୍ରହଣ କରିଥିଲେ ହେଁ କାରଖାନାର ପୂର୍ବନାମକୁ ବଳବତ୍ତର ରଖିଛି। କାରଣ ସାର ବିକ୍ରୟ କ୍ଷେତ୍ରରେ ପିପିଏଲ ବେଶ୍ ଜଣାଶୁଣା। ଏହାକୁ

**ପାରାଦୀପ ବନ୍ଦର**
**■ବଦଳୁଛି ଉଦ୍ୟୋଗର ମାଲିକାନା**

ଆଡ୍‌ଭେଣ୍ଟେଜ୍ ଗ୍ରୁପ୍ ନେବା ପରଠାରୁ କାରାଖାନାର ପ୍ରତିବର୍ଷ ୨୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଲାଭ ହେଉଛି। ସେହିପରି ଅନ୍ୟତମ ବୃହତ ସାର କାରଖାନା ଓସୱାଲ ୧୯୯୮ ମସିହାରେ ଆରମ୍ଭ ହୋଇଥିଲା। ୭ବର୍ଷ ଉତ୍ପାଦନ କରି ଲାଭ ହାସଲ କରିବା ପରେ ୨୦୦୫ ଅକ୍ଟୋବରରେ ଇଫ୍‌କୋକୁ ବିକିଥିଲା। କାରଣ ଓସୱାଲ କମ୍ପାନୀ କାରଖାନାର ନିର୍ମାଣକାମ ନିମ୍ନମାନର କରିଥିବାରୁ କାରାଖାନାର ସ୍ଥିତି ଅତ୍ୟନ୍ତ ରୁଗ୍ଣ ଅବସ୍ଥାକୁ ଚାଲିଯାଇଥିଲା। ଇଫ୍‌କୋ ସେହି କାରଖାନାକୁ ନବୀକରଣ କରିବା ପରେ ସାର ଉତ୍ପାଦନ କରୁଛି। ସେହିପରି ବିଅର ଫ୍ୟାକ୍ଟ୍ରିକୁ ସବ୍‌ମିଲର ନେଇଛି। ମନିହର ଗ୍ରୁପ୍ ଦ୍ୱାରା ପରିଚାଳିତ ଗୋଆ କାର୍ବନକୁ ଡେମ୍ପୋ ଗ୍ରୁପ୍ ଅଧିଗ୍ରହଣ କରିଛି। ମନିହର ଗ୍ରୁପ୍ ପୁଣି ଆଉ ଏକ କଳିଙ୍ଗ କାଲସିନର କାରଖାନା ଦୋଛକିଠାରେ କରିଛି। ୨୦୦୩ରେ ବାଉରିଆପାଳନ୍ଦାଠାରେ କାର୍ଗିଲ ଇଣ୍ଡିଆ କମ୍ପାନୀ ଖାଇବା ତେଲ କାରଖାନା କରିଥିଲା। କେତେକ ସମସ୍ୟା ଯୋଗୁ ସେହି କମ୍ପାନୀ ୨୦୧୪ରେ ବନ୍ଦ ହୋଇଥିଲା। ୨୦୧୮ ମାର୍ଚ୍ଚରେ ଉକ୍ତ କାରଖାନାକୁ ଆଦାନୀ ୱିଲମାର ଗ୍ରୁପ୍ କ୍ରୟ କରିଛି। ଏହାପରେ ପ୍ରଥମ ଥର ଏଠାରେ ଗତ ସୋମବାର ଜାହାଜ ଲାଗିଛି। ୨୦୦୦ ମସିହାରେ ଭାରତୀୟ ତୈଳନିଗମ ପାରାଦୀପରେ ଏକ ବିଶୋଧନାଗାର ପାଇଁ ଜମି ଅଧିଗ୍ରହଣ କରିଥିଲା। ସେତେବେଳେ ଏହାର ନାମ ଥିଲା ପୂର୍ବ ଭାରତ ତୈଳ ବିଶୋଧନାଗାର। ୨୦୦୬/୦୭ରେ ଇଣ୍ଡିଆନ ଅଏଲ ସେହି ପୂର୍ବ ନାମକୁ ପରିବର୍ତ୍ତନ କରି ପାରାଦୀପ ରିଫାଇନାରୀ କରିଛି। ଏଚ୍‌ପିସିଏଲ୍ ଟର୍ମିନାଲକୁ ଏବେ ଆଉ ଏକ କମ୍ପାନୀ କିଣିଛି। ଦୀପକ ଫର୍ଟିଲାଇଜରର କମ୍ପାନୀ ଆମୋନିଆ ନାଇଟ୍ରେଟ୍ କାରଖାନା କରିବା ପାଇଁ ୪୧୫ ଏକର ଜମି ୯ ବର୍ଷ ହେଲା ଅଧିଗ୍ରହଣ କରିଛି। ଏପରି କି ଗତ ବର୍ଷ ଅକ୍ଟୋବର ୧୭ରେ କାରଖାନା ପାଇଁ ଜନଶୁଣାଣି ମଧ୍ୟ ହୋଇଥିଲା। ଏହା ମଧ୍ୟରେ କମ୍ପାନୀର ସ୍ଥିତି ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଛି। ଏଭଳି ପ୍ରାୟ ସମସ୍ତ ବଡ଼ କମ୍ପାନୀକୁ ଜଣେ ଆରମ୍ଭ କରୁଛି। ପରେ ଆଉ ଜଣେ ଭୋଗ କରୁଛି। ଏମିତି ପରିବର୍ତ୍ତନ ଦ୍ୱାରା ଲୋକେ ଦ୍ୱନ୍ଦ୍ୱରେ ପଡୁଛନ୍ତି। ଯେପରି ଏବେବି ରହିଛି ଓସୱାଲ ଛକ, କାର୍ଗିଲ ରୋଡ୍ ଓ ଏଚ୍‌ପିସିଏଲ୍ ଟର୍ମିନାଲ ଛକ ଆଦି। ଏପରି କି ନୂଆ ପୁରୁଣା ଛକକୁ ନେଇ ଗାଡ଼ିଚାଳକ ମଧ୍ୟ ଦ୍ୱନ୍ଦ୍ୱରେ ପଡୁଛନ୍ତି।

## ଏକତା, ସଂଘତି ପାଇଁ ଗଣଦୌଡ

**କୁଜଙ୍ଗ,୩୧।୧୦(ସ୍ୱ.ପ୍ର.):**

ସର୍ଦ୍ଦାର ବଲ୍ଲଭାଇ ପଟେଲଙ୍କ ଜନ୍ମ ଜୟନ୍ତୀରେ କୁଜଙ୍ଗ ବ୍ଲକ୍‌ରେ ବିଭିନ୍ନ ସଂଗଠନ ପକ୍ଷରୁ ଦେଶର ଏକତା ଓ ସଂଘତି ପାଇଁ ଗଣଦୌଡ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ପଙ୍କପାଳ ମଣ୍ଡଳ ଭାଜପା ପକ୍ଷରୁ ସଭାପତି ପ୍ରଦୀପ୍ତ ମହାପାତ୍ର ଓ ସାଧାରଣ ସମ୍ପାଦକ ବିନମ୍ର ମଞ୍ଜୁଳ ସ୍ୱାଇଁଙ୍କ ନେତୃତ୍ୱରେ ଗଣଦୌଡ ଅନୁଷ୍ଠିତ ହୋଇଛି। ଦେଶର ଏକତା ଅଖଣ୍ଡାତା ପାଇଁ ସଭିଏଁ ଶପଥ ପାଠ କରିଥିବା ବେଳେ ସାଧାରଣ ଜନତାଙ୍କୁ ଏହି ବାର୍ତ୍ତା ବାଣ୍ଟିଥିଲେ। କାର୍ଯ୍ୟକ୍ରମରେ ଶ୍ରମିକ ନେତା ଭବେନ୍ଦ୍ର ଦାଶ, ଦିଲୀପ ବେହେରା, ବିମଳ ପ୍ରସାଦ ଦାସ, ବିଶ୍ୱନାଥ ବେହେରା, ନିର୍ଲୋଳ ପ୍ରଧାନ, ମଥୁରାନନ୍ଦ ଦାସ ପ୍ରମୁଖ ଭାଗ ନେଇଥିଲେ। ସେହିପରି କୁଜଙ୍ଗରେ ସାଧାରଣ ସମ୍ପାଦକ ତପନ ତ୍ରିପାଠୀ, ଜିଲାପରିଷଦ ସଭ୍ୟା ସୁଶ୍ରୀ ପ୍ରିୟଦର୍ଶିନୀ, ମିଲି ପରିଡା, ବିପିନ ତ୍ରିପାଠୀ, ଅକ୍ଷୟ ଦାସ, ସନ୍ତୋଷ ମହରାଣା, ସୂର୍ଯ୍ୟକାନ୍ତ ଦଳାଇ ପ୍ରମୁଖ ଗଣ ଦୌଡର ନେତୃତ୍ୱ ନେଇଥିବା ବେଳେ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ଓ ମଙ୍ଗରାଜପୁର ବିଦ୍ୟାଳୟର ଛାତ୍ରଛାତ୍ରୀ ଗଣ ଦୌଡରେ ଭାଗ ନେଇଥିଲେ। ସେହିପରି କୁଜଙ୍ଗ ବ୍ଲକ୍ ୪ନଂ ଜୋନ୍‌ରେ ରଶ୍ମୀରଞ୍ଜନ ସାମନ୍ତରାୟ, ଦେବେନ୍ଦ୍ର ସାହୁ, ବାବୁ ରଞ୍ଜନ ପ୍ରଧାନ, ସଲିଳ ପ୍ରଧାନ, ବିଶ୍ୱଜିତ ବେହେରା, ରଞ୍ଜିତ ବେହେରା ଓ ଦିବ୍ୟ ଜ୍ୟୋତି ପଲାଇଙ୍କ ନେତୃତ୍ୱରେ ଗଣ ଦୌଡ ଅନୁଷ୍ଠିତ ହୋଇଥିଲା।

## ସିଦ୍ଧଗାଦୀ ମଠକୁ ନାହିଁ ସବୁଦିନିଆ ରାସ୍ତା

**ତିର୍ତ୍ତୋଲ,୩୧।୧୦(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ମଣିଜଙ୍ଗା ପଞ୍ଚାୟତର ନିମକଣା ପି.ଏଚ ନିକଟରେ ଥିବା ସିଦ୍ଧଗାଦୀ ମଠ ଅବହେଳିତ ଅବସ୍ଥାରେ ରହିଛି। ଏହି ପୁରାତନ ମଠକୁ ପ୍ରତ୍ୟହ ବହୁ ଶ୍ରଦ୍ଧାଳୁ ଆସିଥାନ୍ତି। ଯାନିଯାତ୍ରା ସମୟରେ ଏଠାରେ ପ୍ରବଳ ଭିଡ଼ ହୋଇଥାଏ। ମାତ୍ର ଏହି ମଠକୁ ସବୁଦିନିଆ ରାସ୍ତାଟିଏ ନ ଥିବାରୁ ଶ୍ରଦ୍ଧାଳୁମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମଠରୁ ମଣିଜଙ୍ଗା-ଏରସମା ମୁଖ୍ୟରାସ୍ତାକୁ ସଂଯୋଗ କରୁଥିବା କେନାଲ ବନ୍ଧ ରାସ୍ତାଟି ଶୋଚନୀୟ ହୋଇପଡିଛି। ଏହି କେନାଲ ବନ୍ଧ ରାସ୍ତାଟି କଚ୍ଚା ରାସ୍ତା ହୋଇଥିବାରୁ ବର୍ଷା ହେଲେ ଯାତାୟାତ ସମ୍ଭବ ହେଉନାହିଁ। ଫଳରେ ଏଠାକୁ ଆସୁଥିବା ଜଡତିରା, ମଣିଜଙ୍ଗା, ନିମକଣା, ଇନ୍ଦ୍ରପା ସମେତ ଆଖପାଖ ଗ୍ରାମର ଶ୍ରଦ୍ଧାଳୁମାନେ ଘୋର ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। କଂକ୍ରିଟ ତ ଦୂରର କଥା, ଏହି କଚ୍ଚା ରାସ୍ତାରେ ବାଲି ମୋରମ ଆଦି ପକାଯାଇ ମରାମତି କରାଯାଉନି। ମଠ ପରିସରରେ ଏକ ଛୋଟ ଘରେ ସିଦ୍ଧଗାଦୀ ଠାକୁର ପୂଜା ପାଉଛନ୍ତି। ଏଠାରେ ଶ୍ରଦ୍ଧାଳୁମାନଙ୍କ ପାଇଁ ଆବଶ୍ୟକ ବ୍ୟବସ୍ଥା କରାଯାଉନାହିଁ। ଫଳରେ ଏଠାକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶାସନ ଏହି ମଠକୁ ସବୁଦିନିଆ ପକ୍କା ରାସ୍ତା ନିର୍ମାଣ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

■ ବିଷ୍ଣୁ ଦାସଙ୍କ ରଘୁନାଥପୁର ଅଞ୍ଚଳକୁ ଘନ ଘନ ଗସ୍ତକୁ ନେଇ ଚର୍ଚ୍ଚା

## ମଣ୍ଡପ ବୁଲିବା ସହ ସମର୍ଥକଙ୍କ ଗହଣରେ ସମୟ କାଟିଲେ

**ରଘୁନାଥପୁର, ୩୧।୧୦( ଡି.ଏନ.ଏ.)**



ପୂଜା ମଣ୍ଡପରେ ସମର୍ଥକଙ୍କ ସହ ବିଷ୍ଣୁ ଦାସ୍।

ଆଗାମୀ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ରଘୁନାଥପୁର ବ୍ଲକ ଅଞ୍ଚଳରେ ଥିବା ବିଭିନ୍ନ ଗଜଲକ୍ଷ୍ମୀ ପୂଜା ମଣ୍ଡପଗୁଡିକରେ ରାଜନୈତିକ ଦଳର ଆଶାୟୀ ପ୍ରାର୍ଥୀ ତଥା ନେତାଙ୍କ ଆତଯାତ ଲାଗି ରହିଛି। ତେବେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ତଥା ଜଗତ୍‌ସିଂହପୁର ଜିଲା ବିଜେଡି ସଭାପତି ବିଷ୍ଣୁ ଦାସ ରଘୁନାଥପୁର ଅଞ୍ଚଳର ବିଭିନ୍ନ ପୂଜା ମଣ୍ଡପରେ ପହଞ୍ଚିବାରୁ ନିଜର ସମର୍ଥକଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି ହୋଇଛି। ରବିବାର ସଭାପତି ଦାସ ଅଢେଇକୂଳ, ତଅଁରା, ଗୁଆଳିପୁର ଓ ରେତୁଆରେ ଥିବା ୨୦ରୁ ଉର୍ଦ୍ଧ୍ୱ ପୂଜା ମଣ୍ଡପ ବୁଲି ସ୍ଥାନୀୟ ଜନତାଙ୍କ ସହ ଭାବର ଆଦାନ ପ୍ରଦାନ କରିଥିଲେ। ତାରପୁର ସରପଞ୍ଚ ସରୋଜ କୁମାର ଦାସଙ୍କ ଆମନ୍ତ୍ରଣ କ୍ରମେ ପୁନର୍ବାର ସଭାପତି ଦାସ ମଙ୍ଗଳବାର ରାତି ପ୍ରାୟ ୯ଟାରେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ପୂର୍ବରୁ ଅପେକ୍ଷାରତ ଥିବା ଆଖପାଖ ପଞ୍ଚାୟତର ଶତାଧିକ ଦଳୀୟ କର୍ମୀ ବାଇକ୍ ଶୋଭାଯାତ୍ରାରେ ଦାସଙ୍କୁ ପୂଜାମଣ୍ଡପଗୁଡିକ ନିକଟକୁ ନେଇ ଯାଇଥିଲେ। ସେଠାରେ ଜିଲା ସଭାପତି ଦାସ ନିଜ ସମର୍ଥକଙ୍କ ସହ ଆଲୋଚନାରେ ସମୟ କାଟିବା ତଥା ଉପସ୍ଥିତ ଜନତାଙ୍କ ଆଶୀର୍ବାଦ ଭିକ୍ଷା କରିବା ନେଇ ବୁଦ୍ଧିଜୀବୀଙ୍କ ମହଲରେ ଅନେକ କିଛି ଚର୍ଚ୍ଚା ହେଉଛି। ଦଳୀୟ ସଙ୍ଗଠନକୁ ମଜବୁତ କରିବା ଲକ୍ଷ୍ୟ ରଖି ଜିଲା ସଭାପତିଙ୍କ ଉଦ୍ୟମକୁ ପ୍ରଶଂସା କରାଯାଉଥିବାବେଳେ, ତିର୍ତ୍ତୋଲ ନିର୍ବାଚନମଣ୍ଡଳୀକୁ ବିଷ୍ଣୁଙ୍କ ତୋଫାନୀ ଗସ୍ତକୁ ନେଇ ଅଗାମୀଦିନରେ ସ୍ଥିତି କିଛି ଅନ୍ୟପ୍ରକାର ହୋଇପାରେ ବୋଲି ରୋଚକ ଚର୍ଚ୍ଚା ହେଉଛି। ମଣ୍ଡପ ବୁଲାରେ ପୂର୍ବତନ ବ୍ଲକ ଅଧକ୍ଷ ରଜତ କୁମାର ପାତ୍ର, ପୂର୍ବତନ ଜିଲା ପରିଷଦ ସଭ୍ୟ ସରୋଜକାନ୍ତ ସ୍ୱାଇଁ, ପୂର୍ବତନ ସମିତିସଭ୍ୟ ଅନ୍ତର୍ଯ୍ୟାମୀ ରାଉତ, ରଘୁନାଥପୁର ସରପଞ୍ଚ ପ୍ରମୋଦ କୁମାର ଜେନା, ଅଢେଇକୂଳ ସରପଞ୍ଚ ଶେଷଦେବ ସେଠୀ, ତଅଁରା ସରପଞ୍ଚ କବିତା ନାୟକ, ଜଗନ୍ନାଥପୁର ସଭ୍ୟ ମେହେବୁବୁ ବେଗ୍, ବିଷ୍ଣୁ ଚରଣ ସେଠୀ, ଇନ୍ଦୁ ଭୂଷଣ ଲେଙ୍କା, ସରୋଜ ରାୟଙ୍କ ସମେତ ବହୁ ଛାମୁଆ କର୍ମୀ ଉପସ୍ଥିତ ଥିଲେ।

## ନାଉଗାଁ ବ୍ଲକରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

**ନାଉଗାଁ,୩୧।୧୦(ସ୍ୱ.ପ୍ର.)**



ବିଜେଡି କର୍ମୀମାନେ ପଦଯାତ୍ରାରେ ଯାଉଛନ୍ତି।

ନାଉଗାଁ ବ୍ଲକ ବିଜେଡି ପକ୍ଷରୁ ବୁଧବାର ବ୍ଲକ ଅଞ୍ଚଳରେ ଏକ ଜନସମ୍ପର୍କ ପଦଯାତ୍ରା ବିଜେଡି ବ୍ଲକ ସଭାପତି ସୁଜିତ ମଲିକଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଛି। ପଦଯାତ୍ରା ଅଲଣା ପଞ୍ଚାୟତର ନୂଆପୋଲଠାରୁ ଆରମ୍ଭ ହୋଇ ଧୂଆଁପଦାଦେଇ ଗାରୋଇ ଆଶ୍ରମଠାରେ ଶେଷ ହୋଇଥିଲା। ବ୍ଲକ ଛକଠାରେ ଶୋଭାଯାତ୍ରା ପହଞ୍ଚିବା ପରେ ଜିଲା ସଭାପତି ତଥା ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ବିଷ୍ଣୁ ଦାସ, ଜିଲା ଯୁବ ବିଜେଡି ସଭାପତି ଅମରେନ୍ଦ୍ର ଦାସ ଓ ସମର୍ଥକ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

ସେହିପରି ଗଙ୍ଗଦାହାଟରେ ଥିବା ବିଜୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପଦଯାତ୍ରା ଗାରୋଇରେ ପହଞ୍ଚିବା ପରେ ସେଠାରେ ଏକ ସାଧାରଣ ସଭା ହୋଇଥିଲା। ବ୍ଲକ ବିଜେଡି ସଭାପତି ମଲିକଙ୍କ ସଭାପତିତ୍ୱରେ ଜିଲା ସଭାପତି ଦାସ, ଜିଲା ପରିଷଦ ସଭ୍ୟ ସୁବଳ ବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଏଲିନା ଦାସ, ଦୋଳ ଗୋବିନ୍ଦ ଦାସ, ବ୍ଲକ କାର୍ଯ୍ୟକାରିଣୀ ସଭାପତି ପ୍ରଭୁ ଚରଣ ଦାସ, ବିଜୟଶଙ୍କର ଦାସ, ମିନତି ଦାସ, ପ୍ରତ୍ୟୁଷ ପରିଡା ପ୍ରମୁଖ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ। ଶେଷରେ କୋରୁଅ ପଞ୍ଚାୟତର କଂଗ୍ରେସ ଓ ଭାଜପାରୁ ଶତାଧିକ ଅସନ୍ତୁଷ୍ଟ କର୍ମୀ ଆସି ଦଳରେ ଯୋଗ ଦେଇଥିଲେ। ଦଳ ପକ୍ଷରୁ ଆୟୋଜିତ ପଦଯାତ୍ରାରେ ଜିଲା ପରିଷଦ ଉପାଧ୍ୟକ୍ଷ ଲିଙ୍ଗରାଜ ସ୍ୱାଇଁ ଓ ତାଙ୍କ ସମର୍ଥକଙ୍କ ଦେଖା ନ ଥିଲା। ଗାରୋଇଠାରେ ସାଧାରଣ ସଭା କରାଯାଇଥିବା ବେଳେ ପୂର୍ବତନ ସରପଞ୍ଚ ତଥା ବରିଷ୍ଠ ନେତା ମିହିର ସ୍ୱାଇଁଙ୍କ ମଧ୍ୟ ଦେଖା ମିଳି ନ ଥିଲା। ଏହା ବ୍ୟତୀତ ଅନେକ ବରିଷ୍ଠ ନେତା ସାମିଲ ହୋଇ ନ ଥିବା ଦେଖାଯାଇଛି। ଏ ସମ୍ପର୍କରେ ଜିଲା ପରିଷଦ ଉପାଧ୍ୟକ୍ଷ କହିଛନ୍ତି, ପଦଯାତ୍ରା ସମ୍ପର୍କରେ ବ୍ଲକ କିମ୍ବା ଜିଲା ସଭାପତି ତାଙ୍କୁ କିଛି କହି ନ ଥିଲେ। ପଦଯାତ୍ରାକୁ ଜିଲା ଛାତ୍ର ଜନତା ଉପସଭାପତି ଆଲୋକ ମହାନ୍ତି, ଓମ୍ ପ୍ରକାଶ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

## ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ

**ବାଲିକୁଦ,୩୧।୧୦(ସ୍ୱ.ପ୍ର.)**

ବାଲିକୁଦା ବ୍ଲକ ଥାଇଲୋ ପଞ୍ଚାୟତର ଜୟଗାଁଠାରେ ଥିବା ଶ୍ରୀକୃଷ୍ଣ ଗୁରୁକୂଳରେ ସର୍ଦ୍ଦାର ବଲ୍ଲଭାଇ ପଟେଲଙ୍କ ୧୪୩ ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷ ତଥା ପରିଚାଳନା କମିଟି ସମ୍ପାଦକ କୃଷ୍ଣଚନ୍ଦ୍ର ଶତପଥୀଙ୍କ ଅଧକ୍ଷତାରେ ଏକ ସଭାର ଆୟୋଜନ କରାଯାଇଥିଲା। ମୁଖ୍ୟଅତିଥି ଭାବେ କମିଟି ଉପଦେଷ୍ଟା ଧର୍ମାନନ୍ଦ ଦାସ ଯୋଗଦେଇ ବଲ୍ଲଭାଇ ପଟେଲଙ୍କ ଜୀବନ ଉପରେ ଆଲୋକପାତ କରିଥିଲେ। ପରିଚାଳନା କମିଟି ସହ ସମ୍ପାଦିକା ରୀତା ପରିଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ବିଜୟ ପରିଡା, ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ପରିଡା, ବିନୀତା ମେଘମାଳା ଜେନା, ଶର୍ମିଷ୍ଠା ମହାନ୍ତି, ରୋଜାଲିନ ଦାସ, ପ୍ରେମଲତା ରାଉତ, କୁନରମା ସାହୁ ଓ ନିଳିମା ପରିଡା ଯୋଗ ଦେଇଥିଲେ। ବିଦ୍ୟାଳୟର ଛାତ୍ର ଦିବ୍ୟ ସ୍ୱରୂପ ବେହେରା ଓ ସାଇନା ଦାଶ ପଟେଲଙ୍କ ଉପରେ ଭାଷଣ ଦେଇଥିଲେ।

## ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧୋତ୍ସବ

**ନାଉଗାଁ,୩୧।୧୦(ସ୍ୱ.ପ୍ର)**

ନାଉଗାଁ ବ୍ଲକରେ ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧୋତ୍ସବ ବୁଧବାର ପାଳିତ ହୋଇଯାଇଛି। ବ୍ଲକ କଂଗ୍ରେସ ତରଫରୁ ପୂର୍ବତନ ବ୍ଲକ ଅଧକ୍ଷ ବିଚିତ୍ରାନନ୍ଦ ଲେଙ୍କାଙ୍କ ନେତୃତ୍ୱରେ ସୁନିଲ ମାଟିଆ, ସଜିନ ବେହୁରା, କ୍ରିଷ୍ଣାନନ୍ଦ ସାହୁ, ବେଣୁଧର ସ୍ୱାଇଁ ପ୍ରମୁଖ ନାଉଗାଁ ବଜାରରେ ଥିବା ଇନ୍ଦିରାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ତାଙ୍କ ଆଦର୍ଶ ଓ ତ୍ୟାଗପୂତ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ।

## ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ

**ଜଗତ୍‌ସିଂହପୁର ଅଫିସ,୩୧।୧୦**

ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ବୁଧବାର ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଛି। ଏଥିରେ ଅଧକ୍ଷତା କରି ଜିଲା ସାମାଜିକ ସୁରକ୍ଷା ଅଧିକାରୀ ୱାହାବ୍ ଖାଁ କହିଥିଲେ, ଆମ ଜିଲାରେ ୧ ଲକ୍ଷ ୩୫ ହଜାର ୯୦୧ ଜଣ ବରିଷ୍ଠ ନାଗରିକ ଅଛନ୍ତି। ସେଥିମଧ୍ୟରୁ ପୁରୁଷ ୫୧.୫୪ ପ୍ରତିଶତ ଓ ମହିଳା ୪୮.୪୬ ପ୍ରତିଶତ। ଭାରତ ବର୍ଷରେ ସମୁଦାୟ ଲୋକ ସଂଖ୍ୟାର ୮.୨୦ ପ୍ରତିଶତ ବରିଷ୍ଠ ନାଗରିକ ଥିବାବେଳେ ଓଡ଼ିଶାରେ ୯.୪ ପ୍ରତିଶତ ଅଛନ୍ତି। ଜିଲାରେ ମଧୁବାବୁ ପେନ୍‌ସନ୍ ଯୋଜନାରେ ୬୦,୯୭୨ ଓ ଇନ୍ଦିରା ଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ଯୋଜନାରେ ୫୬,୭୨୭ ବ୍ୟକ୍ତି ଉପକୃତ ହେଉଛନ୍ତି। ରାଜ୍ୟ ସରକାରଙ୍କ ତରଫରୁ ଏୟାର ଲାଇନ୍‌ସ ଓ ରେଳବାଇ ସେବାରେ ବରିଷ୍ଠ ନାଗରିକଙ୍କୁ ରିହାତି ପ୍ରଦାନ କରାଯାଉଛି। ରାଜ୍ୟ ସରକାର ବରିଷ୍ଠ ନାଗରିକ ତୀର୍ଥ ଯୋଜନାରେ ବରିଷ୍ଠ ନାଗରିକଙ୍କୁ ତୀର୍ଥସ୍ଥାନ ଭ୍ରମଣ ନିମନ୍ତେ ସୁଯୋଗ ଦେଇଛନ୍ତି। ଏୟାର ଲାଇନ୍‌ସରେ ଯାତ୍ରା ନିମନ୍ତେ ବରିଷ୍ଠ ନାଗରିକଙ୍କୁ ୫୦ ପ୍ରତିଶତ, ରେଳବାଇରେ ଯାତ୍ରା ନିମନ୍ତେ ବରିଷ୍ଠ ପୁରୁଷ ନାଗରିକଙ୍କୁ ୩୦ ପ୍ରତିଶତ ଓ ମହିଳାଙ୍କୁ ୫୦ ପ୍ରତିଶତ ରିହାତି ପ୍ରଦାନ କରାଯାଉଛି। ଯେଉଁ ବରିଷ୍ଠ ନାଗରିକଙ୍କୁ ତାଙ୍କ ପିଲା ପଚାରୁନାହାନ୍ତି କିମ୍ବା ଯାହାର ପିଲାପିଲି ନାହାନ୍ତି ସେମାନଙ୍କ ପାଇଁ ରାଜ୍ୟ ସରକାର ବୃଦ୍ଧାଶ୍ରମ କରିଛନ୍ତି। ଜିଲାରେ ନାଉଗାଁ, ବିରିଡି ଓ ରଘୁନାଥପୁରଠାରେ ତିନୋଟି ବୃଦ୍ଧାଶ୍ରମ ରହିଛି ବୋଲି କହିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ବରିଷ୍ଠ ନାଗରିକଙ୍କ ନିମନ୍ତେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଆଇନଜୀବୀ ଧୀରେନ୍ଦ୍ର ନାଥ ଆଚାର୍ଯ୍ୟ ଯୋଗଦେଇ ବରିଷ୍ଠ ନାଗରିକଙ୍କୁ ପରିବାରରେ ଅବହେଳା କଲେ ଆଇନରେ ଥିବା ଦଣ୍ଡ ବ୍ୟବସ୍ଥାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ଆଶ୍ରା ଅନୁଷ୍ଠାନର ସଭାପତି ଶିଶିର ଦାସ ଓ ବିଶିଷ୍ଟ କୃଷିବିତ୍ ରମେଶ ଚନ୍ଦ୍ର ଦାସ ଯୋଗଦେଇ ବରିଷ୍ଠ ନାଗରିକଙ୍କ ନିମନ୍ତେ ଥିବା ସୁବିଧା ସୁଯୋଗ ଉପରେ ବ୍ୟାପକ ସଚେତନତାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ବ୍ୟାଙ୍କ୍‌ରେ ବରିଷ୍ଠ ନାଗରିକଙ୍କ ନିମନ୍ତେ ସ୍ୱତନ୍ତ୍ର କାଉଣ୍ଟର, ମେଡିକାଲରେ ଚିକିତ୍ସା ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା, ବସ୍‌ରେ ଯାତ୍ରା କରିବା ପାଇଁ ସ୍ୱତନ୍ତ୍ର ସିଟ୍ ଆରକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିଲେ। ବରିଷ୍ଠ ନାଗରିକଙ୍କ ମଧ୍ୟରୁ ପ୍ରେମାନନ୍ଦ ପଢିହାରୀ ଓ ରଘୁନାଥ ଜେନା ଯୋଗଦେଇ ବରିଷ୍ଠ ନାଗରିକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ଦିବସ ଅବସରରେ ସକାଳେ ଏକ ଶୋଭାଯାତ୍ରା ସଂସ୍କୃତି ଭବନରୁ ବାହାରି ଟାଉନ୍‌ହଲ୍ ଦେଇ ଆସିଥିଲା। ବରିଷ୍ଠ ନାଗରିକଙ୍କ ନିମନ୍ତେ ଯୋଗାଭ୍ୟାସ, ହେଲ୍‌ଥ ଚେକ୍‌ଅପ୍ କ୍ୟାମ୍ପମାନ ଅନୁଷ୍ଠିତ ହୋଇଥିଲା। ସରସ୍ୱତୀ ଶିଶୁମନ୍ଦିରର ଛାତ୍ରୀଛାତ୍ରଙ୍କ ଦ୍ୱାରା ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

■ ଏରସମା ପଞ୍ଚାୟତ ସମିତି ବୈଠକରେ ହଟଗୋଳ

## ଜନ ପ୍ରତିନିଧିଙ୍କ ବୈଠକ ବର୍ଜନ

**ଏରସମା,୩୧।୧୦(ସ୍ୱ.ପ୍ର.)**



ପଞ୍ଚାୟତ ପ୍ରତିନିଧିମାନେ ଧାରଣାରେ ବସିଛନ୍ତି।

ବୁଧବାର ଏରସମା ପଞ୍ଚାୟତ ସମିତି ବୈଠକରେ ହଟଗୋଳ ହୋଇଛି। ବ୍ଲକ ପ୍ରଶାସନ ଜନ ପ୍ରତିନିଧିଙ୍କୁ ବିଭିନ୍ନ କ୍ଷେତ୍ରରେ ଅଣଦେଖା କରୁଥିବା ଦର୍ଶାଇ ଗୃହରେ ପ୍ରତିବାଦ କରାଯାଇଥିଲା। ଏଥି ସହିତ ଉତ୍ତ୍ୟକ୍ତ ଜନପ୍ରତିନିଧି ସଭାକକ୍ଷ ଛାଡି ବାହାରକୁ ପଳାଇ ଆସି ବୈଠକ ବର୍ଜନ କରିଥିଲେ। ସେହିପରି ଖବରଦାତାଙ୍କୁ ବୈଠକକୁ ନ ଡାକିବାରୁ ଖବରଦାତା ସଂଘ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ସମିତି ସଭାଗୃହରେ ଅନୁଷ୍ଠିତ ବୈଠକରେ ବାଲିକୁଦା-ଏରସମା ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ଏମପି ଡା. କୁଳମଣି ସାମଲ, ଜିଲା ପରିଷଦ ସଭ୍ୟ ଦୀପ୍ତି ରଞ୍ଜନ କୁଅଁର, ଇତିଶ୍ରୀ ଭୂୟାଁ, ବିଡିଓ କୈଳାସ ଚନ୍ଦ୍ର ବେହେରା, ବ୍ଲକ ଅଧକ୍ଷ ପ୍ରଣବ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକ ଆରମ୍ଭ ମାତ୍ରେ ଉପସ୍ଥିତ ସରପଞ୍ଚ, ସମିତିସଭ୍ୟମାନେ ପ୍ରତିବାଦ କରିଥିଲେ। ବ୍ଲକ ପ୍ରଶାସନ କୌଣସି ଜନ ପ୍ରତିନିଧିଙ୍କ କଥା ଶୁଣୁ ନାହାନ୍ତି। କୌଣସି କାର୍ଯ୍ୟ ପାଇଁ ଲୋକଙ୍କୁ ଆଣି ଆସିଲେ ଅଧିକାଂଶ କର୍ମଚାରୀ ମଧ୍ୟ ତାଙ୍କ କଥା କର୍ଣ୍ଣପାତ କରୁନାହାନ୍ତି। ସେମାନେ ଏକଜୁଟ ହୋଇ

**■ଖବରଦାତାଙ୍କୁ ନ ଡାକିବାରୁ ଅସନ୍ତୋଷ**

ସଭା ବର୍ଜନ କଲୁ ବୋଲି କହିବା ସହିତ ସଭା ଗୃହରୁ ବାହାରି ଆସିଥିଲେ। ପରେ ବିଡିଓ ଓ ବ୍ଲକ ଅଧକ୍ଷଙ୍କ ଅନୁରୋଧ କ୍ରମେ ଲୋକ ପ୍ରତିନିଧି ଗୃହକୁ ଆସିଥିଲେ। ଏଥିରେ ରାସ୍ତା, ବିଜୁ ପକ୍କାଘର ଯୋଜନା, ମୋ ପୋଖରୀ, ବିଭିନ୍ନ ଭତ୍ତା, ପାନୀୟ ଜଳ ସମସ୍ୟା, ବିଦ୍ୟୁତ ଅବ୍ୟବସ୍ଥା, ଜଳ ନିଷ୍କାସନ, ଜଳ ସେଦନ ବ୍ୟବସ୍ଥା ଆଦି ଉପରେ ଆଲୋଚନା କରାଯାଇଥିଲା। ସଭାରେ ଜପା ସରପଞ୍ଚ ତପନ ଗଛାୟତ, ପଲ୍ଲିକଣ୍ଠା ସରପଞ୍ଚ ଧ୍ୱଜରାଜ ଖଣ୍ଡୁଆଳ, ବଳେଇପୁର ସରପଞ୍ଚ ମୂରଲୀଧର ମଲ୍ଲିକ, ଏରସମା ସରପଞ୍ଚ ଗୀତାଞ୍ଜଳି ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଇଣ୍ଡୋ କମ୍ପାନୀର ଭୂତଳ ଖଣିରେ ଦୁର୍ଘଟଣା, ୩ ଆହତ

**କାଳିଆପାଣି, ୩୧।୧୦(ଡି.ଏନ୍.ଏ):** ସୁକିନ୍ଦା ଖଣି ଅଞ୍ଚଳରେ ଥିବା ଇଣ୍ଡୋ ଭୂତଳ ଖଣିରେ ବୁଧବାର ଦୁର୍ଘଟଣାରେ ୩ ଜଣ କର୍ମଚାରୀ ଆହତ ହୋଇଛନ୍ତି । ଆହତମାନଙ୍କୁ ଟାଟା ମୁଖ୍ୟ ଡ଼ାକ୍ତରଖାନାକୁ ନିଆଯାଇଥିଲା । ସେଠାରେ ପ୍ରାଥମିକ ଚିକିତ୍ସା ପରେ କଳିଙ୍ଗନଗର ଟାଟା ମେଡ଼ିକା ଡ଼ାକ୍ତରଖାନାକୁ ପଠାଯାଇଥିବା ଜଣାପଡିଛି। ଆହତମାନେ ହେଲେ ଆଦିତ୍ୟ ମହାନ୍ତ, ମୋତିଲାଲ ମହାନ୍ତ ଓ ରଞ୍ଜନ। ଇଣ୍ଡୋ କମ୍ପାନୀର ଭୂତଳ ଖଣିରେ ସକାଳ ପାଖାପାଖି ୯ଟାରେ ଏକ ମାଟି ଅତଡ଼ା ଖସିପଡ଼ିଥିଲା । କମ୍ପାନୀ କର୍ମଚାରୀମାନେ ଟିଫିନ କରିବାକୁ ବାହାରକୁ ଆସିଥିବା ସମୟରେ ଏପରି ଘଟଣା ଘଟିଥିଲା। ଖଣି ମୁଖ୍ୟ ଫାଟକଠାରୁ ଶହେ ମିଟର ଭିତରେ ଥିବା ଏକ ଦୁର୍ବଳସ୍ଥାନରେ ମାଟି ଅତଡ଼ା ଖସିପଡ଼ିଥିଲା । ଖଣି ଭିତରେ କୌଣସି କର୍ମଚାରୀ ରହି ନ ଥିବା ବେଳେ ଟିଫିନ କରି ଆଦିତ୍ୟ, ମୋତିଲାଲ ଓ ରଞ୍ଜନ କମ୍ପାନୀ ଭିତରକୁ ପ୍ରବେଶ କରିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା । ମାଟି ଅତଡ଼ା ଖସିବାରୁ ବହୁବେଗରେ ପବନ ହେବାରୁ ଏମାନେ ଭାରସାମ୍ୟ ହରାଇ ତଳେ ପଡ଼ିଯାଇଥିଲେ । ଏଥିରେ ଆଦିତ୍ୟଙ୍କ ମୁଣ୍ଡ ମାଡ଼ ହୋଇଥିବା ଜଣାପଡ଼ିଛି। ଅନ୍ୟ କର୍ମଚାରୀମାନେ ତୁରନ୍ତ ୩ ଜଣଙ୍କୁ ଡ଼ାକ୍ତରଖାନାକୁ ନେଇଥିଲେ। ଏ ନେଇ କମ୍ପାନୀ ଲୋକସମ୍ପର୍କ ପରିଚାଳକ ଜଗନମୋହନ ମଲ୍ଲିକଙ୍କୁ ପଚାରିବାରୁ ମାଟି ଲୁଜ ରହିଥିବା ସ୍ଥାନରେ ଏପରି ହୋଇଛି। ତେବେ ଏହା ବଡ଼ଧରଣର ନୁହେଁ ବୋଲି ସେ କହିଥିଲେ।

### ମୁଖ୍ୟମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ

**ଚଣ୍ଡିଖୋଲ,୩୧।୧୦(ଡି.ଏନ.ଏ.):** ଚଣ୍ଡିଖୋଲ କୋର୍ଟ ବାର ଆସୋସିଏଶନ ତରଫରୁ ବୁଧବାର କୋର୍ଟ ସମ୍ମୁଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଓକିଲ ଓ ପୋଲିସ ବିବାଦକୁ ନେଇ ଦୀଘ ୨ ମାସ ହେବ ଚାଲିଥିବା ଆନ୍ଦୋଳନ ଉଗ୍ର ରୂପ ନେଇଛି। ବାର୍ ଆସୋସିଏଶନ ସଭାପତି ଶରତ ଚନ୍ଦ୍ର ଷଡଙ୍ଗୀ ଓ ସମ୍ପାଦକ ଜନ୍ ବେହେରାଙ୍କ ନେତୃତ୍ୱରେ ଆସୋସିଏଶନ କର୍ମକର୍ତ୍ତା, ଆଇନଜୀବୀ ପ୍ରତାପ ଦାସ, ରେଣୁବାଳା ମହାନ୍ତି, ଉଦୟନାଥ ସାହୁ, ଆଶିଷ ମହାପାତ୍ର, ନଳିନୀକାନ୍ତ ମିଶ୍ର, ସୁରେଶ ଚନ୍ଦ୍ର ପଣ୍ଡା, ଫାଲଗୁନି ବିଶ୍ୱାଳ, ବିନୋଦ ରଥ ପ୍ରମୁଖ ବହୁ ଓକିଲ ଯୋଗଦେଇ କୁଶପୁତ୍ତଳିକା ଦାହ କରିଥିଲେ।

### କୃଷି ବିଭାଗ ପକ୍ଷରୁ ସଚେତନତା ଶିବିର

**ବିଞ୍ଝାରପୁର,୩୧।୧୦(ଡି.ଏନ.ଏ):** ବିଞ୍ଝାରପୁର ସହକାରୀ କୃଷି କାର୍ଯ୍ୟାଳୟ ପରିସରରେ ବୁଧବାର ପୂର୍ବାହ୍ନରେ ଏକ କୃଷି ସଚେତନତା ଶିବିର ଅନୁଷ୍ଠିତ ହୋଇ ଯାଇଛି । ସହକାରୀ କୃଷି ଅଧିକାରୀ ରଘୁନାଥ ଜେନାଙ୍କ ଅଧକ୍ଷତାରେ ହୋଇଥିବା ଏହି ସଚେତନତା ଶିବିରରେ ଜିଲା କୃଷି ଅଧିକାରୀ ବିମଳକାନ୍ତି ରସ୍ତାନ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବୃକ୍ଷ ସଂରକ୍ଷଣ ଅଧିକାରୀ ଶ୍ରୀଧର ଦାସ ଏବଂ ଯାଜପୁର ସହକାରୀ କୃଷି ଅଧିକାରୀ କାର୍ତ୍ତିକ ମଲ୍ଲିକ ପ୍ରମୁଖ ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ। ଏହି ଶିବରରେ ବିଞ୍ଝାରପୁର ଅଞ୍ଚଳର ୫୦ରୁ ଊର୍ଦ୍ଧ୍ୱ ଅଗ୍ରଣୀ ଚାଷୀ ଯୋଗଦେଇ ଶ୍ରୀ ପଦ୍ଧତି ଉପରେ ପ୍ରଶିକ୍ଷଣ ନେଇଥିଲେ। ଏଥି ସହିତ ଧାନଚାଷରେ ସମନ୍ୱିତ ରୋଗ ପୋକ ନିରାକରଣ ସମ୍ପର୍କରେ ପ୍ରଶିକ୍ଷଣ ନେଇଥିଲେ। ଏହି କାର୍ଯ୍ୟକ୍ରମକୁ କୃଷି କର୍ମଚାରୀ ସଞ୍ଜୀବ ସାମଲ, ଗୋଲଖ ପଣ୍ଡା, ଚିତ୍ତରଞ୍ଜନ ସାହୁ, ଅନିତା ପଲେଇ, ଅନୀଲ ଦାସ ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ଏହି ସଚେତନତା ଶିବରରେ ସତ୍ୟଶେଖର ନାୟକ, ଅରୁଣ କୁମାର ମହାନ୍ତି, ସୁଜିତ କୁମାର ପାତ୍ର, ଶରତ କୁମାର ରାୟ, ବିଚିତ୍ର ରଣା, ବହ୍ମାନନ୍ଦ ସାହୁଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଚାଷୀ ଯୋଗ ଦେଇଥିଲେ ।

---

■ ଯାଜପୁରରେ ଦୁର୍ନୀତି ନିବାରଣ ସଚେତନତା ଦିବସ

# ସମସ୍ତେ ସଚେତନ ହେଲେ ଦୁର୍ନୀତି ଲୋପପାଇବ

**ଯାଜପୁର ଅଫିସ,୩୧।୧୦**



ଜଣେ କୃତୀ ପ୍ରତିଯୋଗୀଙ୍କୁ ଜିଲାପାଳ ପୁରସ୍କୃତ କରୁଛନ୍ତି।

ଦୁର୍ନୀତି କରୁଥିବା ଓ ଦୁର୍ନୀତିକୁ ପ୍ରୋତ୍ସାହିତ କରୁଥିବା ବ୍ୟକ୍ତି, ଉଭୟ ସମାଜ ପାଇଁ କ୍ଷତିକାରକ। କେବଳ ପ୍ରଶାସନ ବା ସରକାର ଚାହିଁଲେ ଏହାର ମୂଳୋତ୍ପାଟନ ସମ୍ଭବ ନୁହେଁ। ସାଧାରଣ ଲୋକମାନେ ସେମାନଙ୍କ ହକ୍ ଓ ସେମାନଙ୍କ ପାଇଁ ଥିବା ବ୍ୟବସ୍ଥା ସମ୍ପର୍କରେ ସଚେତନ ହେଲେ ହିଁ ଏହାର ବିଲୋପ ଘଟିପାରିବ। ଦୁର୍ନୀତିରେ ପ୍ରାୟ ସମସ୍ତେ ଜଡ଼ିତ। ଅଥଚ ପ୍ରତ୍ୟେକ ପ୍ରତ୍ୟେକଙ୍କୁ ଦୁର୍ନୀତିଗ୍ରସ୍ତ ବୋଲି କହି ଚାଲିଛନ୍ତି। ତେଣୁ ବ୍ୟକ୍ତିଗତ ଓ ସାମାଜିକ ଜୀବନରୁ ଦୁର୍ନୀତିକୁ ଦୂରେଇବା ପାଇଁ ପ୍ରତ୍ୟେକ ସଙ୍କଳ୍ପବଦ୍ଧ ହେବାକୁ ଜିଲାପାଳ ରଞ୍ଜନ କୁମାର ଦାସ ଆହ୍ୱାନ ଦେଇଛନ୍ତି। ବୁଧବାର ଅପରାହ୍ନରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ ଗୃହରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ଦୁର୍ନୀତି ନିବାରଣ ଦିବସ ପାଳିତ ହୋଇଥିଲା। ଏଥିରେ ଜିଲାପାଳ ଦାସ ମୁଖ୍ୟଅତିଥି ଭାବରେ ଯୋଗଦେଇ ଦୁର୍ନୀତି ଏକ ସାମାଜିକ ବ୍ୟାଧୀ ଓ ଏହାର ମୂଳୋତ୍ପାଟନ ପାଇଁ ସମସ୍ତଙ୍କର ଉଦ୍ୟମ ଆବଶ୍ୟକ ବୋଲି କହିଥିଲେ। ଦୁର୍ନୀତି ନିବାରଣ ବିଭାଗର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିଭୁଧେନ୍ଦୁ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଦୁର୍ନୀତିର ବିଲୋପ ପାଇଁ ଅନେକ ପଦକ୍ଷେପ ନିଆଯାଇଛି ବୋଲି ସୂଚନା ଦେଇଥିଲେ। ପ୍ରତ୍ୟେକ ପରିବାରରୁ ଦୁର୍ନୀତିବିରୋଧରେ ସ୍ୱର ଉଠୁ । ପିଲାମାନଙ୍କ ମଧ୍ୟରେ ନୈତିକ ମୂଲ୍ୟବୋଧକୁ ପ୍ରତିଷ୍ଠିତ କରିବା ପ୍ରତ୍ୟେକ ଅଭିଭାବକଙ୍କ ଦାୟିତ୍ୱ । ସରକାରୀ କର୍ମଚାରୀଙ୍କ ସଂଖ୍ୟା ଶତକଡ଼ା ମାତ୍ର ୩ଭାଗ । ଅଥଚ ଦୁର୍ନୀତି କଥା ଉଠିଲେ କେବଳ କର୍ମଚାରୀ କିମ୍ବା ଅଧିକାରୀଙ୍କୁ ବୁଝାଉଛି। ତେଣୁ ଦୁର୍ନୀତିକୁ ପ୍ରଶମନ କରିବାକୁ ପ୍ରତ୍ୟେକ ସଙ୍କଳ୍ପବଦ୍ଧ ହେବା ଉଚିତ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜଗୋପାଳ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ସମସ୍ତଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ଦୁର୍ନୀତି ନିବାରଣ ବିଭାଗର ଉପ ଆରକ୍ଷୀ ଅଧିକ୍ଷକ ବନମାଳୀ ଧଳ ଧନ୍ୟବାଦ ଅର୍ପଣ କରିଥିଲେ । ଚିତାଳୋ କଲେଜ ଛାତ୍ର ଦୁର୍ଗା ଶଙ୍କର ପାଢୀ, ନରସିଂହ ଚୌଧୁରୀ କଲେଜ ଛାତ୍ର କ୍ରିଷ୍ଣାରାଣୀ ଦାଶ ଓ ଛାତ୍ର କେଶରୀ ପ୍ରସାଦ ମହାନ୍ତି ଦୁର୍ନୀତିର ସଂଜ୍ଞା ଓ ନିରାକରଣ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବରିଷ୍ଠ ନାଗରିକ ଉଦୟନାଥ ପରିଡ଼ା ଓ ପରମାନନ୍ଦ ନାୟକ ଦୁର୍ନୀତି ନିବାରଣ ସମ୍ପର୍କରେ ଆଲୋକପାତ କରିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପ୍ରାରମ୍ଭରେ ଗୌତମ ବୁଦ୍ଧ ସଂସ୍କୃତି ଭବନଠାରୁ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରି ଜିଲା ସ୍କୁଲ ଠାରେ ପହଞ୍ଚିଥିଲା। ଏହି ଶୋଭାଯାତ୍ରାରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାଏକ, ଦୁର୍ନୀତି ନିବାରଣ ବିଭାଗର ଇନ୍‌ସ୍ପେକ୍ଟର ଅନସୂୟା ସେନାପତି, କ୍ରୀଡା ଅଧିକାରୀ ଫଂକୀର ମୋହନ ଗୁଡ୍ଡୁ, ସ୍ୱଳ୍ପ ସଞ୍ଚୟ ଅଧିକାରୀ ଜ୍ଞାନ ରଞ୍ଜନ ସେଠୀ, ଜିଲା ସ୍କୁଲ ଶିକ୍ଷକ ଜୟୀରୁଦ୍ଦିନ ଖାଁ , ନିରଞ୍ଜନ ସାମଲ ପ୍ରମୁଖ ଯୋଗ ଦେଇଥିଲେ।

---

# ୧୦୦ ଏକର ଧାନ ଫସଲ ନଷ୍ଟ କଲେ ହାତୀପଲ

**ଚଣ୍ଡିଖୋଲ,୩୧।୧୦(ଡି.ଏନ.ଏ)**

ବଡ଼ଚଣା ପଶ୍ଚିମାଞ୍ଚଳରେ ସୋମବାର ରାତିରେ ୮୦ରୁ ଅଧିକ ବଣୁଆ ହାତୀ ଢେଙ୍କାନାଳ ଜିଲାରୁ ପଶି ଆସି ୧୦୦ ଏକରରୁ ଊର୍ଦ୍ଧ୍ୱ ଧାନ ଫସଲ ନଷ୍ଟ କରିଛନ୍ତି। ବଡ଼ଚଣା ବ୍ଲକ ଅନ୍ତର୍ଗତ ସିହା, ଦର୍ପଣ, ଶାଳପଡ଼ା ଓ କାଇମାଟିଆ ଆଦି ୪ ପଞ୍ଚାୟତରେ ବ୍ୟାପକ ଧାନ ଫସଲ ନଷ୍ଟ କରିଦେଇଛନ୍ତି। ସିହା ଗ୍ରାମର ଚନ୍ଦ୍ରମଣି ପରମାଣିକ, ନିରଞ୍ଜନ ସାହୁ, ନିର୍ମଳ ସାହୁ, ବୈରାଗୀ ସାହୁ, ଦୈତାରୀ ପରମାଣିକ ପ୍ରମୁଖଙ୍କର ଫସଲ ନଷ୍ଟ କରିଥିବା ଅଭିଯୋଗ ହୋଇଥିବା ବେଳେ ଦର୍ପଣ ପଞ୍ଚାୟତର କୋହ୍ଲାସାହି ପାଟଣାରେ ୩୦ ଏକରରୁ ଊର୍ଦ୍ଧ୍ୱ ଫସଲ ନଷ୍ଟ ହୋଇଥିବା ଜଣାପଡିଛି। ସେହିପରି କାଇମାଟିଆ ପଞ୍ଚାୟତର ୪୦ ଏକର ଓ ଶାଳପଡ଼ା ପଞ୍ଚାୟତରେ ୨୦ ଏକରରୁ ଊର୍ଦ୍ଧ୍ୱ ଧାନ ଫସଲ ନଷ୍ଟ ହୋଇଛି। ଏ ସମ୍ପର୍କରେ ବୈରୀ ରେଞ୍ଜର ମନୋରଞ୍ଜନ ସ୍ୱାଇଁଙ୍କୁ ପଚାରିବାରେ, ବଣୁଆ ହାତୀ ପଲ ଢେଙ୍କାନାଳ ଜିଲାରୁ ପଶି ଆସିଥିଲେ। ବନ ବିଭାଗ ତରଫରୁ ଘଉଡ଼ାଇବା ପରେ ସମସ୍ତ ହାତୀ ପଳାଇଯାଇଛନ୍ତି। ଏବେ ମାତ୍ର ଦୁଇଟି ହାତୀ ରହିଥିବା କହିଥିଲେ।

# ଇନ୍ଦିରା ଗାନ୍ଧୀଙ୍କ ବଳିଦାନ ଦିବସ

**ଧର୍ମଶାଳା, ୩୧।୧୦ (ଡି.ଏନ୍.ଏ.)**

ଧର୍ମଶାଳା ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ତରଫରୁ ବୁଧବାର ଜାରକା ପ୍ରୟାଗ କଲ୍ୟାଣ ମଣ୍ଡପଠାରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ୩୪ତମ ବଳିଦାନ ଦିବସ ପାଳିତ ହୋଇଯାଇଛି। ଯୁବକଂଗ୍ରେସ ସଭାପତି ସଞ୍ଜୟ କୁମାର ରାଉତଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଧର୍ମଶାଳା ପୂର୍ବତନ ବିଧାୟକ କାଙ୍ଗାଳୀ ଚରଣ ପଣ୍ଡା ଯୋଗଦେଇଥିଲେ। ଅତିଥିଭାବେ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ କିଶାନ ପଣ୍ଡା, ଚନ୍ଦ୍ରମଣି ଦାଶ ଯୋଗଦେଇ ସ୍ୱର୍ଗତ ଗାନ୍ଧୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ବସନ୍ତ କୁମାର ପରିଡ଼ା, ଅଖିଳ କୁମାର ସ୍ୱାଇଁ, ରବୀନ୍ଦ୍ର କୁମାର ନାୟକ, ଜିତେନ ରଥ, ପଙ୍କଜ ମଲିକ, କିଷାନ ପଲେଇ, ଗଗନ ରାଉତ, ଅରୁଣ ରାୟ, ଜଗବନ୍ଧୁ ନାୟକ, ସେକ୍ ଏକବାଲ୍ ପ୍ରମୁଖ ଯୋଗଦେଇଥିଲେ। ଯୁବନେତା ଦେବାଶିଷ ପରିଡ଼ା ଧନ୍ୟବାଦ ଦେଇଥିଲେ।

---

# ରତ୍ନଗିରି ବୌଦ୍ଧପୀଠରେ ବିଧାୟକ ସଗରିଆ



ରତ୍ନଗିରିରେ ବିଧାୟକ ସଗରିଆଙ୍କ ସହ ଅନ୍ୟମାନେ।

**ରତ୍ନଗିରି,୩୧।୧୦(ଡିଏନ୍ଏ)**

ରତ୍ନଗିରି ବୌଦ୍ଧପୀଠରେ ବିଧାୟକ କୃଷ୍ଣଚନ୍ଦ୍ର ସଗରିଆ ପହଞ୍ଚି ବୌଦ୍ଧଭିକ୍ଷୁଙ୍କୁ ଭେଟିଥିଲେ। ବରୀ ଅଞ୍ଚଳକୁ ଆସିଥିବା ଖବରପାଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଏକାନ୍ତ ଅନୁଗତ ଭାବେ ଜଣାଶୁଣା ବ୍ଲକସ୍ତରୀୟ ନେତାଙ୍କ ସହ ଆସି ବୌଦ୍ଧପୀଠ ଦର୍ଶନ ଆଳରେ ବୌଦ୍ଧଗୁରୁଙ୍କ ଅଶୀର୍ବାଦ ଭିକ୍ଷା ଘଟଣା ଚର୍ଚ୍ଚାର ବିଷୟ ହୋଇଛି । ସେ ଗତ ୧୩।୫।୧୮ରେ ବୌଦ୍ଧ ଧର୍ମ ଗ୍ରହଣ କରଥିଲେ। କୁନ୍ଦୁଲି ପିଡିତାଙ୍କୁ ନ୍ୟାୟ ମିଳିବା, ତାଙ୍କୁ ବିଧାନସଭାରେ ଖୁବ୍ କମ୍ ସମୟ ମିଳିବା ଓ ବିରୋଧିଦଳ ନେତା ଏହି ମର୍ମରେ ଦାବି ନ କରିବା ଘଟଣା ତାଙ୍କୁ ମର୍ମାହତ କରିଛି ବୋଲି ପ୍ରକାଶ କରିଥିଲେ। ସେଥିପାଇଁ ସେ ବିଧାୟକ ପଦରୁ ଇସ୍ତଫା ଦେଇଛନ୍ତ ବୋଲି ସେ ପ୍ରକାଶ କରିଥିଲେ । ବିଧାୟକ ସଗରିଆଙ୍କ କାର୍ଯ୍ୟକ୍ରମରେ ବିଷ୍ଣୁଚରଣ ମହାନ୍ତି, ଗଗନ ବିହାରୀ ଜେନା, ଷ୍ଟାଲିନ୍ ଜେନା, କାଲଲ୍ ବେହୁରିଆ, ରମେଶ ବେହେରା, ମନୋଜ ଦାସ, ଅଶୋକ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

### ଜୋନ୍‌ସ୍ତରୀୟ କଂଗ୍ରେସ ସଭାପତିଙ୍କ ନାମ ଘୋଷଣା

**ଧର୍ମଶାଳା, ୩୧।୧୦(ଡି.ଏନ୍.ଏ.):** ଧର୍ମଶାଳା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୬ଟି ଜୋନ୍‌ରେ ବୁଧବାର ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଜୋନ୍ ସଭାପତିଙ୍କ ନାମ ଘୋଷଣା କରାଯାଇଛି। ଜିଲା ସଭାପତି ମନୋଜ କୁମାର ରାଉତ ସଭାପତିମାନଙ୍କ ନାମ ଘୋଷଣା କରିଛନ୍ତି। ୧୧ନମ୍ବର ଜୋନ୍‌ର ସଭାପତିଭାବେ କାଳନ୍ଦି ପାଣି,୧୨ନମ୍ବରରେ ରବୀନ୍ଦ୍ର ନାୟକ, ଜୋନ୍ ୧୩ ପ୍ରଫୁଲ୍ଲ କୁମାର ରାୟ, ଜୋନ୍ ୧୪ ସୁଧାକର ରାଉତ, ୧୫ନମ୍ବର ଜୋନ ସୁବୋଧ ସାମଲ, ୩୪ନମ୍ବର ଜୋନ୍ ପ୍ରଦୀପ୍ତ କୁମାର ନାୟକଙ୍କ ନାମ ଘୋଷଣା କରାଯାଇଛି। ନବନିଯୁକ୍ତ ନୂତନ ସଭାପତିମାନେ ରାଜ୍ୟ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ, ଜିଲା ସଭାପତି ମନୋଜ ରାଉତ, ନିର୍ବାଚନ ମଣ୍ଡଳୀ ପ୍ରଭାରି ବଳଭଦ୍ର ଦାସ, ପୂର୍ବତନ ବିଧାୟକ କାଙ୍ଗାଳି ଚରଣ ପଣ୍ଡା, ପୂର୍ବତନ ବ୍ଲକ ଅଧ୍ୟକ୍ଷ କିଶାନ ପଣ୍ଡା ପ୍ରମୁଖଙ୍କୁ କୃତଜ୍ଞତା ଜଣାଇଛନ୍ତି। ନୂତନ ସଭ୍ୟମାନଙ୍କୁ ଯୁବ କଂଗ୍ରେସ ସଭାପତି ସଞ୍ଜୟ ରାଉତ, କୃଷକ ନେତା ବସନ୍ତ ପରିଡ଼ା, ଅଖିଳ କୁମାର ସ୍ୱାଇଁ ପ୍ରମୁଖ ସ୍ୱାଗତ ଜଣାଇଛନ୍ତି।

# ବିଧାୟକଙ୍କ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ



ବିଧାୟକ କୃଷକ ସଂଗଠନ କର୍ମକର୍ତ୍ତାଙ୍କ ସହ ଆଲୋଚନା କରୁଛନ୍ତି।

**ଚଣ୍ଡିଖୋଲ/ ଛଡିଆ, ୩୧।୧୦ (ଡି.ଏନ.ଏ.)**

ନବନିର୍ମାଣ କୃଷକ ସଙ୍ଗଠନ ତରଫରୁ ସତ୍ୟାଗ୍ରହୀ ପଦଯାତ୍ରା ମଙ୍ଗଳବାର ରାତିରେ ଛଡିଆଠାରେ ପହଞ୍ଚିଥିଲା। ୧୬ ନଂ. ଜାତୀୟ ରାଜପଥର ଛଡିଆ ଛକ ନିକଟସ୍ଥ ନୋଳିଆ ପୋଲ ତଳେ ହଜାର ହଜାର କୃଷକ ରାତ୍ରିଯାପନ କରିଥିଲେ। ସରକାରଙ୍କ ପ୍ରତିନିଧି ହିସାବରେ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ବୁଧବାର ସେଠାରେ ପହଞ୍ଚି କୃଷକଙ୍କ ସହ ଆଲୋଚନା କରିଥିଲେ। ବିଧାୟକଙ୍କ ଆଲୋଚନାରେ ସନ୍ତୁଷ୍ଟ ନ ହୋଇ ସଙ୍ଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ପ୍ରାଇସ୍ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲେ। କୃଷକ ସଙ୍ଗଠନ ଯେଉଁ ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇଛି ଉକ୍ତ ଆନ୍ଦୋଳନ ବନ୍ଦ କରି ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବାକୁ ଏକ ପ୍ରତିନିଧି ଦଳ ଯିବା ପାଇଁ ବିଧାୟକ ଦାସ ପ୍ରସ୍ତାବ ରଖିଥିଲେ। ରାଜ୍ୟ ସରକାର କୃଷକଙ୍କ ହିତ ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରିଥିବା ବେଳେ ସେମାନଙ୍କ ଦାବିକୁ ଗୁରୁତ୍ୱ ଦେଉଥିବା ପ୍ରକାଶ କରିଥିଲେ। ସରକାରଙ୍କ ଦ୍ୱାରା ଯାହା ସମ୍ଭବ ସେ କରିବେ ବୋଲି ବିଧାୟକ ପ୍ରସ୍ତାବ ଦେଇଥିଲେ ମଧ ସଙ୍ଗଠନର କର୍ମକର୍ତ୍ତା ଏହାକୁ ଗ୍ରହଣ କରି ନ ଥିଲେ। ସରକାର ଚାଷୀଙ୍କ ପାଇଁ ପେନସନ୍ ଘୋଷଣା କଲେ ସଙ୍ଗଠନ ପକ୍ଷରୁ ଆନ୍ଦୋଳନ ବନ୍ଦ କରାଯିବ ବୋଲି ପ୍ରକାଶ କରିଥିଲେ। ପ୍ରକାଶ ଯେ, ମଙ୍ଗଳବାର ସନ୍ଧ୍ୟାରେ ଛଡିଆଠାରେ ପହଞ୍ଚିବା ସମୟରେ କଲେଜ ନିକଟରେ ପୂର୍ବତନ ମନ୍ତ୍ରୀ ସୀତାକାନ୍ତ ମହାପାତ୍ର ସେମାନଙ୍କୁ ସ୍ୱାଗତ କରିଥିଲେ।

---





ଜାତୀୟ ଏକତା ଦିବସ ପାଳନ ଅବସରରେ ବାହାରିଥିବା ଗଣଦୌଡ଼।

# ସର୍ଦ୍ଦାର ପଟେଲଙ୍କ ଜୟନ୍ତୀ ଅବସରରେ ଗଣଦୌଡ଼

**ବିଞ୍ଝାରପୁର/ସିଂହପୁର, ୩୧।୧୦ (ଡି.ଏନ.ଏ.)**

ପୂର୍ବତନ ଉପପ୍ରଧାନମନ୍ତ୍ରୀ ତଥା ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ବୁଧବାର ପୂର୍ବାହ୍ନରେ ରାଷ୍ଟ୍ରୀୟ ଏକତା ଉଦ୍ଦେଶ୍ୟରେ ଭାଜପା ପକ୍ଷରୁ ସିଂହପୁର ଓ ବିଞ୍ଝାରପୁରଠାରେ ଏକ ଗଣଦୌଡ ଅନୁଷ୍ଠିତ ହୋଇଯାଇଛି । ସିଂହପୁରଠାରେ ଭାଜପା ନେତ୍ରୀ ବବିତା ମଲ୍ଲିକ ଓ ନିରଞ୍ଜନ ବେହେରାଙ୍କ ନେତୃତ୍ୱରେ ଗଣଦୌଡ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଶତାଧିକ ଯୁବକ ଅଂଶଗ୍ରହଣ କରିଥିଲେ। ସିଂହପୁରଠାରୁ କଲେଜ ଛକ ପର୍ଯ୍ୟନ୍ତ ଏହି ଗଣଦୌଡ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ବିଞ୍ଝାରପୁରଠାରେ ୨୬ନଂ ଜିଲା ପରିଷଦ ଜୋନର ଭାଜପା ସଭାପତି ଅରୁଣଜିତ ରାଉତରାୟ ଓ ଯୁବମୋର୍ଚ୍ଚା ସଭାପତି ବିଶ୍ୱଜିତ ସାମଲଙ୍କ ନେତୃତ୍ୱରେ ଶତାଧିକ ଭାଜପା କର୍ମୀ ଏହି ଗଣଦୌଡରେ ଅଂଶଗ୍ରହଣ କରିଥିଲେ। ଏହି ଗଣଦୌଡ ବିଞ୍ଝାରପୁର ଗୟାସୁଦ୍ଦିନ ଛକଠାରୁ ଜଳସମ୍ପଦ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଦୌଡ ହୋଇଥିଲା।

---

■ ପରିବହନ ନିୟମକୁ ବେଖାତିର

# ବିନା କାଗଜପତ୍ରରେ ଚାଲିଛି ଶହଶହ ଗାଡି

**ଜେନାପୁର, ୩୧।୧୦(ଡି.ଏନ୍.ଏ)**





**ଜେନାପୁର ଅଞ୍ଚଳ**

- ■ ଚଣ୍ଡିଖୋଲ୍-ଡୁବୁରୀ ଜାତୀୟ ରାଜପଥରେ ବେଆଇନ ଗାଡି ଯାତାୟାତ ସଂଖ୍ୟା ବଢୁଛି ।
- ■ ବିନା ଡ୍ରାଇଭିଙ୍ଗ ଲାଇସେନ୍ସରେ ଚଲାଯାଉଛି ଗାଡି
- ■ ବିପଦ ସଙ୍କୁଳ ଅବସ୍ଥାରେ ଯାତ୍ରୀ ପରିବହନ କରାଯାଉଛି

ଯାଜପୁର ଜିଲା ଚଣ୍ଡିଖୋଲ୍-ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥରେ ବେଆଇନଭାବେ ଗାଡି ଯାତାୟାତ ବଢିବାରେ ଲାଗିଛି। ଏପରି କି ଜେନାପୁର ଥାନା ଅଧୀନ ବାଲିସାହି, ଚଢେଇଧରା, କବାଟବନ୍ଧ ଓ ଜାରକା ଆଦି ଗ୍ରାମର ନଦୀବନ୍ଧ ଓ ଗ୍ରାମ ରାସ୍ତାରେ ବିନା କାଗଜପତ୍ରରେ ଶହ ଶହ ଟ୍ରାକ୍ଟର ଓ ଟ୍ରକ୍ ଯାତାୟାତ କରୁଛି। ଏ ନେଇ ଚଣ୍ଡିଖୋଲ ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷ ନୀରବଦ୍ରଷ୍ଟା ସାଜିଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି। ଦୈନନ୍ଦିନ ଚଣ୍ଡିଖୋଲ୍, ଡୁବୁରୀ, ଜାରକା, ଚଢେଇଧରା, ଆରୁହା କବାଟବନ୍ଧ, ମାଣ୍ଡିଆଗଡା ଓ ବ୍ରାହ୍ମଣୀ ସେତୁ ଦେଇ ଗାଡି ଚାଳକମାନେ ବିନା କାଗଜପତ୍ରରେ ନିର୍ଭୟରେ ଗାଡି ଚଲାଉଛନ୍ତି। ବିପଦସଙ୍କୁଳ ଅବସ୍ଥାରେ ଟାଟାଏସିରେ ଯାତ୍ରୀମାନଙ୍କୁ ନିଆଯାଉଥିବା ବେଳେ ଅଧିକାଂଶ ଚାଳକଙ୍କର ଡ୍ରାଇଭିଙ୍ଗ ଲାଇସେନ୍ସ ନ ଥିବା ଜଣାପଡିଛି। ସେହିପରି ଅଧିକାଂଶ ଟ୍ରକ୍ ଚାଳକଙ୍କର ଲାଇସେନ୍ସ ନ ଥିବାବେଳେ ନାବାଳକମାନେ ମଧ୍ୟ ଗାଡି ଚଲାଉଥିବା ଜଣାପଡିଛି। ଟ୍ରାକ୍ଟର ଡ୍ରାଇଭରମାନେ ବେପରୁଆଭାବେ ଯାତାୟାତ କରୁଥିବା କାରଣରୁ ରାସ୍ତାରେ ସର୍ବଦା ଟ୍ରାଫିକ୍ ସମସ୍ୟା ସାଙ୍ଗକୁ ଦୁର୍ଘଟଣା ବଢୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ଅଞ୍ଚଳରେ ଗାଡି ଚଳାଇବା ପାଇଁ ଅନୁମୋଦିତ କାଗଜପତ୍ର ନ ଥାଇ ମଧ୍ୟ ଟ୍ରାକ୍ଟର ଜରିଆରେ ବେଆଇନଭାବେ ବାଲି ଓ କଳାପଥର ପରିବହନ କରୁଥିବା ଜଣାପଡିଛି। ଏ ନେଇ ଚଣ୍ଡିଖୋଲ ଆର୍‌ଟିଓ ଲାଲମୋହନ ସେଠୀଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ବିଭିନ୍ନ ସମୟରେ ଚଢାଉ ଜାରି କରାଯିବାସହ ସ୍ଥାନୀୟ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଓ ଅଧ୍ୟାପକଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ସେ କହିଛନ୍ତି ।

# କାଳୀପୂଜା ପାଇଁ ପ୍ରସ୍ତୁତି ବୈଠକ

**ଯାଜପୁରରୋଡ,୩୧।୧୦(ନି.ପ୍ର.)**

ଜିଲା ପ୍ରଶାସନ ଓ ପୋଲିସ ପକ୍ଷରୁ ବୁଧବାର କଳିଙ୍ଗନଗର ଅଥରିଟି ସଭାଗୃହରେ କାଳୀପୂଜା ଓ ମେଳଣ ଉତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ । ଯାଜପୁରରୋଡ ସହରର ୧୨ ପୂଜା କମିଟିର କର୍ମକର୍ତ୍ତା ଯୋଗଦେଇ ଆଲୋଚନା କରିଥିଲେ । ଚଳିତବର୍ଷ ଶାନ୍ତିଶୃଙ୍ଖଳାର ସହ ପୂଜା କରିବାକୁ ବୈଠକରେ ସ୍ଥିର କରାଯାଇଥିଲା । ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ବ୍ୟାପକ ବ୍ୟବସ୍ଥା କରାଯିବା ସହ ପ୍ରତ୍ୟେକ ପୂଜା ମଣ୍ଡପ ପାଖରେ ସିସିଟିଭି କ୍ୟାମେରା ଓ ଅଗ୍ନି ନିର୍ବାପକ ଯନ୍ତ୍ର ରହିବ । ପୋଲିସ୍ ପକ୍ଷରୁ ପାଟ୍ରୋଲିଂ ଜୋରଦାର କରାଯିବା ସହ ପ୍ରତ୍ୟେକ ମେଢ ପାଖରେ ସଶସ୍ତ୍ର ପୋଲିସ ମୁତୟନ କରାଯିବ । ୨୪ ଘଣ୍ଟା ବିଦ୍ୟୁତ୍ ସେବା ସହ ପାନୀୟଜଳ ଯୋଗାଇ ଦିଆଯିବ । ୧୬ ତାରିଖରେ ମେଳଣ ଉତ୍ସବ ଅନୁଷ୍ଠିତ ହେବ । ଚୋରଦା, ଧବଳଗିରି, କହ୍ନେଇପୁର, ବ୍ୟାଙ୍କଷ୍ଟ୍ରିଟ୍, ରାଧାନାଥ ମାର୍ଗ, ଷ୍ଟିଲ ସିଟି, ଗୋପବନ୍ଧୁନଗର, ବେନାର୍, ବସଷ୍ଟାଣ୍ଡ୍, ନିୟୁ ମାର୍କେଟ୍, କୋପଣ୍ଡ, ଆର୍ୟ୍ୟନ କ୍ଲବ୍ କାଳୀପୂଜା କମିଟି ସଭାପତି, ସମ୍ପାଦକ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ । କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରାଜକିଶୋର ଦୋରା, କେଦାରନାଥ ସାହୁ, ଅମିତାଭ ମହାପାତ୍ର, କୋରେଇ ଥାନାଧିକାରୀ ଚିନ୍ମୟୀ ସାହୁ, ବ୍ୟାସନଗର ଅତିରିକ୍ତ ତହସିଲଦାର ରଶ୍ମିତା ସ୍ୱାଇଁ, ଦାନଗଦି ତହସିଲଦାର ବୁଲବୁଲ ବେହେରା, ମୋହନ ଚରଣ ଜେନା, ସପନ କୁମାର ନନ୍ଦ, ଅନିଲ କୁମାର ସିଂହ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧ ନଭେମ୍ବର, ୨୦୧୮



"ଯେଉଁଥିରେ ତୁମ ମନ ଥରେ ମାନିଯାଇଛି, ତାହା କେବେହେଲେ ସ୍ମୃତିରୁ ସହଜରେ ଲିଭି ଯାଏ ନାହିଁ।"
- ପ୍ଲାଟସ୍



## ସଂକ୍ଷେପରେ

### ୧୪ରେ ଷୋଳଶାସନ ଅମୃତମଣୋହି ଭୋଗ

**ପୁରୀ ଅଫିସ, ୩୧।୧୦:** ପ୍ରତିବର୍ଷ ପରି ଚଳିତବର୍ଷ ଆସନ୍ତା ୧୪ ତାରିଖ କାର୍ତ୍ତିକ ଶୁକ୍ଳ ସପ୍ତମୀ ତିଥିରେ ମହାପ୍ରଭୁଙ୍କ ଷୋଳଶାସନ ଅମୃତମଣୋହି ଭୋଗ କରାଯିବ। ମୁକ୍ତିମଣ୍ଡପ ପଣ୍ଡିତ ସଭା ଆନୁକୂଲ୍ୟରେ ଏହା ଯଥାବିଧି କରାଯାଇ ସେହିଦିନ ରାତି ୭ଟାରେ ଶ୍ରୀମନ୍ଦିର ପରିସର ନିର୍ମାଲ୍ୟ ଖଳାରେ ଜନସାଧାରଣଙ୍କ ମଧ୍ୟରେ ବିତରଣ କରାଯିବ। ମୁକ୍ତିମଣ୍ଡପ ପଣ୍ଡିତ ସଭାର ସାଧାରଣ ସମ୍ପାଦକ ଗଙ୍ଗାଧର ମିଶ୍ର ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଏହି ସୂଚନା ଦେଇଛନ୍ତି।

### ପ୍ରଧାନଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



**ଗଣିଆ,୩୧।୧୦(ଡି.ଏନ.ଏ.):** ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତ ଗୁପ୍ତେଶ୍ୱର ବିଦ୍ୟାପୀଠର ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ପରିଡା ବୁଧବାର ଅବସର ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ପରିସରରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ ଦୁଃଶାସନ ଘଡେଇଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ରାଜକିଶୋର ମହାରଣା ଓ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ନିଶାମଣି ନାୟକ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଛାମୁଣ୍ଡିଆ ସରପଞ୍ଚ ମଙ୍ଗୁଲୁ ସାହୁ, ଅବସରପ୍ରାପ୍ତ ଶିକ୍ଷକ ପଞ୍ଚାନନ ନାୟକ, ସାମାଜିକ କର୍ମୀ ପ୍ରାଣକୃଷ୍ଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ୧୯୮୧ ମସିହାରେ ବିଦ୍ୟାଳୟ ସ୍ଥାପନ ହେବାଠାରୁ ପରିଡା ପ୍ରଧାନଶିକ୍ଷକ ଭାବେ ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ। ବିଦ୍ୟାଳୟକୁ ଆଗକୁ ନେବାରେ ତାଙ୍କର ଅଗ୍ରଣୀ ଭୂମିକା ରହିଛି। ଏହି ଅବସରରେ ବିଦ୍ୟାଳୟର ସମସ୍ତ କର୍ମଚାରୀ, ଛାତ୍ରୀଛାତ୍ର ଓ ପୁରାତନ ଛାତ୍ର ସଂସଦ ତରଫରୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା।

### ରାଷ୍ଟ୍ରୀୟ ଏକତା ଦିବସ ପାଳନ



**ବୋଲଗଡ଼,୩୧।୧୦(ଡି.ଏନ.ଏ.):** ବୋଲଗଡ଼ ବ୍ଲକ୍ ଗେଡିଆପଲ୍ଲୀ ପଞ୍ଚାୟତସ୍ଥ ସାଲତରାଠାରେ ବୁଧବାର ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଏ ଅବସରରେ ସକାଳ ୭ଟାରେ ରାଷ୍ଟ୍ରୀୟ ଏକତା ନିମନ୍ତେ ସାଲତରା ଗ୍ରାମରେ ଆୟୋଜିତ ଏକ ଗଣଦୌଡରେ ସ୍ଥାନୀୟ ଲୋକେ ସାମିଲ ହୋଇଥିଲେ। ଏକ ଶୋଭାଯାତ୍ରାରେ ଛାତ୍ରୀଛାତ୍ରମାନେ ପ୍ଲାକାର୍ଡ ଧରି ଦେଶାତ୍ମବୋଧ ସ୍ଲୋଗାନ ଦେବା ସହ ଗ୍ରାମ ପରିକ୍ରମା କରିଥିଲେ। ସ୍ଥାନୀୟ ଗୁରୁକୁଳ ଶିକ୍ଷା ନିକେତନ ଆନୁକୂଲ୍ୟରେ ଅନୁଷ୍ଠିତ ଏକ ସଭାରେ ଅନୁଷ୍ଠାନର ସଭାପତି ରାଜକିଶୋର ମହାପାତ୍ର ପୌରୋହିତ୍ୟ କରିଥିଲେ। ଅବସରପ୍ରାପ୍ତ ଜିଲାପାଳ ଦେବରାଜ ସେନାପତି ମୁଖ୍ୟଅତିଥି, ଅଧ୍ୟାପକ ରବୀନ୍ଦ୍ର ନାଥ ପାଣିଗ୍ରାହୀ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ କୃଷି ବୈଜ୍ଞାନିକ କାହ୍ନୁଚରଣ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଅଖଣ୍ଡ ଭାରତ ଗଠନରେ ସର୍ଦ୍ଦାର ପଟେଲଙ୍କର ଉଲ୍ଲେଖନୀୟ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଦୀନବନ୍ଧୁ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଶିକ୍ଷୟିତ୍ରୀ ସାବିତ୍ରୀ ପଲେଇ ଧନ୍ୟବାଦ ଦେଇଥିଲେ।

### କୃଷ୍ଣପ୍ରସାଦରେ ନିଯୁକ୍ତି ଭିତ୍ତିକ ତାଲିମ କର୍ମଶାଳା

**କୃଷ୍ଣପ୍ରସାଦ,୩୧।୧୦(ଡି.ଏନ.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକରେ ଗ୍ରାମାଞ୍ଚଳର ଯୁବତୀଯୁବକମାନଙ୍କୁ ଦକ୍ଷତା ବିକାଶ ଟ୍ରେନିଂ ଦ୍ୱାରା ଅଧିକ ରୋଜଗାରକ୍ଷମ କରିବା ପାଇଁ ଦୀନ୍ ଦୟାଲ୍ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା ମାଧ୍ୟମରେ ଓ ଓଡିଶା ଜିବୀକା ମିଶନ ପକ୍ଷରୁ ନିଯୁକ୍ତି ଭିତ୍ତିକ ତାଲିମ କର୍ମଶାଳା ଚିଲିକା ନୂଆପଡା ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ କୃଷ୍ଣପ୍ରସାଦ ସମିତି ଅଧ୍ୟକ୍ଷା ସୌଦାମିନୀ ମାନସିଂହ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ନିର୍ଦ୍ଦେଶକ(ଓରମାସ)ପ୍ରଶାନ୍ତ କୁମାର ଦାସ,ଜିଲା ସଂଯୋଜକ ବିକାଶ ରଞ୍ଜନ ରାଉତ,ବ୍ଲକ ପ୍ରଗତି ସହାୟକ ସୁବାସ ଚନ୍ଦ୍ର ସେଠୀ,ଏସଡିସି ଶିବ ନାରାୟଣ ଭୋଇ,ବିଏଲସି ସବିତା ତରେଇ ପ୍ରମୁଖ ଯୋଗଦେଇ ନିଯୁକ୍ତି ଭିତ୍ତିକ ତାଲିମ ପରାମର୍ଶ ସମ୍ପର୍କରେ ଅବଗତ କରାଇଥିଲେ।

# ସମସ୍ୟା ଘେରରେ ପ୍ରାଥମିକ ବିଦ୍ୟାଳୟ

**ଖଣ୍ଡପଡ଼ା,୩୧।୧୦(ସ୍ୱ.ପ୍ର.)**



କୁଞ୍ଜବିହାରୀ ପ୍ରସାଦ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ।

- ଘର ନ ଥିବାରୁ ବାରଣ୍ଡାରେ ଚାଲିଛି ରୋଷେଇ
- ପାନୀୟ ଜଳ ଅଭାବ ନେଇ ଅସନ୍ତୋଷ

ଖଣ୍ଡପଡ଼ା ବ୍ଲକ୍ ଅନ୍ତର୍ଗତ ସିଂଘାପଡା ପଞ୍ଚାୟତ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଭାବେ ପରିଚିତ। ଏହି ବଣଜଙ୍ଗଲ ଭରା ଅଞ୍ଚଳ ମଧ୍ୟରେ ରହିଛି କୁଞ୍ଜବିହାରୀ ପ୍ରସାଦ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ। ୨୦୦୮ ମସିହାରେ ବିଦ୍ୟାଳୟଟି ପ୍ରତିଷ୍ଠା ହୋଇଥିଲା। ତେବେ ଦୀର୍ଘଦିନ ଧରି ଏହା ବିଭିନ୍ନ ସମସ୍ୟା ଘେରରେ ରହିଥିବା ବେଳେ କୌଣସି ପ୍ରଶାସନିକ ପଦକ୍ଷେପ ନ ହେବାରୁ ଜନ ଅସନ୍ତୋଷ ବୃଦ୍ଧି ପାଉଛି। ଆଖପାଖ ଅଞ୍ଚଳରୁ ଆସି ଏଠାରେ ବର୍ତ୍ତମାନ ୩୫ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ୨ଟି ବଖରାରେ ପ୍ରଥମରୁ ୫ମ ପର୍ଯ୍ୟନ୍ତ ୫ଟି ଶ୍ରେଣୀର ପିଲା ପାଠ ପଢୁଥିବା ବେଳେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ପାଇଁ ପାକଶାଳା ନ ଥିବାରୁ ବାରଣ୍ଡାରେ ଦୈନିକ ମଧ୍ୟାହ୍ନ ଭୋଜନ ରନ୍ଧନ କରାଯାଉଛି। କାଠଚୁଲାରେ ରୋଷେଇ ବ୍ୟବସ୍ଥା ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କୁ ଅତିଷ୍ଠ କରୁଛି। ଏହାବ୍ୟତୀତ ବିଦ୍ୟାଳୟଟିରେ ପାନୀୟଜଳର ବ୍ୟବସ୍ଥା ଅଭାବରୁ ଦୂରରେ ଥିବା ଏକ ନଳକୂପ ଉପରେ ଛାତ୍ରୀଛାତ୍ର ନିର୍ଭର କରୁଛନ୍ତି। ବିଦ୍ୟାଳୟରେ ପାଚେରି ନାହିଁ। ତେଣୁ ପିଲାମାନଙ୍କ ସୁରକ୍ଷା ନେଇ ସୃଷ୍ଟି ହୋଇଛି ପ୍ରଶ୍ନବାଚୀ। ଏଭଳି ଅବ୍ୟବସ୍ଥା ଓ ସମସ୍ୟାର ସମାଧାନ ନିମନ୍ତେ ଗ୍ରାମବାସୀ ଶିକ୍ଷା ବିଭାଗର ଉଚ୍ଚ କର୍ତ୍ତୃପକ୍ଷ, ବ୍ଲକ୍ ପ୍ରଶାସନର ଦୃଷ୍ଟି ଆକର୍ଷଣ କଲେ ସୁଦ୍ଧା ଦୀର୍ଘଦିନ ଧରି ଏଥିପ୍ରତି କୌଣସି ପଦକ୍ଷେପ ନ ହେବାରୁ ସ୍ଥାନୀୟବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରକାଶଯୋଗ୍ୟ କି, ପ୍ରତି ବିଦ୍ୟାଳୟରେ ପାନୀୟ ଜଳ, ଶୌଚାଳୟ, ରୋଷଘର ଓ ପାଚେରି ନିର୍ମାଣ ପାଇଁ ସର୍ବଶିକ୍ଷା ଅଭିଯାନ ଜରିଆରେ ରାଜ୍ୟ ସରକାର କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। ତେବେ ଏହି ବିଦ୍ୟାଳୟଟିର ମୌଳିକ ସମସ୍ୟା ପ୍ରତି କାହିଁକି ଶିକ୍ଷା ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନାହାନ୍ତି ସେ ନେଇ ବାରମ୍ବାର ଅଭିଯୋଗ ହେଉଛି। ସର୍ବଶିକ୍ଷା ଅଭିଯାନ ପ୍ରକଳ୍ପ ସଂଯୋଜକ ଓ ପ୍ରଶାସନିକ ଅଧିକାରୀ ଏଥିପ୍ରତି ତୁରନ୍ତ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ସିଂଘାପଡା ପଞ୍ଚାୟତବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଖଣ୍ଡପଡ଼ା ବ୍ଲକ୍ ଶିକ୍ଷା ଅଧିକାରୀ ଚନ୍ଦନ କୁମାର ରଥ ଅବଗତ ଅଛନ୍ତି ବୋଲି ପ୍ରକାଶ କରିଥିଲେ। ସେ କହିଥିଲେ, ବ୍ଲକ୍‌ର ଏକାଧିକ ବିଦ୍ୟାଳୟରେ ଏଭଳି ସମସ୍ୟା ରହିଛି। ତେବେ ସେ ସମ୍ପୃକ୍ତ ବିଦ୍ୟାଳୟକୁ ଯାଇ ମଧ୍ୟାହ୍ନଭୋଜନ ପ୍ରସ୍ତୁତି ନିମନ୍ତେ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବେ ବୋଲି ସୂଚନା ଦେଇଛନ୍ତି।

## ପ୍ଲାଷ୍ଟିକ ନିଷିଦ୍ଧ

# ସରିଲା ମିଆଦ, ଆଜିଠୁ ଜରିମାନା

**ପୁରୀ ଅଫିସ, ୩୧।୧୦**



ପୁରୀ ବଡ଼ଦାଣ୍ଡରେ ପଲିଥିନ ଜବତ କରାଯାଇ ଜରିମାନା ଆଦାୟ କରାଯାଉଛି।

- ୧୭ ଦୋକାନରୁ ୮,୫୦୦ ଟଙ୍କା ଜରିମାନା ଆଦାୟ
- ୨୯ ଦିନରେ ଜବତ ହେଲାଣି ୨ କୁଇଣ୍ଟାଲ ପଲିଥିନ

ରାଜ୍ୟ ସରକାର ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀଠାରୁ ରାଜ୍ୟରେ ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାରକୁ ନିଷିଦ୍ଧ କରିଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ୫ଟି ମହାନଗର ନିଗମ ସମେତ ଐତିହ୍ୟ ସହର ପୁରୀରେ ଏହାକୁ ଲାଗୁ କରାଯାଇଛି। ଅକ୍ଟୋବର ୩୧ ପର୍ଯ୍ୟନ୍ତ ସଚେତନତା ଲାଗି ସରକାର ସମୟ ଦେଇଥିବା ବେଳେ ନଭେମ୍ବର ପହିଲାରୁ ଏହି କଟକଣା କଡାକଡି ପାଳନ ସହ ଉଲ୍ଲଂଘନକାରୀଙ୍କଠାରୁ ଜରିମାନା ଆଦାୟ ପାଇଁ ନିର୍ଦ୍ଦେଶ ରହିଛି। ବୁଧବାର ସଚେତନତାର ଅବଧି ଶେଷ ହୋଇଛି। ଗୁରୁବାରଠାରୁ ଜରିମାନା ଆଦାୟକୁ କଡାକଡି କରାଯିବାକୁ ଥିବାବେଳେ ପାଦେ ଆଗକୁ ଯାଇଛି ପୁରୀ ପୌରସଂସ୍ଥା। ବୁଧବାର ଅପରାହ୍ନରେ ବଡ଼ଦାଣ୍ଡର ୧୭ଟି ଦୋକାନ ଉପରେ ଚଢ଼ାଉ କରାଯାଇ ୨୫ କି.ଗ୍ରା. ପଲିଥିନ ଜବତ କରାଯିବା ସହ ୮,୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି।

ରାଜ୍ୟ ସରକାର ଅକ୍ଟୋବର ୨ରୁ ପଲିଥିନନିଷିଦ୍ଧକରିଥିଲେହେଁପୁରୀସହରରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ୨୦୦୨ ମସିହାରୁ ପଲିଥିନ ବ୍ୟବହାରକୁ ନିଷିଦ୍ଧ କରାଯାଇଛି। କିନ୍ତୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଏହି ନିର୍ଦ୍ଦେଶନାମା କେବଳ କାଗଜ କଲମରେ ସୀମିତ ରହିଥିଲା। ତତ୍କାଳୀନ ଜିଲାପାଳ ଅରବିନ୍ଦ ଅଗ୍ରୱାଲଙ୍କ ସମୟରେ ସେ ପଲିଥିନ ବ୍ୟବହାରକୁ ରୋକିବା ପାଇଁ ଉଦ୍ୟମ ଆରମ୍ଭ କରିଥିଲେ। କିନ୍ତୁ ପୌରସଂସ୍ଥା ପକ୍ଷରୁ ନିୟମିତ ଚଢ଼ାଉ ନ ହେବା ଫଳରେ ତାହା ଫସର ଫାଟିଥିଲା। ଅକ୍ଟୋବର ୨ରେ ରାଜ୍ୟ ସରକାର ବିଧିବଦ୍ଧ ନିର୍ଦ୍ଦେଶନାମା ଜାରି କରିବା ପରେ ପୌରସଂସ୍ଥା ତତ୍ପରତା ପ୍ରକାଶ କରିଛି। ଗତ ୨୯ ଦିନ ମଧ୍ୟରେ ନିୟମିତ ବ୍ୟବଧାନରେ ଚଢ଼ାଉ କରି ପାଖାପାଖି ୨ କୁଇଣ୍ଟାଲ ପଲିଥିନ ଓ ଥର୍ମକୁଲ ଜବତ କରାଯାଇଥିବା ପୌରସଂସ୍ଥାର ଏନ୍‌ଫୋର୍ସମେଣ୍ଟ ଅଫିସର ଶ୍ୟାମସୁନ୍ଦର ମହାପାତ୍ର କହିଛନ୍ତି। ବୁଧବାର ଅପରାହ୍ନରେ ବଡ଼ଦାଣ୍ଡର ଉଭୟପାର୍ଶ୍ୱ ଦୋକାନ ଉପରେ ଚଢ଼ାଉ କରାଯାଇଛି। ଯେଉଁମାନଙ୍କଠାରୁ ପଲିଥିନ ଜବତ କରାଯାଇଛି ସେମାନଙ୍କଠାରୁ ଜରିମାନା ଆଦାୟ ହୋଇଛି। ଗୁରୁବାରଠାରୁ ଏହି ଚଢ଼ାଉ ଜୋରଦାର କରାଯିବ। ପୌରସଂସ୍ଥାର ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ନିୟମିତ ଚଢ଼ାଉ କରିବ। କିନ୍ତୁ ପୁରୀ ସହରକୁ ପଲିଥିନ, ପ୍ଲାଷ୍ଟିକ, ଥର୍ମକୁଲ କେଉଁଠୁ ଆସୁଛି, କିପରି ଆସୁଛି ତାହା ଉପରେ ନଜର ରଖିବାକୁ ହେବ। ଆସିବା ଯଦି ବନ୍ଦ ହେବ ତେବେ ସରକାରଙ୍କ ଏହି ଯୋଜନା ସମ୍ପୂର୍ଣ୍ଣ ଫଳପ୍ରଦ ହୋଇପାରିବ ବୋଲି ମହାପାତ୍ର କହିଛନ୍ତି।

## ମାଓବାଦୀ ଆକ୍ରମଣ ଘଟଣାକୁ ଟାଙ୍ଗୀ ବ୍ଲକ୍ ସାମ୍ବାଦିକ ସଂଘର ନିନ୍ଦା

**ଟାଙ୍ଗୀ (ଖୋର୍ଦ୍ଧା), ୩୧।୧୦ (ଡି.ଏନ.ଏ.)**

ମାଓବାଦୀଙ୍କ ଆକ୍ରମଣରେ ଫଟୋ ଖବରଦାତା ଅଚ୍ୟୁତାନନ୍ଦ ସାହୁଙ୍କ ନିହତ ଘଟଣାକୁ ଟାଙ୍ଗୀ ବ୍ଲକ୍ ସାମ୍ବାଦିକ ସଂଘ ନିନ୍ଦା କରିବା ସହ ତାଙ୍କ ଶୋକାକୁଳ ପରିବାରକୁ ଗଭୀର ସମବେଦନା ଜଣାଇଛନ୍ତି। ସଂଘ ସଭାପତି ପଦ୍ମନାଭ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ତାଙ୍କ ଅମରଆତ୍ମାର ସଦ୍‌ଗତି ପାଇଁ ଏକମିନିଟ୍ ନୀରବ ପ୍ରର୍ଥନା କରାଯାଇଥିଲା। ଏହି ଅବସରରେ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧିଙ୍କ ତିରୋଧାରେ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଦେଶ ଗଠନରେ ସେମାନଙ୍କର ଅସୀମ ତ୍ୟାଗ ଓ ଦେଶର ଐକ୍ୟ, ସଂହତି ଓ ଅଖଣ୍ଡତା ରକ୍ଷାପାଇଁ ଉତ୍ସର୍ଗୀକୃତ ଅବଦାନର ପଟାନ୍ତର ନାହିଁ ବୋଲି ଆଲୋଚନା କରାଯାଇଥିଲା।

## ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଜୟନ୍ତୀ

**ଖଣ୍ଡପଡ଼ା/ବୋଲଗଡ଼,୩୧।୧୦(ସ୍ୱ.ପ୍ର.)**

ଆଧୁନିକ ଭାରତର ନିର୍ମାତା, ଆଦର୍ଶ ରାଜନେତା ତଥା ଜଣେ ବିଶିଷ୍ଟ ଦେଶପ୍ରେମୀ ଭାବେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ପରିଚିତ। ସ୍ୱର୍ଗତ ପଟେଲଙ୍କ ଜୟନ୍ତୀ ଅବସରରେ ବୁଧବାର ବୋଲଗଡ଼ ବ୍ଲକ୍ ଅନ୍ତର୍ଗତ ବାଙ୍କୋଇ ପଞ୍ଚଗଡ଼ ଅନଙ୍ଗ ନରେନ୍ଦ୍ର ସରକାରୀ ପ୍ରାଥମିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ ସଭାଗୃହରେ ଏକ ସମାବେଶ ଆୟୋଜନ କରାଯାଇଥିଲା। ଶିକ୍ଷକ ଅନ୍ତର୍ଯ୍ୟାମୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ବିଜୟ କୁମାର ତ୍ରିପାଠୀ, ସହକାରୀ ଶିକ୍ଷକ ପଦ୍ମନାଭ ଖଟେଇ, ବିପିନ ବିହାରୀ ସାହୁ, ବନମାଳୀ ସାହୁ ଓ ସୁଶାନ୍ତ କୁମାର ସୁବୁଦ୍ଧି ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ସର୍ଦ୍ଦାର ପଟେଲଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରତିମା ମହାପାତ୍ର, ପ୍ରବୀର କୁମାର ପଟ୍ଟନାୟକ, ବିଷ୍ଣୁପ୍ରିୟା ପଣ୍ଡା ପ୍ରମୁଖ ସ୍ୱର୍ଗତ ପଟେଲଙ୍କ ସମ୍ପର୍କରେ ନିଜର ମତ ପ୍ରକାଶ କରିଥିଲେ। ଭାରତକୁ ଏକତ୍ରିତ କରିଥିବା ସର୍ଦ୍ଦାର ପଟେଲଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁଜୁରାଟର ନର୍ମଦା ଜିଲା କେଭେଡିୟା ଗ୍ରାମରେ ୧୮୨ ମିଟରର ଏକ ବିଶାଳ ପ୍ରତିମୂର୍ତ୍ତି ଉଦ୍‌ଘାଟନ କରିଥିବା ନେଇ ଛାତ୍ରୀଛାତ୍ର ବକ୍ତବ୍ୟ ରଖିଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ରମାନେ।

## ଶ୍ରୀମନ୍ଦିରରେ ଦାନ ଦକ୍ଷିଣା ଆଦାୟ ବନ୍ଦ ପ୍ରସଙ୍ଗ

### ସୁପ୍ରିମ୍‌କୋର୍ଟରେ ଇଚ୍ଛାମୃତ୍ୟୁ ଆବେଦନ କଲେ ନରସିଂହ

**ପୁରୀ ଅଫିସ, ୩୧।୧୦**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମରେ କୌଣସି ସେବାୟତ ଏବଂ ଶ୍ରୀମନ୍ଦିର ପ୍ରଶାସନର କର୍ମଚାରୀ ଦାନ, ଦକ୍ଷିଣା ସଂଗ୍ରହ କରିପାରିବେ ନାହିଁ ବୋଲି ସୁପ୍ରିମ୍‌କୋର୍ଟଙ୍କ ରାୟ ଦେଇଛନ୍ତି। ଏହାକୁ ନେଇ ସେବାୟତଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଛି। ଏହି କଟକଣା ଯୋଗୁ ବଞ୍ଚିବାର ଅନ୍ୟ କୌଣସି ରାହା ନ ଥିବା ଦର୍ଶାଇ ଶ୍ରୀମନ୍ଦିରର ସେବାୟତ ନରସିଂହ ପୂଜାପଣ୍ଡା ବୁଧବାର ସୁପ୍ରିମ୍‌କୋର୍ଟଙ୍କ ନିକଟରେ ଇଚ୍ଛାମୃତ୍ୟୁ ଆବେଦନ କରିଛନ୍ତି। ସେ ତାଙ୍କ ଆବେଦନରେ ଦର୍ଶାଇଛନ୍ତି ଯେ, ମୁଁ ଶ୍ରୀଜଗନ୍ନାଥ ମନ୍ଦିର ସେବାୟତ ପରିବାରରେ ଜନ୍ମ। ଭକ୍ତଙ୍କୁ ସେବା ଯୋଗାଇ ସେମାନଙ୍କଠାରୁ ଦାନ, ଦକ୍ଷିଣା ଗ୍ରହଣ କରିବାର ପରମ୍ପରା ହଜାର ବର୍ଷ ଧରି ଚାଲିଆସିଛି। ଅଦାଲତ ଏବଂ ସରକାର ଏହାକୁ ବନ୍ଦ କଲେ ଆମେ କିପରି ଜୀବିକା ନିର୍ବାହ କରିବୁ ବୋଲି ପୂଜାପଣ୍ଡା ଆବେଦନରେ ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷରେ ନରସିଂହ କହିଛନ୍ତି, ସୁପ୍ରିମ୍‌କୋର୍ଟ ଏବଂ ରାଜ୍ୟ ସରକାର ଦାନ, ଦକ୍ଷିଣା ଆଦାୟ ଉପରେ ରୋକ୍ ଲଗାଇଛନ୍ତି। ଏହା ଆମ ପରିବାରର ବଞ୍ଚିବାର ଏକମାତ୍ର ମାଧ୍ୟମ। ଏହା ବନ୍ଦ କରାଗଲେ ଭୋକରେ ରହି ମରିବା ଅପେକ୍ଷା ଗୋଟିଏ ଦିନ ମରିବା ଭଲ। ସୂଚନାଯୋଗ୍ୟ ଯେ, ରତ୍ନଭଣ୍ଡାର ଖୋଲାଯିବାକୁ ବିରୋଧ କରି ଗତ ମାର୍ଚ୍ଚ ୨୪ ତାରିଖରେ ପୁରୀ ମଣିକର୍ଣ୍ଣିକା ସାହିର ସେବକ ନରସିଂହ ପୂଜାପଣ୍ଡା ପୁରୀ ଉପଜିଲାପାଳଙ୍କ ନିକଟରେ ଇଚ୍ଛାମୃତ୍ୟୁ ପାଇଁ ଆବେଦନ କରିଥିଲେ। ହେଲେ ଏହା ତାଙ୍କ କ୍ଷମତାର ବାହାରେ ବୋଲି ଉପଜିଲାପାଳ ତାଙ୍କୁ ଜଣାଇଥିଲେ।

## ସୁପ୍ରିମ୍‌କୋର୍ଟରେ ଶ୍ରୀମନ୍ଦିର ମାମଲା

# ଆମିକସ୍ କ୍ୟୁରି ଅସୁସ୍ଥ, ନଭେମ୍ବର ୩୦କୁ ଘୁଞ୍ଚିଲା ଶୁଣାଣି

**ପୁରୀ ଅଫିସ, ୩୧।୧୦**

ପୁରୀ ବନ୍ଦ ବେଳେ ହୋଇଥିବା ହିଂସାକାଣ୍ଡ ଏବଂ ଜୋତା ପିନ୍ଧି ପୋଲିସ କର୍ମଚାରୀ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରିବା ମାମଲାର ଶୁଣାଣିକୁ ସୁପ୍ରିମ୍‌କୋର୍ଟ ବୁଧବାର ସ୍ଥଗିତ ରଖିଛନ୍ତି। ଆମିକସ୍ କ୍ୟୁରି ଗୋପାଳ ସୁବ୍ରମଣ୍ୟମ୍‌ଙ୍କ ଅସୁସ୍ଥତା କାରଣରୁ ଏହାର ଶୁଣାଣିକୁ ସୁପ୍ରିମ୍‌କୋର୍ଟ ଘୁଞ୍ଚାଇ ଦେଇଛନ୍ତି। ନଭେମ୍ବର ୩୦ରେ ଏହି ମାମଲାର ଶୁଣାଣି ପାଇଁ ଦିନଧାର୍ଯ୍ୟ କରାଯାଇଛି।

ବିଚାରପତି ମଦନ ବି. ଲୋକୁର, ଏସ୍. ଅବ୍‌ଦୁଲ ନାଜିର ଏବଂ ଦୀପକ ଗୁପ୍ତାଙ୍କୁ ନେଇ ଗଠିତ ତିନିଜଣିଆ ଖଣ୍ଡପୀଠରେ ବୁଧବାର ଏହି ମାମଲାର ଶୁଣାଣି ହେବାର ଥିଲା। ତେବେ ଆମିକସ୍ କ୍ୟୁରି ଅସୁସ୍ଥ ରହିଥିବା ନେଇ ତାଙ୍କ ଜୁନିୟର କୋର୍ଟଙ୍କୁ ଅବଗତ କରାଇଥିଲେ। କୋର୍ଟ ଏହାକୁ ଗ୍ରହଣ କରି ମାମଲାର ଶୁଣାଣିକୁ ନଭେମ୍ବର ୩୦କୁ ଘୁଞ୍ଚାଇ ଦେଇଛନ୍ତି। ଓଡ଼ିଶା ହାଇକୋର୍ଟର ଆଇନଜୀବୀ ମୃଣାଳିନୀ ପାଢୀଙ୍କ ପକ୍ଷରୁ ଦାଖଲ କରାଯାଇଥିବା ମାମଲା ଉପରେ ଚଳିତ ମାସ ୧୦ ତାରିଖରେ ଇଣ୍ଟର କଣ୍ଟିନେଣ୍ଟାଲ ଆସୋସିଏଶନ ଦ୍ୱାରା ସୁପ୍ରିମ୍‌କୋର୍ଟରେ ତ୍ୱରିତ ଆବେଦନ ଦାଖଲ କରାଯାଇଥିଲା। ଆବେଦନରେ ପୁରୀ ଜିଲା ଜଜ୍‌ଙ୍କ ପରାମର୍ଶ ଏବଂ ଜୁଲାଇ ୫ ତାରିଖରେ ସୁପ୍ରିମ୍‌କୋର୍ଟ ଦେଇଥିବା ଆଦେଶ ଉପରେ ରହିତାଦେଶ ଜାରି କରିବାକୁ ଅନୁରୋଧ କରାଯାଇଥିଲା। ଏହି ଆବେଦନକୁ କୋର୍ଟ ଗ୍ରହଣ କରି ଜବାବ ଦାଖଲ ପାଇଁ ରାଜ୍ୟ ସରକାର ଏବଂ ମନ୍ଦିର ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ମଙ୍ଗଳବାର ରାଜ୍ୟ ସରକାରଙ୍କ ପକ୍ଷରୁ ୩ ପୃଷ୍ଠାର ଏବଂ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ୧୧ ପୃଷ୍ଠାର ସତ୍ୟପାଠ ଦାଖଲ କରାଯାଇଛି। ପୋଲିସ ଯୋତା ପିନ୍ଧି ଅସ୍ତ୍ରଶସ୍ତ୍ର ଧରି ମନ୍ଦିର ଭିତରକୁ ପ୍ରବେଶ କରି ନ ଥିବା ରାଜ୍ୟ ସରକାର ଏବଂ ମନ୍ଦିର ପ୍ରଶାସନ ସତ୍ୟପାଠରେ ଦର୍ଶାଇଛନ୍ତି। ସତ୍ୟପାଠରେ ଆହୁରି ଦର୍ଶାଯାଇଛି ଯେ, ଅକ୍ଟୋବର ୩ରେ ପୁରୀର ଜନସାଧାରଣ ଶ୍ରୀମନ୍ଦିରରେ ଧାଡ଼ିଦର୍ଶନକୁ ବିରୋଧ କରି ବନ୍ଦ ଡାକରା ଦେଇ ନ ଥିଲେ। ବରଂ କିଛି ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠୀ ଧାଡ଼ିଦର୍ଶନକୁ ବିରୋଧ କରିଥିଲେ ବୋଲି ସୁପ୍ରିମ୍‌କୋର୍ଟଙ୍କୁ ଅବଗତ କରାଯାଇଛି। ଏଥିଲାଗି ଶ୍ରୀଜଗନ୍ନାଥ ସେନା, ସଚେତନ ନାଗରିକ ମଞ୍ଚ ଏବଂ ସେବାୟତ ସମ୍ମିଳନୀ ଦାୟୀ। ତେଣୁ ହିଂସାରେ ଘଟିଥିବା କ୍ଷୟକ୍ଷତି ସେହି ସଙ୍ଗଠନଗୁଡ଼ିକୁ ଭରଣା କରିବାକୁ ନିର୍ଦ୍ଦେଶ ଦେବା ପାଇଁ ସତ୍ୟପାଠରେ ଉଲ୍ଲେଖ ଅଛି। ଅନ୍ୟପକ୍ଷରେ ଧାଡ଼ିଦର୍ଶନକୁ ସତ୍ୟପାଠରେ ସମର୍ଥନ କରାଯାଇଛି। ସର୍ବୋଚ୍ଚ ନ୍ୟାୟାଳୟ ଦେଇଥିବା ପ୍ରସ୍ତାବକୁ କାର୍ଯ୍ୟକାରୀ ପାଇଁ ଏକାଧିକ କମିଟି ଏବଂ ସବ୍-କମିଟି ଗଠନ କରାଯାଇଛି ବୋଲି ସୁପ୍ରିମ୍‌କୋର୍ଟଙ୍କୁ ଜଣାଯାଇଛି।

## କେଦାର ମହାନ୍ତି ସ୍ମୃତି ପରିଷଦର ନୂତନ କର୍ମକର୍ତ୍ତା

**ଖଣ୍ଡପଡ଼ା,୩୧।୧୦(ସ୍ୱ.ପ୍ର.)**

ପୂର୍ବତନ ବ୍ଲକ୍ ବିଜେଡି ସଭାପତି ସ୍ୱର୍ଗତ କେଦାର ମହାନ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗଠିତ ହୋଇଛି କେଦାର ମହାନ୍ତି ସ୍ମୃତି ପରିଷଦ। ଏହାର ୫୫ ଜଣିଆ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଏହି ଅବସରରେ ବୁଧବାର ମା' କୁକୁଡାଶୁଣୀ ମନ୍ଦିର ପ୍ରାଙ୍ଗଣରେ ପ୍ରମୋଦ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏହାର ନୂତନ କର୍ମକର୍ତ୍ତା ଚୟନ ସଭା ଅନୁଷ୍ଠିତ ହୋଇଥିଲା। ୫୦୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତିଚାରଣ ସହ ତାଙ୍କ ଦ୍ୱାରା କିପରି କିଆଝର ପଞ୍ଚାୟତର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରାଯାଇଛି ସେ ନେଇ ମତପ୍ରକାଶ ପାଇଥିଲା। ପରିଷଦରେ ମହେଶ୍ୱର ପରିଡା ସଭାପତି, ଭିକାରି ଲେଙ୍କା ଉପସଭାପତି, ପବିତ୍ର ଦାସ ସମ୍ପାଦକ ଓ କୋଷାଧ୍ୟକ୍ଷ ଭାବେ ଅରୁଣ କୁମାର ସାହୁଙ୍କୁ ଚୟନ କରାଯାଇଥିଲା। କିଆଝର ପଞ୍ଚାୟତର କିଆଝର, ଗିରିଡିପଲ୍ଲୀ ଓ ମଙ୍ଗରାଜପୁର ଗ୍ରାମରେ ସ୍ୱର୍ଗତ ମହାନ୍ତିଙ୍କ ୩ ପ୍ରତିମୂର୍ତ୍ତି ପ୍ରତିଷ୍ଠା ନିମନ୍ତେ ସଭାରେ ନିଷ୍ପତ୍ତି ହୋଇଥିଲା।


କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମକର୍ତ୍ତା ଓ ଅନ୍ୟମାନେ।

## ଭାଜପା ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ

**କୃଷ୍ଣପ୍ରସାଦ,୩୧।୧୦(ଡି.ଏନ.ଏ.)**

କୃଷ୍ଣପ୍ରସାଦ ବ୍ଲକ ଭାଜପା ପକ୍ଷରୁ ରାଷ୍ଟ୍ରିୟ ଏକତା ଦିବସ ପାଳିତ ହୋଇଯାଇଛି। ବ୍ଲକ ଭାଜପା ସଭାପତି ଦୀନବନ୍ଧୁ ଜେନା,ବ୍ଲକ ଭାଜପା ଯୁବମୋର୍ଚ୍ଚା ପ୍ରଭାରୀ ଉତ୍ତମ କୁମାର ତରେଇ(ବୁଲୁ),ବ୍ଲକ ମିଡିଆସେଲ ମୁଖ୍ୟ ସଂଗ୍ରାମ କେଶରୀ ଜେନା, ଯୁବନେତା ଦେବାଶିଷ ଜଗଦ୍ଦେବ ନାୟକ,ନାଲୁ ପ୍ରଧାନ ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ ଛାତ୍ରୀଛାତ୍ର ତିତିପି ରାମଚଣ୍ଡୀ ମହିଳା ମହାବିଦ୍ୟାଳୟ ଠାରୁ ଏକତ୍ରିତ ହୋଇ ଚାରିଛକ ବଜାର ପରିକ୍ରମା କରିଥିଲେ। ସର୍ଦ୍ଦାର ପଟେଲଙ୍କ ଜୟ ଜୟ କାର ଧ୍ୱନୀ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ମାନଙ୍କୁ ନେଇ ଗଣଦୌଡ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ସ୍ତ୍ରୀ, ଝିଅଙ୍କୁ ଘରୁ ତଡ଼ିଲେ: ପରକୀୟା ପ୍ରୀତି ଅଭିଯୋଗ

**ରଣପୁର,୩୧।୧୦(ସ୍ୱ.ପ୍ର.)**

ଗତ ୩ ବର୍ଷ ତଳେ ବୈଦିକ ରୀତିରେ ବିବାହ କରିଥିବା ଜଣେ ଯୁବକ ସ୍ତ୍ରୀ ଓ ଦେଢବର୍ଷର କନ୍ୟା ସନ୍ତାନଙ୍କ ପ୍ରତି ଅନ୍ୟାୟ କରିଥିବା ଅଭିଯୋଗ ହୋଇଛି। ଯୁବକ ଜଣକ ପରକୀୟା ପ୍ରୀତି କାରଣରୁ ନିଜ ସ୍ତ୍ରୀ ଓ ଝିଅଙ୍କୁ ଘରୁ ତଡ଼ି ଦେଇଥିବା ବୁଧବାର ସୁନାଖଳା ଫାଣ୍ଡିରେ ଅଭିଯୋଗ ହୋଇଛି। ଏ ଘଟଣା ନେଇ ଅଭିଯୁକ୍ତ ଫେରାର୍ ଥିବା ବେଳେ ଯୁବକଙ୍କ ଦାଦାପୁଅ ଭାଇକୁ ରଣପୁର ଥାନାରେ ପୋଲିସ ଅଟକ ରଖିଛି। ତେବେ ସ୍ତ୍ରୀଙ୍କ ବାପଘର ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଯୁବକଙ୍କ ଘର ସମ୍ମୁଖରେ ନ୍ୟାୟ ପାଇଁ ଜଗି ବସିଛନ୍ତି। ଗ୍ରାମରେ ଚାପା ଉତ୍ତେଜନା ଦେଖାଦେଇଛି। ପରିସ୍ଥିତିକୁ ଦେଖି ଆଇନ ଶୃଙ୍ଖଳା ଦୃଷ୍ଟିରୁ ପୋଲିସ ମୁତୟନ ହୋଇଛି। ଅଭିଯୋଗରୁ ପ୍ରକାଶ ଯେ, ନରେନ୍ଦ୍ରପୁର ପଞ୍ଚାୟତର ଡିହଗାଁ ଗ୍ରାମର ରଘୁନାଥ ରାଉତରାୟଙ୍କ ପୁଅ ରଞ୍ଜନ (୩୨) କଟକରେ ଏକ ସରକାରୀ ଡାକ୍ତରଖାନାରେ ହେଲ୍‌ଥ ୱାର୍କର ଭାବରେ କାର୍ଯ୍ୟ କରନ୍ତି। ୨୦୧୫ ମସିହାରେ ନୟାଗଡ ଜିଲା ଚାନ୍ଦପୁର ଥାନା ଚମ୍ପାପେଡି ପଞ୍ଚାୟତର ଖଣ୍ଡିଆବନ୍ଧ ଗ୍ରାମର ନିଳମଣି ପ୍ରଧାନଙ୍କ ଝିଅ କୁନିଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ସମୟରେ ଦାବି ମୁତାବକ ଯୌତୁକ ଦିଆଯାଇଥିଲେ ମଧ୍ୟ ଅଧିକ ୫୦ହଜାର ଟଙ୍କା ପାଇଁ ଶାଶୁ, ନଣନ୍ଦ ଓ ଦିଅରଙ୍କ ସହିତ ସ୍ୱାମୀ କୁନିଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି। ରଞ୍ଜନଙ୍କ ଅନ୍ୟ ଜଣେ ଯୁବତୀଙ୍କ ସହ ପରକୀୟା ପ୍ରୀତି ରହିଥିବା ଅଭିଯୋଗ ହୋଇଛି। ତେବେ ଏ ପରିସ୍ଥିତିର ସମାଧାନ ନିମନ୍ତେ ଗ୍ରାମରେ ଏକ ସଭା ହେଉଥିବା ବେଳେ ରଞ୍ଜନଙ୍କ ଦାଦାପୁଅ ପିଣ୍ଟୁ ରାଉତରାୟ ସେଠାରେ ପହଞ୍ଚି ରଞ୍ଜନଙ୍କୁ ଏକ ବାଇକ୍‌ରେ ବସାଇ ନେଇଯାଇଥିଲେ। ଏହାକୁ ବିରୋଧ କରି ଖଣ୍ଡିଆବନ୍ଧ ଗ୍ରାମବାସୀ ଓ ପରିବାର ଲୋକେ ରଞ୍ଜନଙ୍କ ଘର ସମ୍ମୁଖରେ ବସି ରହିଛନ୍ତି। ଝିଅଙ୍କ ପରିବାରବର୍ଗ ରଞ୍ଜନ ଏବଂ ତାଙ୍କ ପରିବାର ବିରୋଧରେ ଥାନାରେ ଅଭିଯୋଗ କରିବା ପରେ ରଣପୁର ଥାନା ଅଧିକାରୀ ଏସ୍‌ଏସ୍ ହରୋ ପିଣ୍ଟୁଙ୍କୁ ଥାନାକୁ ଆଣି ଅଟକ ରଖିଛନ୍ତି। ରଞ୍ଜନ ଫେରାର ରହିଛନ୍ତି।

### ସ୍ୱାମୀ ଫେରାର ,ସମ୍ପର୍କୀୟ ଭାଇ ଅଟକ


ଗ୍ରାମବାସୀ ଝିଅର ଶଶୁର ଘର ଦ୍ୱାର ବାହାରେ ବସି ରହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧ ନଭେମ୍ବର, ୨୦୧୮



ଯେଉଁଥିରେ ତୁମ ମନ ଥରେ ମାନିଯାଇଛି, ତାହା
କେବେହେଲେ ସ୍ମୃତିରୁ ସହଜରେ ଲିଭି ଯାଏ ନାହିଁ।
- ପ୍ଲାଟସ୍



## ସଂକ୍ଷେପରେ

### ଜିଲ୍ଲା ପୋଲିସ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ




**ନୟାଗଡ଼ ଅଫିସ,୩୧।୧୦:** ଜିଲ୍ଲା ପୋଲିସ ପକ୍ଷରୁ ବୁଧବାର ପୂର୍ବାହ୍ନ ୧୧ଟାରେ ଏସ୍‌ପିଙ୍କ କାର୍ଯ୍ୟାଳୟଠାରେ ରାଷ୍ଟ୍ରୀୟ ଏକତା ଦିବସ ପାଳନ କରାଯାଇଛି। ଏସ୍‌ପି ଶଶିଭୂଷଣ ଶତପଥୀ ଏହି ଅବସରରେ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ଶପଥପାଠ କରାଇଥିଲେ। ସେହିଭଳି ଲୌହ ପୁରୁଷ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଗୁଣାବଳୀ ବିଷୟରେ ଆଲୋଚନା କରାଯାଇଥିଲା।

### ସିଆର୍‌ସିସି ଆସୋସିଏଶନ ଗଠିତ



**ଦଶପଲ୍ଲା,୩୧।୧୦ (ଡି.ଏନ.ଏ.):** ତୃଣମୂଳ ସ୍ତରରେ ଶିକ୍ଷାର ବିକାଶ ଓ ସଂଘୀୟ ଏକତା ମନୋଭାବ ନେଇ ସରକାରଙ୍କ ସମସ୍ତ ନୀତିନିୟମ ମାନି ଚଳିବା ଲକ୍ଷ୍ୟରେ ବୁଧବାର ଦଶପଲ୍ଲା ମଣ୍ଡଳର ସମସ୍ତ ୧୩ ଜଣ ସିଆର୍‌ସିସି ଙ୍କୁ ନେଇ ଦଶପଲ୍ଲା ସିଆରସିସି ଆସୋସିଏଶନ ଗଠନ କରାଯାଇଛି। ସ୍ଥାନୀୟ ସ୍ୱପ୍ନେଶ୍ୱର ମହାବୀର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ବୈଠକରେ ମୁଖ୍ୟତଃ ସଂଘୀୟ ଆଲୋଚନା ମାଧ୍ୟମରେ ଯେପରି ସମସ୍ତ କ୍ଲଷ୍ଟରରେ ଏକ ପ୍ରକାର କାର୍ଯ୍ୟ କରାଯିବ ସେଥିପାଇଁ ସମସ୍ତେ ନିଜ ନିଜର ମତବ୍ୟକ୍ତ କରିଥିଲେ। ଏଥିରେ ସଭାପତି ଭାବେ ସନ୍ତୋଷ କୁମାର ମହାନ୍ତି, ସମ୍ପାଦକ ଲିଙ୍ଗରାଜ ପାଣି, କୋଷାଧ୍ୟକ୍ଷ ଭାବେ ତ୍ରିନାଥ ବିଶ୍ୱାଳଙ୍କୁ ମନୋନୀତ କରାଯାଇଥିଲା।

### ସମ୍ବର୍ଦ୍ଧିତ ହେବେ ଖଣ୍ଡପଡ଼ା ବିଧାୟକ

**ଖଣ୍ଡପଡ଼ା, ୩୧।୧୦(ସ୍ୱ.ପ୍ର.):** ଶିଶୁ ଅଧିକାର ସୁରକ୍ଷା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟକ୍ରମ ପାଇଁ ଖଣ୍ଡପଡ଼ା ବିଧାୟକ ଅନୁଭବ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯିବ। ଓଡିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ପକ୍ଷରୁ ଏହାର ୮ମ ପ୍ରତିଷ୍ଠା ଦିବସ ଉପଲକ୍ଷେ କିଟ୍ ପରିସରରେ ଗୁରୁବାର ଅନୁଷ୍ଠିତ ଏକ ସମାବେଶରେ ବିଧାୟକ ସମ୍ବର୍ଦ୍ଧିତ ହେବେ। ସୂଚନାଯୋଗ୍ୟ ଯେ, ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଥମ ଥର ପାଇଁ ଶିଶୁ ଉପଯୋଗୀ ନିର୍ବାଚନ ମଣ୍ଡଳୀ ଭାବେ ଖଣ୍ଡପଡା ନିର୍ବାଚନ ମଣ୍ଡଳୀକୁ ୨୦୧୫ରେ ଚୟନ କରାଯାଇଥିଲା। ବିଧାୟକ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ୟୁନିସେଫ୍ (ଓଡିଶା) ସହାୟତାରେ ପ୍ରତ୍ୟେକ ଗ୍ରାମରେ ଶିଶୁ ସଂଘ ଗଠନ କରାଯାଇଥିଲା। ନିର୍ବାଚିତ ପ୍ରତିନିଧି ଓ ସରକାରୀ ଅଧିକାରୀମାନେ ମିଳିତ ଭାବେ ଖଣ୍ଡପଡାକୁ ଏକ ଶିଶୁ ଉପଯୋଗୀ ନିର୍ବାଚନ ମଣ୍ଡଳୀ ଭାବେ ଗଢ଼ି ତୋଳିବା ଦିଗରେ ସଫଳ ହୋଇଛନ୍ତି।

# ୨ ହୋଟେଲରେ ଗୁଇନ୍ଦା ବିଭାଗର ଚଢ଼ାଉ

**ନୟାଗଡ଼ ଅଫିସ,୩୧।୧୦**

ନୟାଗଡ଼ ଜିଲାର ଦୁଇଟି ହୋଟେଲ ଉପରେ ବୁଧବାର କଟକ କେନ୍ଦ୍ରାଞ୍ଚଳ ଗୁଇନ୍ଦା ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ଏହି ଚଢ଼ାଉରେ ଦୁଇଟି ହୋଟେଲରୁ ୧୩ ଲିଟର ୫୦୦ ମିଲିଲିଟର ବିଦେଶୀ ମଦ ଜବତ କରାଯାଇଛି। ଗୋଟିଏ ହୋଟେଲ ନୂଆଗାଁ ବ୍ଲକସ୍ଥିତ ମାମା ଢାବା ହୋଇଥିବାବେଳେ ଅନ୍ୟଟି ନୟାଗଡ଼ ସହର ବେବର୍ତ୍ତାପଲ୍ଲୀ ନିକଟରେ ଥିବା ହରି ଅର୍ଜ୍ଜୁନ ହୋଟେଲ। ହରି ଅର୍ଜ୍ଜୁନ ହୋଟେଲ ନୟାଗଡ଼ ଜିଲା ବିଜୁ ଛାତ୍ର ଜନତା ଦଳର ସଭାପତି ନୀଳମାଧବ ପଣ୍ଡାଙ୍କର ବୋଲି ଚର୍ଚ୍ଚା ହେଉଛି। ଆଉ ଏହାକୁ କଂଗ୍ରେସ ଅସ୍ତ୍ର କରିଛି । ଜିଲା ସଭାପତି ରଣଜିତ୍ ଦାଶ ଘଟଣାକୁ ନିନ୍ଦା କରିଛନ୍ତି। ବିଜୁ ଯୁବବାହିନୀ ପକ୍ଷରୁ ନିଶାକୁ ନା କହି ପ୍ରଚାର କରୁଥିବା ବେଳେ ସଭାପତିଙ୍କ ହୋଟେଲରୁ ମଦ ଜବତ ହେବା ଘଟଣା ଏହାର ଆଭିମୁଖ୍ୟ ଉପରେ ପ୍ରଶ୍ନ ଉଠାଇଛି। ସେହିଭଳି ପୋଲିସ ସବୁ ଜାଣିଥିଲେ ମଧ୍ୟ କାହିଁକି ହାତ ବାନ୍ଧି ବସିଥିଲା ତାହାକୁ ନେଇ ମଧ୍ୟ ଦାଶ ପ୍ରଶ୍ନ କରିଛନ୍ତି।

ପ୍ରକାଶ ଯେ, ବିଭିନ୍ନ ସମୟରେ ଏହି ଦୁଇ ହୋଟେଲରେ ବେଆଇନ ମଦ ବିକ୍ରି ହେଉଥିବା ନେଇ ଅଭିଯୋଗ ହେବା ପରେ ଗୁଇନ୍ଦା ବିଭାଗ ବୁଧବାର ଚଢ଼ାଉ କରିଥିଲା। ନୟାଗଡ଼ ଜିଲା ଅବକାରୀ ବିଭାଗ ସହାୟତାରେ ପ୍ରଥମେ ପୂର୍ବାହ୍ନ ୧୦ଟାରେ ମାମା ହୋଟେଲରୁ ୫ ଲିଟର ୭୦୦ମିଲିଲିଟର ମଦ ଜବତ କରାଯାଇଥିଲା। ଏହାପରେ ଅପରାହ୍ନରେ ହରି ଅର୍ଜ୍ଜୁନ ହୋଟେଲରୁ ୭ ଲିଟର ୮୦୦ମିଲିଲିଟର (୧୨ବୋତଲ ବିଅର) ମଦ ଜବତ କରାଯାଇଥିଲା। ଏହି ଦୁଇଟି ଘଟଣାରେ ଦୁଇ ଜଣଙ୍କୁ ଗିରଫ କରାଯାଇଛି। ମାମା ହୋଟେଲରୁ ଦଶପଲ୍ଲା ଅଞ୍ଚଳର ବିଷ୍ଣୁ ରୋହି ଦାସଙ୍କୁ ଗିରଫ କରାଯାଇଥିବା ବେଳେ ହରି ଅର୍ଜ୍ଜୁନ ହୋଟେଲରୁ ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ମାଣିକଗଡ଼ା ଗ୍ରାମର ଶେଖ୍ ଫାରୁକ୍‌ଙ୍କୁ ଗିରଫ କରାଯାଇଛି। ଏ ନେଇ ପିଆର ୧୩୪ ଓ ୧୩୫,୧୮-୧୯ରେ ମାମଲା ରୁଜୁ କରାଯାଇଥିବା କେନ୍ଦ୍ରାଞ୍ଚଳ ଗୁଇନ୍ଦା ବିଭାଗର ଇନସ୍‌ପେକ୍ଟର ଜଗଦୀଶ ଚନ୍ଦ୍ର ସାମଲ ପ୍ରକାଶ କରିଛନ୍ତି। ଏ ନେଇ ଜିଲା ବିଜୁ ଛାତ୍ର ଜନତା ଦଳର ସଭାପତି ନୀଳମାଧବ ପଣ୍ଡାଙ୍କୁ ପଚାରିବାରୁ ସେ କୁହନ୍ତି ଏହା ମୋ ହୋଟେଲ ନୁହେଁ, ଏହାକୁ ମୋ ଭାଇ ବୁଝାବୁଝି କରନ୍ତି। ସେହିଭଳି ବୁଧବାର ହୋଇଥିବା ଘଟଣା ବିଷୟରେ କିଛି ଜାଣି ନ ଥିବା ପଣ୍ଡା ପ୍ରକାଶ କରିଥିଲେ। ଏହି ଘଟଣା ସହରରେ ଚର୍ଚ୍ଚାର ବିଷୟ ପାଲଟିଛି। ଅନ୍ୟପକ୍ଷେ ସହର ନିକଟସ୍ଥ ଉକ୍ତ ହୋଟେଲରେ ବେଆଇନ ଭାବେ ଖୁଲମଖୁଲା ମଦ ବିକ୍ରି ହେଉଥିବା ବେଳେ ପୋଲିସ ଓ ଜିଲା ଅବକାରୀ ବିଭାଗ କିପରି ଜାଣି ପାରୁ ନାହିଁ ସେ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି।



ହରି ଅର୍ଜ୍ଜୁନ ହୋଟେଲ।



ଗୁଇନ୍ଦା ବିଭାଗ ଗାଡ଼ିରେ ଦୁଇ ଗିରଫ ବ୍ୟକ୍ତିଙ୍କୁ ନିଆଯାଉଛି।

- ବିଜୁ ଛାତ୍ର ଜନତା ଦଳ ସଭାପତିଙ୍କ ହୋଟେଲରୁ ମଦ ଜବତ ଅଭିଯୋଗ
- ଘଟଣାକୁ ନିନ୍ଦା କଲେ ଜିଲା କଂଗ୍ରେସ ସଭାପତି
- ଜିଲା ଅବକାରୀ ବିଭାଗର କାର୍ଯ୍ୟଦକ୍ଷତାକୁ ନେଇ ଉଠିଲା ପ୍ରଶ୍ନ

## ଶରଣକୁଳ ସର୍ବଭାରତୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ
# ସେମିଫାଇନାଲ୍‌ରେ ସାଇ ହଷ୍ଟେଲ କଟକ

**ନୟାଗଡ଼ ଅଫିସ,୩୧।୧୦**

ନୟାଗଡ଼ ଜିଲା ଶରଣକୁଳ ଲଡୁକେଶ ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ନାରାୟଣ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆଠାରେ ୫୯ତମ ସର୍ବଭାରତୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଚାଲୁରହିଛି। ବୁଧବାର ସପ୍ତମ ଦିବସରେ ଖେଳ ସାଇ ହଷ୍ଟେଲ କଟକ ସହିତ ଆର୍ମି ଫୁଟବଲ୍ କ୍ଲବ ଜମ୍ମୁ କଶ୍ମୀର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସାଇ ହଷ୍ଟେଲ କଟକ ଦଳ ୧-୦ ଗୋଲ୍ ସ୍କୋରରେ ଆର୍ମି ଫୁଟବଲ୍ କ୍ଲବ ଜମ୍ମୁ କଶ୍ମୀରକୁ ହରାଇ ପ୍ରଥମ ସେମିଫାଇନାଲକୁ ପ୍ରବେଶ କରିଛି। ବୁଧବାର ଅନୁଷ୍ଠିତ ଖେଳର ପ୍ରଥମାର୍ଦ୍ଧ ବେଶ୍ ଚିତ୍ତାକର୍ଷକ ହୋଇଥିଲା ବେଳେ କେହି କାହାରିକୁ ଗୋଲ୍ ସ୍କୋର ଦେଇ ପାରି ନ ଥିଲେ। ଖେଳର ଦ୍ୱିତୀୟାର୍ଦ୍ଧ ୫ ମିନିଟରେ କଟକ ଦଳର ୮ ନମ୍ବର ଜର୍ସି ଖେଳାଳି ଚନ୍ଦ୍ର ବେହେରା ଅତି ଚତୁରତାର ସହ ଗୋଲ୍ ସ୍କୋର କରିଥିଲେ। ଏହା ପରେ ଆଉ କୌଣସି ଗୋଲ୍ ସ୍କୋର ହୋଇ ନ ଥିଲା। ଫଳରେ କଟକ ଦଳ ୧-୦ ଗୋଲ୍‌ରେ ବିଜୟୀ ହୋଇଥିଲା। ବୁଧବାର ଖେଳରେ ନୟାଗଡ଼ ଆଥ୍‌ଲେଟିକ ଆସୋସିଏଶନର ସମ୍ପାଦକ ରବୀନ୍ଦ୍ର କୁମାର ପ୍ରଧାନ ଅତିଥିଭାବେ ଯୋଗ ଦେଇଥିଲେ। ସନ୍ଦୀପ ଦାଶ ଖେଳ ପରିଚାଳନା କରିଥିବା ବେଳେ ଅଶୋକ କଅଁର, ପ୍ରିୟବ୍ରତ ବାହିନୀପତି ଓ ଅବିନାଶ ପଟ୍ଟନାୟକ ଲାଇନ୍‌ରେ ସହାୟତା କରିଥିଲେ। ଗୁରୁବାର ହାଲ ସୁନାବେଡ଼ା ଓ ସ୍ପୋର୍ଟସ ହଷ୍ଟେଲ କଟକ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆସୋସିଏଶନ୍‌ର ସଭାପତି ସତ୍ୟନାରାୟଣ ପ୍ରଧାନ ସୂଚନା ଦେଇଛନ୍ତି।



ଖେଳରେ ଏକ ସଂଘର୍ଷପୂର୍ଣ୍ଣ ଦୃଶ୍ୟ।

# ଆନ୍ଦୋଳନ ପାଇଁ ନୂତନ ପେନସନ୍‌ଭୁକ୍ତ କର୍ମଚାରୀ ସଂଘର ବୈଠକ

**ଗଣିଆ,୩୧।୧୦(ଡି.ଏନ.ଏ.)**

ପୁରାତନ ପେନସନ୍ ଦାବି ନେଇ ଗଣିଆ ବ୍ଲକରେ କାର୍ଯ୍ୟରତ ସମସ୍ତ ବିଭାଗର ନୂତନ ପେନସନଭୁକ୍ତ କର୍ମଚାରୀ ଆନ୍ଦୋଳନ ପାଇଁ ଅଣ୍ଟା ଭିଡିଛନ୍ତି । ଏଥିନେଇ ବୁଧବାର ବେଲପଡା ସରକାରୀ ମଧ୍ୟଇଂରାଜୀ ବିଦ୍ୟାଳୟ ପରିସରରେ ଏକ ଜରୁରିକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ସୁରେଶ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବ୍ଲକର ନୂତନ ପେନସନଭୁକ୍ତ ବିଭିନ୍ନ ବିଭାଗର ବହୁ କର୍ମଚାରୀ ଯୋଗଦେଇଥିଲେ । ଦେଶରେ ଗତ ୨୦୦୫ ମସିହାରୁ ଲାଗୁ ହୋଇଥିବା ନୂତନ ପେନସନ ବ୍ୟବସ୍ଥାକୁ ବିରୋଧ କରି ନଭେମ୍ବର ୨୬ ତାରିଖରେ ଦେଶବ୍ୟାପୀ ଆନ୍ଦୋଳନ ହେବ । ଏହି ନୂତନ ବ୍ୟବସ୍ଥା ଅନୁଯାୟୀ ନୂତନ ପେନସନଭୁକ୍ତ କର୍ମଚାରୀଙ୍କ ଦରମାରୁ କଟୁଥିବା ଅର୍ଥ କେଉଁଠି କିଭଳି ଅବସ୍ଥାରେ ରହୁଛି ଏବଂ ଏହି ଅର୍ଥ ଭବିଷ୍ୟତରେ ସେମାନେ ପାଇବେ କି ନାହିଁ ତାହା ସମ୍ପର୍କରେ ଜାଣିପାରୁନଥିବା ଅଭିଯୋଗ ହେଉଛି । ଫଳରେ ନୂତନ ପେନସନ ଯୋଜନାର ରୂପରେଖ ନେଇ ନୂତନ ପେନସନଭୁକ୍ତ କର୍ମଚାରୀଙ୍କ ଭବିଷ୍ୟତ ଅନିଶ୍ଚିତତା ମଧ୍ୟରେ ଥିବା ସ୍ପଷ୍ଟ ବାରିହୋଇପଡୁଛି । ଏଥିନେଇ ଆସନ୍ତା ୨୬ରେ ଦିଲ୍ଲୀର ଯନ୍ତରମନ୍ତରଠାରେ ହେବାକୁ ଥିବା ଦେଶବ୍ୟାପୀ ଆନ୍ଦୋଳନରେ ଯୋଗଦେବା ପାଇଁ ବୈଠକରେ ଆଲୋଚନା ହୋଇଥିଲା । ଏହାକୁ ସମର୍ଥନ କରି ଗଣିଆ ବ୍ଲକ ନୂତନ ପେନସନଭୁକ୍ତ କର୍ମଚାରୀ ସଂଘ ତରଫରୁ ଏକ କମିଟି ଗଠନ କରାଯାଇ ଆଗାମୀ ଦିନରେ କାର୍ଯ୍ୟଧାରା ନିର୍ଦ୍ଧାରଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଏହି ବୈଠକରେ ଜିଲା ପ୍ରାଥମିକ ଶିକ୍ଷକ ସଂଘର ସଭାପତି ବିଭୁପ୍ରସାଦ ସାହୁ ଓ ବରିଷ୍ଠ ଶିକ୍ଷକ ପ୍ରସନ୍ନ କୁମାର ଜେନା ଯୋଗଦେଇଥିଲେ ।



ବୈଠକରେ ଉପସ୍ଥିତ ନୂତନ ପେନସନଭୁକ୍ତ କର୍ମଚାରୀମାନେ।

## ଦଶପଲ୍ଲା ବାର୍ ଆସୋସିଏଶନ୍ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ

**ଦଶପଲ୍ଲା,୩୧।୧୦(ଡି.ଏନ.ଏ.)**

ରାଜ୍ୟ ତମାମ୍ ଚାଲୁ ରହିଥିବା ଓକିଲଙ୍କ ଆନ୍ଦୋଳନ ପରିପ୍ରେକ୍ଷୀରେ ବୁଧବାର ଦଶପଲ୍ଲା ବାର୍ ଆସୋସିଏଶନ୍ ପକ୍ଷରୁ ଦଶପଲ୍ଲା ଜୁଡିସିଆଲ୍ କୋର୍ଟ ପରିସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ଓକିଲ ମାନଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲୁରହିଥିବା ବେଳେ ବୁଧବାର ଦଶପଲ୍ଲା ବାର୍ ଆସୋସିଏଶନର ସଭାପତି ଶରତ ଚନ୍ଦ୍ର ବେହେରା କହିଥିଲେ ଓକିଲଙ୍କୁ ମାଡ ମାରିଥିବା ପୋଲିସକୁ ୨ ମାସ ବିତିଯାଇଥିଲେ ବି ଗିରଫ କରାଯାଉ ନାହିଁ। ଫଳରେ ବିଚାର ବିଭାଗ ସମ୍ପୂର୍ଣ୍ଣ ଅଚଳ ହୋଇ ଯାଇଥିବା ବେଳେ ସରକାର ଓ ମୁଖ୍ୟମନ୍ତ୍ରୀ ସ୍ଥାଣୁ ପାଲଟି ଯାଇଛନ୍ତି। ଏହାପରେ ମୁଖ୍ୟମନ୍ତ୍ରୀଙ୍କ କୁଶ ପୁତ୍ତଳିକାରେ ଅଗ୍ନି ସଂଯୋଗ କରାଯାଇ ବିଭିନ୍ନ ସରକାରୀ ବିରୋଧୀ ସ୍ଲୋଗାନମାନ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବାର୍ ଆସୋସିଏସନର ବରିଷ୍ଠ ସଦସ୍ୟ ଗୌରଚନ୍ଦ୍ର ମିଶ୍ର ଓ ସମ୍ପାଦକ କେଶବ ଚନ୍ଦ୍ର ମିଶ୍ର ପ୍ରମୁଖ ନେତୃତ୍ୱ ନେଇଥିଲେ।

# ଭାଜପା ପକ୍ଷରୁ ଦଶପଲ୍ଲା ବ୍ଲକ ଘେରାଉ

**ଦଶପଲ୍ଲା,୩୧।୧୦(ଡ.ଏନ.ଏ.)**

ଭାରତୀୟ ଜନତା ପାର୍ଟି(ଭାଜପା) ପକ୍ଷରୁ ବୁଧବାର ଦଶପଲ୍ଲା ବ୍ଲକ ଘେରାଉ କରାଯାଇଛି। ଭାଜପା ପକ୍ଷରୁ ପ୍ରଥମେ ଏକ ବାଇକ ଶୋଭାଯାତ୍ରା ସହର ପରିକ୍ରମା କରିବା ପରେ ସ୍ଥାନୀୟ ମହାବୀର ମନ୍ଦିର ପରିସରରୁ ପଦଯାତ୍ରା ବାହାରି ବ୍ଲକ ସମ୍ମୁଖରେ ପହଁଚିଥିଲା। ବିଜେଡି ସରକାରରେ ହେଉଥିବା ଦୁର୍ନିତି ଓ ଭ୍ରଷ୍ଟାଚାର ସମ୍ପର୍କରେ ଆଲୋକପାତ କରିବା ସହ ମୋଦି ସରକାରଙ୍କ ୪ବର୍ଷର ଶାସନକାଳ ମଧ୍ୟରେ ହୋଇଥିବା ବିଭିନ୍ନ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ସମ୍ପର୍କରେ ଜନ ସଚେତନ କରିଥିଲେ। ରାଜ୍ୟରେ କାର୍ଯ୍ୟକାରୀ ହୋଇଥିବା ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାରେ ହେଉଥିବା ବ୍ୟାପକ ଦୁର୍ନିତିର ସିବିଆଇ ତଦନ୍ତ ପାଇଁ ଦଳ ପକ୍ଷରୁ ଦାବି କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କୃଷକମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁକାନ୍ତ ପାଣିଗ୍ରାହୀଙ୍କ ସମେତ ରାଜ୍ୟ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର, ରାଘବ ମଲିକ, ମନୋଜ ବେହେରା, ଜିଲା ସଭାପତି ସନ୍ୟାସୀ ନାୟକ, ଉପସଭାପତି ଅଞ୍ଜନ ଦାଶ ପ୍ରମୁଖ ଉପସ୍ଥିତଥିଲେ।




ଶୋଭାଯାତ୍ରାରେ ଭାଜପା ନେତୃବୃନ୍ଦ ଓ କର୍ମୀ।

## ପୂର୍ବ ଶତ୍ରୁତାରୁ ଆକ୍ରମଣ
# ବାପାପୁଅଙ୍କ ବିରୋଧରେ ମାମଲା

**ଓଡ଼ଗାଁ,୩୧।୧୦(ସ୍ୱ.ପ୍ର.)**

ସାମାନ୍ୟ ବଚସା କିମ୍ବା ପୂର୍ବ ଶତ୍ରୁତାକୁ ନେଇ ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ପାଇକସାହିରେ ଜଣେ ଅନ୍ୟ ଜଣଙ୍କୁ ଆକ୍ରମଣ କରି ଗୋଟିଏ ଆଖି ନଷ୍ଟ କରିଦେଇଥିବା ଅଭିଯୋଗ ହୋଇଛି। ପୋଲିସ ଅଭିଯୁକ୍ତ ବାପପୁଅଙ୍କ ନାଁରେ ଏ ନେଇ ଏକ ମାମଲା ରୁଜୁ କରିଛି। ସୂଚନା ଅନୁସାରେ, ୧୮ ତାରିଖ ରାତି ପ୍ରାୟ ୧୧ଟାରେ ସ୍ଥାନୀୟ ବଜାର ସାହିରେ ପାଇକସାହିର ଚୁକୁନା ଦାସଙ୍କୁ ଉକ୍ତ ସାହିର ମାନସ(୨୨) ଓ ତାଙ୍କ ବାପା ଧନୁ ପ୍ରଧାନ(୪୮) ମାରିବା ପାଇଁ ଗୋଡାଇଥିଲେ। ମାନସ ଗୋଡ଼ାଇ ଗୋଡ଼ାଇ ରାସ୍ତାରେ ପଡିଥିବା ଏକ ନଡ଼ିଆ ବାହୁଙ୍ଗାରେ ଚୁକୁନାଙ୍କ ବାମଆଖିକୁ ଆକ୍ରମଣ କରିବା ଫଳରେ ଚୁକୁନା ଗୁରୁତର ହୋଇଥିଲେ। ତାଙ୍କୁ ପରିବାର ଲୋକେ ପ୍ରଥମେ ସ୍ଥାନୀୟ ଡାକ୍ତରଖାନା, ନୟାଗଡ ଓ ପରେ କଟକରେ ଗୁରୁତର ଅବସ୍ଥାରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ। ହେଲେ ମାନସଙ୍କ ଆକ୍ରମଣରେ ବାମ ଆଖିଟି ନଷ୍ଟ ହୋଇଯାଇଥିବା ଚୁକୁନାଙ୍କ ସ୍ତ୍ରୀ ପ୍ରତିମା ଦାସ(୪୦) ସ୍ଥାନୀୟ ଥାନାରେ ମଙ୍ଗଳବାର ଲିଖିତ ଅଭିଯୋଗ କରିଥିଲେ । ପୋଲିସ ଉଭୟ ବାପ ପୁଅଙ୍କ ବିରୋଧରେ ୨୧୨।୧୮ରେ ଏକ ମାମଲା ରୁଜୁ କରିଛି । ହେଲେ ସେମାନେ ଫେରାର୍ ଥିବା ଥାନା ଅଧିକାରୀ ବୈଦ୍ୟନାରାୟଣ ଭୋଇ ସୂଚନା ଦେଇଛନ୍ତି।

## ହାଇକୋର୍ଟ ଓକିଲଙ୍କ ମାଡ଼ ଘଟଣାକୁ ନିନ୍ଦା

**ନୟାଗଡ଼ ଅଫିସ,୩୧।୧୦**

କଟକ ହାଇକୋର୍ଟ ବାର୍ ଆସୋସିଏଶନର ଓକିଲ ଦେବୀ ପ୍ରସାଦ ପଟ୍ଟନାୟକଙ୍କୁ ପୋଲିସ ମାଡ଼ ଘଟଣାକୁ ଜିଲା ବାର୍ ଆସୋସିଏଶନ ତରଫରୁ ନିନ୍ଦା କରାଯାଇଛି। ଜିଲା ବାର୍ ଆସୋସିଏଶନର ସମ୍ପାଦକ କାଳୁଚରଣ ସ୍ୱାଇଁ ଏ ନେଇ ଏକ ପ୍ରେସବିବୃତି ମାଧ୍ୟମରେ ଜଣାଇଛନ୍ତି। ବୁଧବାର ବାର୍ ଆସୋସିଏଶନର ଏକ ବୈଠକ କରାଯାଇ ଘଟଣାକୁ ସଂଘର ସଦସ୍ୟମାନେ ନିନ୍ଦା କରିଥିବା ସ୍ୱାଇଁ ସୂଚନା ଦେଇଛନ୍ତି।

# ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ପକ୍ଷରୁ ଦୁର୍ନୀତି ନିବାରଣ ସପ୍ତାହ

**ଦଶପଲ୍ଲା,୩୧।୧୦ (ଡି.ଏନ.ଏ.)**

ଓଡିଶା ଗ୍ରାମ୍ୟ ବ୍ୟାଙ୍କ ମଧ୍ୟଖଣ୍ଡ ଶାଖା ପକ୍ଷରୁ ସ୍ଥାନୀୟ ବାଘୁଆପଶି ଠାରେ ଦୁର୍ନିତି ନିବାରଣ ସପ୍ତାହ ପାଳିତ ହୋଇଯାଇଛି। ବିଭିନ୍ନ ସ୍ୱୟଂସହାୟିକା ଗୋଷ୍ଠି ଓ ଜନସାଧାରଣଙ୍କୁ ନେଇ ଏହି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ଦେବରାଜ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଶାଖା ପ୍ରବନ୍ଧକ ଶରତ ଚନ୍ଦ୍ର ସାହୁ, ବିସି ସୁକାନ୍ତ କୁମାର ସାହୁ, ବ୍ୟାଙ୍କମିତ୍ର ନମିତା ବେହେରା ପ୍ରମୁଖ ଯୋଗଂଦେଇଥିଲେ। ଲାଞ୍ଚ ଦେବା ଓ ନେବା ହେଉଛି ଜଘନ୍ୟ ଅପରାଧ। ଜନସାଧାରଣ ସରକାରଙ୍କ ବିଭିନ୍ନ ଯୋଜନାର ଉପଯୋଗ କରିବା ଆବଶ୍ୟକ। କୌଣସି ବ୍ୟକ୍ତିଙ୍କ ପ୍ରରୋଚନାରେ ପରିଚାଳିତ ହୋଇ କାହାରିକୁ ଲାଞ୍ଚ ଦେବାନାହିଁ କିମ୍ବା ନେବାନାହିଁ। ଏଭଳି ଲକ୍ଷ୍ୟ ନେଇ କେନ୍ଦ୍ରସରକାରଙ୍କ ପକ୍ଷରୁ ଗତ ୨୯ ତାରିଖ ଠାରୁ ଦୁର୍ନୀତି ନିବାରଣ ସପ୍ତାହ ପାଳନ ହେଉଥିବା ବେଳେ ବୁଧବାର

# ଅପରାଧ ନିୟନ୍ତ୍ରଣ କମିଟି ଗଠନ ଉପରେ ଗୁରୁତ୍ୱ

**ଓଡ଼ଗାଁ,୩୧।୧୦(ସ୍ୱ.ପ୍ର.)**

**ମୋ ପୋଲିସ କାର୍ଯ୍ୟକ୍ରମ**

ନୟାଗଡ଼ ଜିଲା ନୂଆଗାଁ ବ୍ଲକସ୍ଥ ବାହାଡ଼ାଝୋଲା ଫାଣ୍ଡିର କାପ୍ତାପଲ୍ଲୀରେ ବୁଧବାର ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । କାପ୍ତାପଲ୍ଲୀ ସରପଞ୍ଚ ସୁଶ୍ରୀମୟୀ ସାମନ୍ତରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଅତିରିକ୍ତ ପୋଲିସ ଆରକ୍ଷୀ ଅଧୀକ୍ଷକ ଦିଲୀପ କୁମାର ସାହାଣୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଥାନା ଆଇଆଇସି ବୈଦ୍ୟ ନାରାୟଣ ଭୋଇ, ସହକାରୀ ଆରକ୍ଷୀ ନିରୀକ୍ଷକ ବଂଶୀଧର ବିଶ୍ୱାଳ, ବାହାଡ଼ାଝୋଲା ଫାଣ୍ଡି ଅଧିକାରୀ ଶରତ କୁମାର ବେହେରା, ନାଏବ ସରପଞ୍ଚ ସୋମନାଥ ଜାନୀ ଏବଂ ସମିତି ସଭ୍ୟ ବିଭୂତି ଭୂଷଣ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଆରକ୍ଷୀ ଅଧିକାରୀମାନେ କେତେକ ଗାଁ'କୁ ନେଇ ଗ୍ରାମାଞ୍ଚଳରେ ଅପରାଧ ନିୟନ୍ତ୍ରଣ କମିଟି ଗଠନ ଉପରେ ଗୁରୁତ୍ୱ ଦେଇଥିଲେ। ଥାନାକୁ ନ ଜଣାଇ ବିଭିନ୍ନ ମାମଲାରେ ଖାପ ପଞ୍ଚାୟତ ବା ଅସାମ୍ବିଧାନିକ ଭାବେ ଗଠିତ ଗ୍ରାମ୍ୟ କମିଟି ସଭାପତିଙ୍କ ଦ୍ୱାରା ଲୋକଙ୍କୁ ଦଣ୍ଡିତ ବା ଜୋରିମାନା କରିବା ଏକ ଅପରାଧ ବୋଲି ପୋଲିସ ଅଧିକାରୀମାନେ ସୂଚନା ଦେଇଥିଲେ । ସେହିପରି ଅଜଣା ଫୋନ କଲ୍ ଓ ଲୁଟ୍ ପ୍ରତି ସାବଧାନ ରହିବାକୁ ବୈଠକରେ ସତର୍କ କରାଯାଇଥିଲା। ବାହାଡ଼ାଝୋଲା ଫାଣ୍ଡିରେ ଆବଶ୍ୟକ ପୋଲିସ କର୍ମଚାରୀ ମୁତୟନ କରିବା ସହିତ ପାଟ୍ରୋଲିଂ ବ୍ୟବସ୍ଥାକୁ ଅଧିକ କଡାକଡି କରିବାକୁ ଲୋକେ ଦାବି କରିଥିଲେ । ଏନେଇ ଆରକ୍ଷୀ ଅଧୀକ୍ଷକଙ୍କ ଦୃଷ୍ଟିଗୋଚର ସହ ଆବଶ୍ୟକ ପଦକ୍ଷେପ ନେବାକୁ ମୁଖ୍ୟଅତିଥି ପ୍ରତିଶ୍ରୁତି ଦେଇଥିଲେ ।




କାର୍ଯ୍ୟକ୍ରମରେ ଉପସ୍ଥିତ ପୋଲିସ ଅଧିକାରୀ ଓ ଅନ୍ୟମାନେ।

# ପାରାଢ଼ିପି ପଞ୍ଚାୟତରେ ଆକ୍ସନ୍ ପ୍ଲାନରେ ଚଞ୍ଚକତା

**ନୂଆଗାଁ,୩୧।୧୦ (ଡି.ଏନ.ଏ.)**

ନୟାଗଡ ଜିଲା ନୂଆଗାଁ ବ୍ଲକ ପାରାଢ଼ିପି ପଞ୍ଚାୟତରେ ଆକ୍ସନ ପ୍ଲାନ ପ୍ରସ୍ତୁତିରେ ଚଞ୍ଚକତା କରାଯାଇଛି। ଏନେଇ ବୁଧବାର ମସ୍କାବାରୀ ଗ୍ରାମବାସୀ ନୂଆଗାଁ ବିଡିଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ପାରାଢ଼ିପି ପଞ୍ଚାୟତରେ ୨୦୧୮-୧୯ ମସିହା ପାଇଁ ପ୍ରସ୍ତୁତ ଆକ୍ସନ ପ୍ଲାନ ସରପଞ୍ଚ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ହାତ କରି ମନଇଚ୍ଛା ପ୍ରସ୍ତୁତ କରିଛନ୍ତି। ପୁନର୍ବାର ଆକ୍ସନ ପ୍ଲାନ ପ୍ରସ୍ତୁତ କରାଯିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ପ୍ରକାଶ ଯେ, ପାରାଢ଼ିପି ପଞ୍ଚାୟତର ୧୫ ୱାର୍ଡ ମଧ୍ୟରୁ ୧୩ ୱାର୍ଡରେ ସଭ୍ୟ ନିର୍ବାଚିତ ହୋଇଥିବା ବେଳେ ୨ ଗୋଟି ୱାର୍ଡ ପଦବୀ ଖାଲି ରହିଛି । ୱାର୍ଡ ସମସ୍ୟାର ସମାଧାନ, ଉନ୍ନତିମୂଳକ କାର୍ଯ୍ୟ କରିବା ପାଇଁ ପଲ୍ଲିସଭା କରି ସେଥିରେ ସମସ୍ତ ସମସ୍ୟା ଉପସ୍ଥାପନା କରାଯାଇ ରିଜୋଲ୍ୟଶନ ପ୍ରସ୍ତୁତ କରାଯାଏ । ସେହି ପଲ୍ଲିସଭାର ରିଜୋଲ୍ୟଶନକୁ ନେଇ ସରପଞ୍ଚ, ନାଏବ ସରପଞ୍ଚ, ସମସ୍ତ ୱାର୍ଡ ମେମ୍ବର, ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ସମସ୍ତ ସଦସ୍ୟମାନଙ୍କ ସହ ଆଲୋଚନା ମାଧ୍ୟମରେ କେଉଁ କାମ କରାଯିବ ଆଉ କେଉଁ କାମ ପରେ କରାଯିବ ତାହା ନିଷ୍ପତ୍ତି ନିଆଯାଇଥାଏ । ନିଷ୍ପତ୍ତି ପରେ ୱାର୍ଡଗୁଡିକର ସମସ୍ୟା ସୁଧାରିବା ପାଇଁ କେଉଁ କାମ ପାଇଁ କେତେ ଅନୁଦାନର ଆବଶ୍ୟକ ତାହା ସ୍ଥିର କରାଯାଇଥାଏ। କିନ୍ତୁ ପାରାଢ଼ିପି ସରପଞ୍ଚ ଓ ନିର୍ବାହୀ ଅଧିକାରୀ ତାହା କରୁ ନ ଥିବା ନେଇ ଅନେକ ଗ୍ରାମର ଲୋକେ ଅସନ୍ତୁଷ୍ଟ ହୋଇ ବିଡିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି । କିଛି ଗ୍ରାମର ସମସ୍ୟା ଥିବା ନେଇ ପଲ୍ଲିସଭାରେ କୁହାଯାଇଥିଲେ ମଧ୍ୟ ଆକ୍ସନ ପ୍ଲାନରେ ତାହାକୁ ସ୍ଥାନିତ କରାଯାଇନାହିଁ । ଏ ନେଇ ଅସନ୍ତୁଷ୍ଟ କିଛି ୱାର୍ଡ ସଭ୍ୟ ଗତ ସୋମବାର ପଞ୍ଚାୟତରେ ହୋଇଥିବା ବୈଠକରେ ଉକ୍ତ ସମସ୍ୟା ଉପସ୍ଥାପନ କରିଥିଲେ। ଏପରି ସମସ୍ୟା ନେଇ ଗ୍ରାମବାସୀ ଖବରଦାତାଙ୍କ ସାହାଯ୍ୟ ଲୋଡିଥିଲେ। ବୈଠକ ଚାଲିଥିବା ସମୟରେ ଖବରଦାତାଙ୍କ ଉପସ୍ଥିତିରେ ୱାର୍ଡ ସଭ୍ୟ ସରପଞ୍ଚଙ୍କୁ ଆକ୍ସନ ପ୍ଲାନରେ ନିଜ ୱାର୍ଡକୁ କୌଣସି ଅନୁଦାନ ଦେବା ପାଇଁ ନାମ ନ ଥିବା ବିଷୟରେ ପଚାରିଥିଲେ। ସରପଞ୍ଚ ଆକ୍ସନ ପ୍ଲାନ ପ୍ରସ୍ତୁତ କରାଯାଇ ନଥିବା କଥା କହିବା ପରେ ୱାର୍ଡ ସଭ୍ୟ ପ୍ରସ୍ତୁତ ହୋଇଥିବା ଆକ୍ସନ ପ୍ଲାନକୁ ସମସ୍ତଙ୍କ ଉପସ୍ଥିତିରେ ଉପସ୍ଥାପନ କରିଥିଲେ। ଖବରଦାତାଙ୍କ ଉପସ୍ଥିତିକୁ ନେଇ ସରପଞ୍ଚ ଅଡୁଆରେ ପଡିଯିବାରୁ ତାଙ୍କୁ ବାହାରି ଯିବା ଉଦ୍ଦେଶ୍ୟରେ କହିଥିଲେ । ୱାର୍ଡ ସଭ୍ୟମାନେ ହୋହଲ୍ଲା କରିବାରୁ ସରପଞ୍ଚ ଓ ନିର୍ବାହୀ ଅଧିକାରୀ ପରସ୍ପର ଉପରେ ଦୋଷ ଲଦିଥିଲେ । ସରପଞ୍ଚ ଲୋକମାନଙ୍କୁ ସହଯୋଗ କରୁ ନ ଥିବା ମସ୍କାବାରୀ ଗ୍ରାମବାସୀ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ନୂଆଗାଁ ବିଡିଓ ଶିରିୟାଲ ଏସ. ପଟେଲଙ୍କୁ ପଚାରିବାରେ ସେ କୁହନ୍ତି ଅଭିଯୋଗ ମିଳିଛି। ତଦନ୍ତ ପରେ ସତ୍ୟାସତ୍ୟ ଜଣାପଡିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।



ପଞ୍ଚାୟତ କାର୍ଯ୍ୟାଳୟରେ ବସିଥିବା ବୈଠକ।

## ସଂକ୍ଷେପରେ

### ପରଳ ରୋଗ ସମ୍ପର୍କିତ କର୍ମଶାଳା

**ବ୍ରହ୍ମପୁର ଅଫିସ,୩୧।୧୦:** ରୁବି ଆଇ ଫାଉଣ୍ଡେଶନ୍ ଏବଂ ରିସର୍ଚ୍ଚ ସେଣ୍ଟର ବ୍ରହ୍ମପୁର ତରଫରୁ ଭୁବନେଶ୍ୱରସ୍ଥିତ ଏକ ହୋଟେଲ୍‌ରେ ଗତ ରବିବାର ପରଳ ରୋଗୀଙ୍କ ଅସ୍ତ୍ରୋପଚାର ସମ୍ପର୍କିତ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। ଏହି ଚିକିତ୍ସା ପଦ୍ଧତି ୟୁରୋପିଆନ୍ ଓ ଏସିଆନ୍ ଦେଶ ସମୂହରେ ବ୍ୟାପକ ଭାବରେ ପ୍ରଚଳିତ। ସେଣ୍ଟର୍ ପ୍ରତିଷ୍ଠାତା ପ୍ରଫେସର ବି.ନାଗେଶ୍ୱର ରାଓ ସୁବୁଦ୍ଧିଙ୍କ ତତ୍ତ୍ୱାବଧାନରେ ଏହି କର୍ମଶାଳା ଆୟୋଜିତ ହୋଇଥିଲା । ବିଶିଷ୍ଟ ଚକ୍ଷୁ ବିଶେଷଜ୍ଞ ଡା. ସୌରେନ ଦାସ ଏବଂ ଡା. ମଧୁ ଉଦ୍‌ରାଜୁ ଯୋଗଦେଇଥିଲେ। ଅସ୍ତ୍ରୋପଚାର ମାଧ୍ୟମରେ ପରଳ ଜନିତ ଦୃଷ୍ଟିଶକ୍ତି ହ୍ରାସକୁ ନିୟନ୍ତ୍ରିତ କରାଇ ଦୃଷ୍ଟିଶକ୍ତି ଫେରାଇ ଆଣିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥାଏ ବୋଲି ଆଲୋଚନା ହୋଇଥିଲା । ୪୦ରୁ ଅଧିକ ବ୍ୟକ୍ତି କର୍ମଶାଳାରେ ନିଜର ମତ ରଖିଥିଲେ ।

### ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ୍‌ଙ୍କୁ ଶ୍ରଦ୍ଧାଞ୍ଜଳି

**ବ୍ରହ୍ମପୁର ଅଫିସ,୩୧।୧୦:** ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ୍‌ଙ୍କୁ ବିଶ୍ୱ ହିନ୍ଦୁ ପରିଷଦର ଗଂଜାମ ଜିଲା ଶାଖା ତରଫରୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି । ଜିଲା ସଭାପତି ଇଂ. ଅଶୋକ କୁମାର ପାଳଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା । ପଟେଲ୍‌ଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ସଭା ଆରମ୍ଭ ହୋଇଥିଲା । ଦେଶ ସ୍ୱାଧୀନ ପରେ ୫୬୦ ଦେଶୀୟ ରାଜ୍ୟଗୁଡ଼ିକୁ ଏକତ୍ରିତ କରିବାରେ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା । ତାଙ୍କ ନିର୍ଭିକ ପଦକ୍ଷେପ ଯୋଗୁ ସେ ଲୌହମାନବ ଭାବରେ ବିଶ୍ୱ ବିଖ୍ୟାତ ବୋଲି ବକ୍ତାମାନେ କହିଥିଲେ । ବିଭାଗ ସଂପାଦକ ରମାକାନ୍ତ ରଥ, ଜିଲା କାର୍ଯ୍ୟକାରୀ ସଭାପତି ଭବାନୀ ଶଙ୍କର ଦାଶ, ଜିଲା ସଂଯୋଜକ ଅରୁଣ ପ୍ରସାଦ ପାଢ଼ୀ, ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର ସମସ୍ତ କାର୍ଯ୍ୟକର୍ତ୍ତାମାନେ ଯୋଗଦେଇଥିଲେ । ଶେଷରେ ଶାନ୍ତିପାଠ କରାଯାଇଥିଲା ।

### ତୁମୁଡିବନ୍ଧରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

**ତୁମୁଡିବନ୍ଧ,୩୧।୧୦(ଡି.ଏନ୍.ଏ.):** ତୁମୁଡିବନ୍ଧ ବ୍ଲକ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ପ୍ରମୋଦ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ପଦଯାତ୍ରାରେ ବିଜେଡି ଜିଲା ସଭାପତି ସରୋଜ କର୍ନ, କନ୍ଧମାଳ ସହ ପର୍ଯ୍ୟବେକ୍ଷକ ବିକ୍ରମ ପଣ୍ଡା, ବାଲିଗୁଡା ବିଧାୟକ ରାଜୀବ ପାତ୍ର, ବ୍ଲକ ଅଧକ୍ଷ ପ୍ରକାଶ ପାତ୍ର, ସାଂସଦ ପ୍ରତିନିଧି ଶ୍ୟାମସୁନ୍ଦର ବଡସେଠ, ପଞ୍ଚାୟତ ସଭାପତି ଜିସାୟା ମଣ୍ଡଳ, କୁନା ଦଣ୍ଡସେନା, ରବି ପାଢୀ, ସରପଞ୍ଚ ମୟନ୍ତୀ ପାଟ୍ଟମାଝୀ, ଅମୀୟ କୁମାର ପରାସେଠ, ବଙ୍ଗାଲି ବଡସେଠ, ଗଙ୍ଗା ମିଶ୍ର, ଜିଲା ପରିଷଦ ସଭ୍ୟା ବାସନ୍ତୀ ପାତ୍ର ପ୍ରମୁଖ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ଓ ସଫଳତା ନେଇ ଲୋକଙ୍କୁ ସଚେତନ କରାଇଥିଲେ। ବ୍ଲକର ୧୧ଟି ପଞ୍ଚାୟତର ଶତାଧିକ କର୍ମୀ ବସ୍‌ଷ୍ଟାଣ୍ଡରୁ ଶୋଭାଯାତ୍ରାରେ ଯାଇ ମୁଖ୍ୟବଜାରରେ ସଭା କରିଥିଲେ।

■ ସେଲ୍ଟର ହୋମ୍‌ରେ ନାବାଳକଙ୍କ ଆତ୍ମହତ୍ୟା ଘଟଣା

# ତଦନ୍ତ ନିର୍ଦ୍ଦେଶ ଦେଲେ ଜିଲାପାଳ

**ବ୍ରହ୍ମପୁର ଅଫିସ୍,୩୧।୧୦**

ବ୍ରହ୍ମପୁର ଜ୍ୟୋତିନଗରସ୍ଥିତ ଚାଇଲ୍ଡ୍ ସେଲଟର ହୋମରେ ସେପ୍ଟେମ୍ବର ୧୬ ତାରିଖରେ ଅନାଥ ନାବାଳକଙ୍କ ଆତ୍ମହତ୍ୟା ଘଟଣାରେ ବୁଧବାର ବିଧିବଦ୍ଧ ତଦନ୍ତ କରି ରିପୋର୍ଟ ଦାଖଲ କରିବା ପାଇଁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଶିଶୁ ମଙ୍ଗଳ ବିଭାଗକୁ ନିର୍ଦ୍ଦେଶ ଦେଇଥିବା ଜଣାଇଛନ୍ତି । ପୁଙ୍ଖାନୁପୁଙ୍ଖ ତଦନ୍ତ ପରେ କାର୍ଯ୍ୟରେ ଖିଲାପକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।

ପ୍ରକାଶଥାଉକି, ସାନଖେମୁଣ୍ଡି ବ୍ଲକ ଡେଙ୍ଗାଡି ଗ୍ରାମର ଜଣେ ମା' ବାପା ଛେଉଣ୍ଡ ୧୩ ବର୍ଷର ନାବାଳକ ନିଜର ସାନ ଦୁଇ ଭାଇ ଓ ଭଉଣୀଙ୍କୁ ପାଠ ପଢାଇବା ଏବଂ ତାଙ୍କର ଖର୍ଚ୍ଚ ଉଠାଇବାକୁ ରୋଜଗାର କରିବା ପାଇଁ ସେପ୍ଟେମ୍ବର ୧୫ରେ ବ୍ରହ୍ମପୁର ଚାଲି ଆସିଥିଲେ । କାର୍ଯ୍ୟ ଅନୁସନ୍ଧାନରେ ବ୍ରହ୍ମପୁର ରେଳ ଷ୍ଟେସନରେ ଏଣେତେଣେ ବୁଲୁଥିବା ସମୟରେ ସୋଚ୍ ନାମକ ଏକ ଏନଜିଓ ସଂସ୍ଥା ମାଧ୍ୟମରେ ଉକ୍ତ ନାବାଳକ ଶିଶୁ ଜଣଙ୍କୁ ଉଦ୍ଧାର କରାଯାଇ ଶିଶୁ ମଙ୍ଗଳ ବିଭାଗଙ୍କୁ ହସ୍ତାନ୍ତର କରାଯାଇଥିଲା । ପରେ ଶିଶୁ ମଙ୍ଗଳ ବିଭାଗ ପକ୍ଷରୁ ଉପଯୁକ୍ତ କାଉନସିଲିଂ କରାଯାଇ ଚାଇଲ୍ଡ ଲାଇନକୁ ହସ୍ତାନ୍ତର କରିଦିଆଯାଇଥିଲା । ପରେ ଚାଇଲ୍ଡ୍ ଲାଇନ ପକ୍ଷରୁ ଓପନ ସେଲଟର ହୋମରେ ଉକ୍ତ ନାବାଳକଙ୍କ ସହ ଅନ୍ୟ ୫ ଜଣଙ୍କୁ ରଖାଯାଇଥିଲା । ମାନସିକ ଭାରସାମ୍ୟ ହରାଇ ନିଜେ ରହୁଥିବା ସେଲଟର ହୋମରେ ନାବାଳକ ଜଣକ ସେପ୍ଟେମ୍ବର ୧୬ ତାରିଖ ବିଳମ୍ବିତ ରାତିରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ।

■ ୟୁସିପିର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

# ସୁନୀତା, ଅଜିତ, ରୋହିତ ଚାମ୍ପିୟନ



ଅତିଥିମାନେ ପୁରସ୍କାର ପ୍ରଦାନ କରୁଛନ୍ତି ।

**ବ୍ରହ୍ମପୁର ଅଫିସ,୩୧।୧୦**

ବ୍ରହ୍ମପୁର ଉମାଚରଣ ପଟ୍ଟନାୟକ ଇଞ୍ଜିନିୟରିଂ ସ୍କୁଲର ୫୬ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ପାରଳା ମହାରାଜା ଇଞ୍ଜିନିୟରିଂ କଲେଜ ଅଧକ୍ଷ ପ୍ରଫେସର ରଞ୍ଜନ କୁମାର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ବ୍ରହ୍ମପୁର ସରକାରୀ ପଲିଟେକନିକ ଅଧକ୍ଷ ଜି.ସି.ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅନୁଷ୍ଠାନ ଅଧକ୍ଷ ଇଂ. ଏସ.ଏନ. ଧର ମଞ୍ଚାସୀନ ଥିଲେ। ଅନୁଷ୍ଠାନ କ୍ରୀଡା ପରିଷଦ ଉପସଭାପତି ଇ. ଏକ୍କା, ପିଟିଆଇ ଆଇ.ଏମ. ପ୍ରଧାନ, ଏସ୍. ଧଳ ପ୍ରମୁଖ କ୍ରୀଡା ପରିଚାଳନାରେ ସହଯୋଗ କରିଥିଲେ । ଉଦ୍‌ଯାପନୀ ଦିବସରରେ ପୁରୁଷ ବର୍ଗରେ ୧୪୦୦ ମିଟର, ୪୦୦ ମିଟର ଦୌଡ, ୧୦୦ ମିଟର ଦୌଡ ହୋପ ଷ୍ଟେପ ଜମ୍ପ ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିପରି ଉଭୟ ପୁରୁଷ ଓ ମହିଳା ବର୍ଗରେ ୪୦୦ ମିଟର ଦୌଡ,ଉଚ୍ଚଡିଆଁ, ୪୦୦ ମିଟର ରିଲେ ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ମହିଳା ବର୍ଗରେ ଅନୁଷ୍ଠିତ ପ୍ରତିଯୋଗିତାରେ ଲମ୍ଫଡିଆଁ, ଶଟପୁଟ ଥ୍ରୋ, ଡିସକସ୍ ଥ୍ରୋରେ ସୁନୀତା ଗଡସେରା ପ୍ରଥମ ହୋଇ ଚାମ୍ପିୟନ ହୋଇଛନ୍ତି । ପୁରୁଷ ବର୍ଗରେ ଶଟ୍‌ପୁଟ ଥ୍ରୋ, ଡିସକସ୍ ଥ୍ରୋ, ଜାଭେଲିନ ଥ୍ରୋରେ ପ୍ରଥମ ସ୍ଥାନ ଅଧିକାର କରି ଅଜିତ କୁମାର ପାଢୀ ଚାମ୍ପିୟନ ହୋଇଛନ୍ତି । ଶଟ୍‌ପୁଟ ଥ୍ରୋ, ଟ୍ରିପଲ ଜମ୍ପ, ଲମ୍ଫଡିଆଁରେ ପ୍ରଥମ ସ୍ଥାନ ଅଧିକାର କରି ରୋହିତ କୁମାର ସାହ ଚାମ୍ପିୟନ ହୋଇଛନ୍ତି । ଦୁଇଦିନ ଧରି ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ଅନୁଷ୍ଠାନର ୩୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ । ଆଇଟିଆଇର ପିଇଟି ନିର୍ମଳ ଚନ୍ଦ୍ର ଦାଶ, ଏସ୍‌ଏମ୍‌ଆଇଟି ପିଇଟି ପି.କେ. ପଟ୍ଟନାୟକ ପ୍ରମୁଖ ଦୁଇଦିନର କ୍ରୀଡାକୁ ପରିଚାଳନା କରିଥିଲେ । ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।

# ଶହୀଦ ପୋଲିସ, ଖବରଦାତାଙ୍କୁ ଶ୍ରଦ୍ଧାଞ୍ଜଳି

**ବ୍ରହ୍ମପୁର ଅଫିସ,୩୧।୧୦**

ଛତିଶଗଡ଼ ଦାନ୍ତେୱାଡ଼ାରେ ମଙ୍ଗଳବାର ମାଓବାଦୀଙ୍କ ଆକ୍ରମଣରେ ଦୂରଦର୍ଶନ କ୍ୟାମେରାମ୍ୟାନ୍ ଅଚ୍ୟୁତାନନ୍ଦ ସାହୁ, ପୋଲିସ କନ୍‌ଷ୍ଟେବଳ ମଙ୍ଗଳରାମ ଓ ଆସିଷ୍ଟାଣ୍ଟ ସବ୍‌ଇନ୍ସପେକ୍ଟର ରୁଦ୍ର ପ୍ରତାପ ସିଂ ଶହୀଦ ହୋଇଥିଲେ । ବୁଧବାର ବ୍ରହ୍ମପୁର ଗାନ୍ଧୀନଗର ଛକରେ ପୋଲିସ ଏବଂ ଖବରଦାତାଙ୍କ ତରଫରୁ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି। ଦକ୍ଷିଣାଞ୍ଚଳ ଡିଆଇଜି ଆଶିଷ କୁମାର ସିଂ ଯୋଗଦେଇ ମାଓବାଦୀଙ୍କ ଏହି ବର୍ବରକାଣ୍ଡକୁ ଦୃଢ଼ ନିନ୍ଦା କରିଥିଲେ। ଶହୀଦ୍ ପୋଲିସ କର୍ମଚାରୀ ଏବଂ ଖବରଦାତାଙ୍କ ସାହସକୁ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର, ଗଞ୍ଜାମ ଏସ୍‌ପି ବ୍ରିଜେଶ୍ ରାଏ, ଅତିରିକ୍ତ ଏସ୍‌ପି ପ୍ରଭାତ ରାଉତରାୟ, ସଦର ଏସ୍‌ଡିପିଓ ଅଶୋକ କୁମାର ମହାନ୍ତି, ଭିଜିଲାନ୍ସ ଅତିରିକ୍ତ ଏସ୍‌ପି ଶାନ୍ତନୁ କୁମାର ପାଢୀ, ବ୍ରହ୍ମପୁର ମହାନଗର ନିଗମ କମିଶନର୍ ଚକ୍ରବର୍ତ୍ତୀ ସିଂ ରାଠୋର୍, ବରିଷ୍ଠ ଖବରଦାତା ଜଗନମୋହନ ମହାପାତ୍ର ଏବଂ ଶିଶିର ପାଣିଗ୍ରାହୀ ପ୍ରମୁଖ ନିଜ ବକ୍ତବ୍ୟରେ ଘଟଣାକୁ ନିନ୍ଦା କରିବା ସହ ଶହୀଦ୍‌ଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ । ଶ୍ରଦ୍ଧାଞ୍ଜଳି ସଭାରେ ବହୁ ବରିଷ୍ଠ ପୋଲିସ ଅଧିକାରୀ ଏବଂ ଖବରଦାତା ଭାଗ ନେଇଥିଲେ ।




ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ବରିଷ୍ଠ ପୋଲିସ ଅଧିକାରୀ ଏବଂ ଖବରଦାତା ।

# ଦେଶୀ, ବିଦେଶୀ ମଦ ଜବତ : ୬ ଗିରଫ



ବେଆଇନ ଦେଶୀ ମଦ ପ୍ରସ୍ତୁତ ବେଳେ ପୋଲିସ ଚଢ଼ାଉ କରିଛି ।

**ଆସିକା,୩୧।୧୦(ଡି.ଏନ୍.ଏ.)**

ଆସିକା ଥାନା ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଚାଲିଥିବା ଚୋରା ମଦ କାରବାର ଉପରେ ପୋଲିସ ଚଢାଉ କରି ବିପୁଳ ପରିମାଣର ବିଦେଶୀ ଓ ଦେଶୀ ମଦ ଜବତ କରିବା ସହ ବହୁ ପରିମାଣର ପୋଚ ନଷ୍ଟ କରିଛି । ଏହି ଘଟଣାରେ ପୋଲିସ ପକ୍ଷରୁ ୬ଜଣଙ୍କୁ ଗିରଫ କରାଯାଇଛି । ମଙ୍ଗଳବାର ବିଳମ୍ବିତ ରାତିରେ ପୋଲିସ କିଶୋର ଚନ୍ଦ୍ରପଲ୍ଲୀ ଛକରେ ଥିବା ଏକ ପାନ ଦୋକାନ ଉପରେ ଚଢାଉ କରି ବହୁ ପରିମାଣର ବିଦେଶୀ ମଦ ସହ ୩ଟି ଫ୍ରିଜ ଜବତ କରିଥିଲା । ବିଭିନ୍ନ କିସମର ଜବତ ବିଦେଶୀ ମଦର ପରିମାଣ ୧୧୫ ଲିଟର ବୋଲି ପୋଲିସ ପକ୍ଷରୁ କୁହାଯାଇଛି । ଏହି ଘଟଣାରେ ମୁନା ବେହେରାଙ୍କୁ ଗିରଫ କରାଯିବା ସହ ଆସିକା ଥାନାରେ ନଂ. ୩୪୫/୧୮ରେ ଏକ ମାମଲା ରୁଜୁ କରାଯାଇଛି । ସେହିପରି ବୁଧବାର ଅପରାହ୍ନରେ ଆସିକା – ଭଂଜନଗର ମୁଖ୍ୟ ରାସ୍ତାର ବାଲିସିରା ଠାରେ ଚାଲିଥିବା ବେଆଇନ ମଦ ଭାଟି ଉପରେ ପୋଲିସ ଚଢାଉ କରି ୩ଶହ ଲିଟର ରନ୍ଧା ମଦ ଜବତ କରିଛି । ପ୍ରାୟ ୪ ହଜାର ଲିଟର ପୋଚ ନଷ୍ଟ କରିଛି । ଏହା ସହ ବହୁ ପରିମାଣର ମଦରନ୍ଧା ସରାମ ମଧ ଜବତ କରାଯାଇଛି । ଏହି ମାମଲାରେ ୫ଜଣ ଙ୍କୁ ଗିରଫ କରିଛି । ସେମାନେ ହେଲେ ଯୋଗୀ ନାଇକ, ତରୁଣ ପାତ୍ର, ରାଜୁ ନାଇକ, ପୃଥିବୀ ନାଇକ ଓ ବସନ୍ତ ସେଠୀ । ଘଟଣା ସମ୍ପର୍କରେ ଆସିକା ଥାନାରେ ୩୪୬/୧୮, ୩୪୭/୧୮, ୩୪୮/୧୮ ଓ ୩୪୯/୧୮ରେ ୪ଟି ପୃଥକ ପୃଥକ ମାମଲା ରୁଜୁ କାରଯାଇଥିବା ଥାନା ଅଧିକାରୀ ସନ୍ତୋଷ କୁମାର ଜେନା କହିଛନ୍ତି।

# ବସ୍ ସହ ଟ୍ରାକ୍ଟର ଧକ୍କା

**ଆର.ଉଦୟଗିରି, ୩୧।୧୦(ଡି.ଏନ.ଏ.)**

ସେରଙ୍ଗ ଥାନା ରେଗେଇଝୁଲି ଗ୍ରାମରେ ବସ ସହ ଟ୍ରାକ୍ଟର ଧକ୍କା ହୋଇଛି । ଏଥିରେ କୌଣସି ଯାତ୍ରୀ ଆହତ ହୋଇନାହାନ୍ତି।

ବୁଧବାର ସକାଳେ ମୋହନାରୁ ଶ୍ରୀ ସତ୍ୟ (ନଂ. କେଏ୦୭ଡି୯୭୪୭)ନାମକ ଏକ ଘରୋଇ ବସ ପାରଳାଖେମୁଣ୍ଡି ଯାଉଥିବା ସମୟରେ ରେଗେଇଝୁଲି ଗ୍ରାମ ବୁଲାଣିଠାରେ ଏକ ଟ୍ରାକ୍ଟର ଗ୍ରାମ ଭିତରୁ ମାଟି ଧରି ଆସୁଥିବା ବେଳେ ବସ ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଏଥିରେ ବସର ଆଗପଟ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ତେବେ ବସର କୌଣସି ଯାତ୍ରୀ ଆହତ ହୋଇନଥିବା ଜଣାପଡ଼ିଛି। ଖବର ପାଇ ଖଜୁରିପଦା ଫାଣ୍ଡି ଅଧିକାରୀ ପହଞ୍ଚି ଘଟଣାର ତଦନ୍ତ ଚଳାଇଛନ୍ତି।

# ମନ୍ଦାର ହାଇସ୍କୁଲରେ ମିଶିଲା ୟୁପି ସ୍କୁଲ

**ପୋଲସରା/ ହାତୀଓଟ,୩୧।୧୦(ଡି.ଏନ.ଏ.)**

ପୋଲସରା ବ୍ଲକ ମନ୍ଦାର ପଞ୍ଚାୟତ ମନ୍ଦାର ଗ୍ରାମର ମା' ଭରାଣ୍ଡି ଉଚ୍ଚ ବିଦ୍ୟାଳୟରେ ଗ୍ରାମରେ ପୂର୍ବରୁ ଥିବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମିଶ୍ରଣ ହୋଇଯାଇଛି। ଏ ନେଇ ପୋଲସରା ଗୋଷ୍ଠୀ ଶିକ୍ଷାଧିକାରୀ ଗଣଶିକ୍ଷା ବିଭାଗର ଚିଠି ନଂ. ୧୨୦୩/୨୮ ସେପ୍ଟେମ୍ବର ୨୦୧୮ରେ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। ନିର୍ଦ୍ଦେଶ ଅନୁସାରେ ୧୦ ଅକ୍ଟୋବର ୨୦୧୮ରେ କାର୍ଯ୍ୟକାରୀ କରାଯାଇଥିଲା। ଏହା ପରେ ସମ୍ପୃକ୍ତ ୟୁ.ପି. ସ୍କୁଲର ସମସ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ତଥା ଦସ୍ତାବିଜ ଓ ଆସବାବପତ୍ର, ସ୍କୁଲ ଘର ଓ ଏମ୍‌ଡିଏମ୍‌କୁ ମଧ ହସ୍ତାନ୍ତର କରାଯାଇଛି। ୟୁପି ସ୍କୁଲର ପ୍ରଧାନ ଶିକ୍ଷକ ଚନ୍ଦ୍ରଶେଖର ଦାଶ ସମ୍ପୃକ୍ତ ହାଇସ୍କୁଲର ପ୍ରଧାନ ଶିକ୍ଷକ ପି. କ୍ରିଷ୍ଣାରାଓ ଦୋରାଙ୍କୁ ସମସ୍ତ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ଏହା ପରେ ସମ୍ପୃକ୍ତ ମା' ଭରାଣ୍ଡି ଉଚ୍ଚ ବିଦ୍ୟାଳୟ ପରିବର୍ତ୍ତେ ନୋଡାଲ୍ ସରକାରୀ ଉଚ୍ଚ ବିଦ୍ୟାଳୟ, ମନ୍ଦାର ନାମରେ ନାମିତ କରାଯାଇଥିବା ନେଇ ପ୍ରଧାନ ଶିକ୍ଷକ କହିଛନ୍ତି।

# ଡାଲା ଅଟୋ ଧକ୍କାରେ ବାଇକ୍ ଚାଳକ ଗୁରୁତର




ଦୁର୍ଘଟଣାଗ୍ରସ୍ତ ଡାଲା ଅଟୋ ।

**ଦିଗପହଣ୍ଡି,୩୧।୧୦(ଡି.ଏନ.ଏ.)**

ଦିଗପହଣ୍ଡି–ବ୍ରହ୍ମପୁର ୧୭ନଂ. ରାଜ୍ୟ ରାଜପଥର ଗଣିଆନାଳ କୋଚିନଡ଼ା ଛକ ନିକଟରେ ଡାଲା ଅଟୋ ଧକ୍କାରେ ଜଣେ ବାଇକ ଚାଳକ ଗୁରୁତର ହୋଇଛନ୍ତି। ସେ ହେଲେ ପାଟପୁର ଥାନା ପିପିଲିଗୁଡ଼ା ଗ୍ରାମର ପ୍ରଦ୍ୟୁମ୍ନ ନାୟକ। ବୁଧବାର ଅପରାହ୍ନରେ ପ୍ରଦ୍ୟୁମ୍ନ ବାଇକ ଯୋଗେ ବ୍ରହ୍ମପୁରରୁ ଗ୍ରାମକୁ ଫେରୁଥିବା ବେଳେ ବିପରୀତ ଦିଗରୁ ଟାଟା ଏସିଇ ଡାଲା ଅଟୋଟି ତାଙ୍କୁ ଧକ୍କା ଦେଇ ରାସ୍ତାକଡ଼କୁ ଓଲଟି ପଡ଼ିଥିଲା। ଦିଗପହଣ୍ଡି ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥାରେ ସଙ୍କଟାପନ୍ନ ଥିବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ଦିଗପହଣ୍ଡି ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ି ୨ଟିକୁ ଜବତ କରି ତଦନ୍ତ ଚଳାଇଛି। ଅଟୋ ଚାଳକ ଫେରାର ଥିବା ପୋଲିସ କହିଛି।

# ପଥର ଖାଦାନରୁ କମ୍ପ୍ରେସର ଜବତ

**ବେଗୁନିଆପଡ଼ା,୩୧।୧୦(ଡି.ଏନ.ଏ.)**

ବେଗୁନିଆପଡ଼ା ବ୍ଲକର ବିଭିନ୍ନ ସ୍ଥାନରେ ବେନିୟମ ଭାବେ ଅନେକ ପାହାଡ଼ରେ ପଥର ଖୋଳା ଚାଲିଛି। ସୋମବାର ଏସ.ଛଟିନା ପଞ୍ଚାୟତର ବସନ୍ତ ବଣ (ବି) ପାହାଡ଼ରେ କମ୍ପ୍ରେସର ଲଗାଇ ପଥର ହୋଲ କରୁଥିବା ଖବର ପାଇ କୋଦଳା ତହସିଲଦାର ପ୍ରଭାତ କୁମାର ପରିଡ଼ା, ଅତିରିକ୍ତ ତହସିଲଦାର ଅଶୋକ କୁମାର ତ୍ରିପାଠୀ, ପି. ନୂଆଗାଁ ରାଜସ୍ୱ ନିରୀକ୍ଷକ ମଙ୍ଗୁଲୁ ନାୟକ ପ୍ରମୁଖ ସେଠାରେ ଚଢ଼ାଉ କରିଥିଲେ। କମ୍ପ୍ରେସର (ନଂ. ଓଆର୦୭ଏଚ୨୬୫୩) ଗାଡ଼ିକୁ ଜବତ କରିଥିଲେ। ଚାଳକ ଫେରାର୍ ଅଛନ୍ତି। ଗାଡ଼ିକୁ ବେଗୁନିଆପଡ଼ା ଫାଣ୍ଡିରେ ହସ୍ତାନ୍ତର କରିଥିଲେ। ଅତିରିକ୍ତ ତହସିଲଦାର ତ୍ରିପାଠୀ କହିଥିଲେ ଗାଡ଼ିକୁ ଜବତ କରାଯାଇ ତଦନ୍ତ ଚାଲିଛି। ମାଲିକ ଜଣାପଡ଼ିବା ପରେ ଜରିମାନା କରାଯିବ। ନଚେତ୍ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ସର୍ଦ୍ଦାର ବଲ୍ଲଭ ଭାଇଙ୍କ ଜୟନ୍ତୀ ସମାରୋହ

**ବ୍ରହ୍ମପୁର ଅଫିସ,୩୧।୧୦**

ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୪୪ତମ ଜୟନ୍ତୀ ସମାରୋହ ବ୍ରହ୍ମପୁରରେ ବୁଧବାର ପାଳିତ ହୋଇଯାଇଛି । ସ୍ଥାନୀୟ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ବହୁମୁଖୀ ସଂଘ ପକ୍ଷରୁ ଏନଜିଓ ହଲରେ ଆୟୋଜିତ ସମାବେଶରେ ସଭାପତି ରାମ କୁମାର ପାତ୍ର ଅଧକ୍ଷତା କରିଥିଲେ । ଦେଶ ସ୍ୱାଧୀନତା ଆନ୍ଦୋଳନରେ ବଲ୍ଲଭ ଭାଇଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଏବଂ ରାଜା ଓ ଜମିଦାର ପ୍ରଥା ଉଚ୍ଛେଦରେ ତାଙ୍କ ଅବଦାନ ସମ୍ପର୍କରେ ସେ ଆଲୋକପାତ କରିଥିଲେ। ସେହି ମହାନ ବ୍ୟକ୍ତିଙ୍କ ୧୮୨ ମିଟର ଉଚ୍ଚତାର ବିଶାଳ ପ୍ରତିମୂର୍ତ୍ତିକୁ ଗୁଜରାଟ ପ୍ରଦେଶର ନର୍ମଦା ଜିଲାରେ ସ୍ଥାପନ କରାଯାଇଥିବାରୁ ଏହାର ଉଦ୍ୟୋକ୍ତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା ।

ସମାରୋହରେ ଆରଏସ୍‌ଏସ୍‌ର ପ୍ରହଲାଦ ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧରେ ସାମାଜିକ କର୍ମୀ ଗଙ୍ଗାଧର ଶତପଥୀ, ଅଶୋକ ନିମାଇଁ, ରାଜେନ୍ଦ୍ର ପଣ୍ଡା, ଭାଜପା ଯୁବମୋର୍ଚ୍ଚା ନେତା ସିଦ୍ଧାନ୍ତ ଗଙ୍ଗଦେବ, କେଦାର ନାଥ ପାତ୍ର, କିଶୋର ପାତ୍ର, କିରଣ କୁମାର ସାହୁ, କେ. ରବି ରାଓ, ଆଲୋକ ଚୌଧୁରୀ, ହୃଷୀକେଶ ପାଢ଼ୀ ଓ କେଶବ ଚନ୍ଦ୍ର ପାଢ଼ୀ ପ୍ରମୁଖ ସ୍ୱର୍ଗତ ପଟେଲଙ୍କ ସ୍ମୃତିଚାରଣ କରିଥିଲେ। ସେହି ଅମ୍ଳାନ ଆତ୍ମାର ସଦ୍‌ଗତି କାମନା ସହ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ବିଭିନ୍ନସ୍ତରର ଅନେକ ଲୋକ ଉପସ୍ଥିତ ଥିଲେ ।



ସମାରୋହରେ ମଞ୍ଚାସୀନ ସଂଘ କର୍ମକର୍ତ୍ତା, ଅନ୍ୟମାନେ ।

# ଆଇଟିଆଇ ପରିଦର୍ଶନ କଲେ ହାଇସ୍କୁଲ ଛାତ୍ରୀ

**ବ୍ରହ୍ମପୁର ଅଫିସ,୩୧।୧୦**

ରାଜ୍ୟ ସରକାରଙ୍କ ସୁଦକ୍ଷା ଯୋଜନାରେ ଆଇଟିଆଇ ପାଠ୍ୟକ୍ରମରେ ଛାତ୍ରୀମାନଙ୍କ ପାଇଁ ଥିବା ବିଭିନ୍ନ ସୁବିଧା ସୁଯୋଗ ଉପରେ ଅବଗତ କରାଇବା ନେଇ ବ୍ରହ୍ମପୁର ଆଇଟିଆଇ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଗଞ୍ଜାମ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଅନୁଷ୍ଠାନ ଅଧକ୍ଷ ଡ. ରଜତ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଶନିବାରରୁ ଜିଲାର ହାଇସ୍କୁଲରେ ଦଶମ ଶ୍ରେଣୀରେ ଅଧ୍ୟୟନରତ ଛାତ୍ରୀଙ୍କୁ ଆଇଟିଆଇ ପାଠ୍ୟକ୍ରମ ଓ ସୁବିଧା ସୁଯୋଗ ସମ୍ପର୍କରେ ଅବଗତ କରାଯିବା ନେଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ମଙ୍ଗଳବାର ଗୋଞ୍ଜୁ ହାଇସ୍କୁଲର ୧୮, ଫୁଲଟା ନାରାୟଣୀ ହାଇସ୍କୁଲର ୩୪, ସିନ୍ଦୂରପୁର ହାଇସ୍କୁଲର ୫୪ ଛାତ୍ରୀ ବ୍ରହ୍ମପୁର ଆଇଟିଆଇ ପରିଦର୍ଶନ କରିଛନ୍ତି। ଛାତ୍ରୀମାନେ ଆଇଟିଆଇର ସ୍କ୍ରାପ୍ଟ ମ୍ୟୁଜିୟମ, କ୍ଲାସ ରୁମ ସମେତ ସମସ୍ତ ଟ୍ରେଡ ପରିଦର୍ଶନ କରିଥିଲେ। ଛାତ୍ରୀମାନଙ୍କ ପାଇଁ ଥିବା ଫିଟର, ଇଲେକ୍ଟ୍ରିସିଆନ, ଇଲୋକ୍ଟ୍ରୋନିକ୍ସ, ଟେଇଲୋରିଂ, କୋପା, ପେଣ୍ଟର, ଇନ୍‌ଷ୍ଟ୍ରୁମେଣ୍ଟ ମେକାନିକ, ସର୍ଭେ, ଇଣ୍ଡଷ୍ଟ୍ରିଆଲ ପେଇଣ୍ଟର ଟ୍ରେଡ ପାଠ୍ୟକ୍ରମ ଓ ଏହାଦ୍ୱାର ଥିବା ନିଯୁକ୍ତି ସୁଯୋଗ ଉପରେ ଛାତ୍ରୀମାନଙ୍କୁ ବୁଝାଯାଇଥିଲା। ବର୍ତ୍ତମାନ ଆଇଟିଆଇର ପ୍ରତ୍ୟେକ ଟ୍ରେଡରେ ୩୩ ପ୍ରତିଶତ ସିଟ ଛାତ୍ରୀମାନଙ୍କ ପାଇଁ ସଂରକ୍ଷିତ ରହିଛି। କିନ୍ତୁ ଏହି ସୁବିଧା ସୁଯୋଗ ସମ୍ପର୍କରେ ଛାତ୍ରୀ ତଥା ସେମାନଙ୍କ ଅଭିଭାବକମାନେ ଅବଗତ ହୋଇପାରୁ ନାହାନ୍ତି। ଏଭଳି କାର୍ଯ୍ୟକ୍ରମ ମାଧମରେ ଛାତ୍ରୀ ଓ ଅଭିଭାବକଙ୍କୁ ଆଇଟିଆଇ ପାଠ୍ୟକ୍ରମରେ ଥିବା ସୁବିଧା ଓ ସୁଯୋଗ ସମ୍ପର୍କରେ ଅବଗତ କରାଇବା ସହ ସେମାନଙ୍କୁ ଉତ୍ତମ ଭବିଷ୍ୟତ ଗଠନ କରିବା ମୂଳଲକ୍ଷ୍ୟ ବୋଲି ଅଧକ୍ଷ ପାଣିଗ୍ରାହୀ କହିଛନ୍ତି। ଏହି କାର୍ଯ୍ୟକ୍ରମ ଆସନ୍ତା ଏକ ସପ୍ତାହ ଧରି ଅନୁଷ୍ଠିତ ହେବାକୁ ଥିବା ସେ ସୂଚାଇଛନ୍ତି।



ଆଇଟିଆଇ ପରିଦର୍ଶନରେ ଆସିଥିବା ହାଇସ୍କୁଲ ଛାତ୍ରୀ ଓ ଅନ୍ୟମାନେ ।